NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
12 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
4 FEBRUARY 2025
ମଙ୍ଗଳବାର
୪ ଫେବୃଆରୀ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 257 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୨୫୭ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ରେଳ ବଜେଟ୍

# ଓଡ଼ିଶାକୁ ୧୦,୫୯୯ କୋଟି

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:**

ଓଡ଼ିଶାର ରେଳ ବିକାଶ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବଜେଟ୍‌ରେ ୧୦,୫୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ଅଧିକ । ଏଥିଯୋଗୁଁ ରାଜ୍ୟରେ ଅତୁଳନୀୟ ଅଭିବୃଦ୍ଧି, ଆଧୁନିକୀକରଣ ଓ ସଂଯୋଗୀକରଣ ସମ୍ଭବ ହେବ । ବଜେଟ୍‌ରେ ୬ ଷ୍ଟେସନ୍‌କୁ ପୁନର୍ବିକାଶ ପାଇଁ ବ୍ୟୟବରାଦ ହୋଇଛି । ୩୪୮ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଷ୍ଟେସନ୍, ୩୦୮ କୋଟିରେ ଭୁବନେଶ୍ୱର, ୩୦୩ କୋଟିରେ କଟକ, ୧୬୨ କୋଟିରେ ପୁରୀ, ୧୯୭ କୋଟିରେ ବାଲେଶ୍ୱର, ୪୧ କୋଟିରେ ରାୟଗଡ଼ା ଏବଂ ୪୩ କୋଟି ବ୍ୟୟରେ ଭଦ୍ରକ ରେଳଷ୍ଟେସନ୍‌ର ପୁନର୍ବିକାଶ ହେଉଛି । ସେହିପରି ଚାଲୁଥିବା ପ୍ରକଳ୍ପ ଓ ଭବିଷ୍ୟତର ନିବେଶ ଭାରତର ରେଳ ନେଟ୍‌ୱାର୍କରେ ଏକ ପ୍ରମୁଖ ଭାଗିଦାରୀ ଭାବରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।

ସୋମବାର ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ରେଳ ବିକାଶ ପାଇଁ କେନ୍ଦ୍ର ବଜେଟ୍‌ରେ ୨୦୦୯-୨୦୧୪ ଅବଧିରେ ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ଆବଣ୍ଟିତ ହୋଇଥିଲାବେଳେ ଚଳିତ ବଜେଟ୍‌ରେ ୧୦,୫୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗତ ତିନିବର୍ଷ ମଧ୍ୟରେ ରେଳ ବିକାଶ ପାଇଁ ଓଡ଼ିଶାକୁ ବାର୍ଷିକ ୧୦ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବଜେଟ୍ ରାଶି ଯୋଗାଇ ଦିଆଯାଇଛି । ରାଜ୍ୟର ରେଳ ବିକାଶ କ୍ଷେତ୍ରରେ ୭୮ହଜାର କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏହା ବ୍ୟତୀତ ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦ହଜାର କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି ।

ରେଳମନ୍ତ୍ରୀ କହିଛନ୍ତି ଯେ ୨୦୧୪-୨୦୨୫ ମଧ୍ୟରେ, ୧୮୬ କିଲୋମିଟର ନୂତନ ଟ୍ରାକ୍ ବାର୍ଷିକ ହାରାହାରି ବିଛାଯାଇଛି । ୨୦୦୯-୨୦୧୪ ମଧ୍ୟରେ ହାରାହାରି ୫୩ କିଲୋମିଟର ଥିଲା । ଏହା ୨୦୦୯-୨୦୧୪ ସମୟ ମଧ୍ୟରେ ଯୋଡ଼ାଯାଇଥିବା ଟ୍ରେନ୍ ଲାଇନ୍ ଅପେକ୍ଷା ୩.୫ ଗୁଣ ଅଧିକ । ଓଡ଼ିଶାର ବିଦ୍ୟୁତୀକରଣ ପ୍ରୟାସରେ ୪.୫ ଗୁଣ ବୃଦ୍ଧିଘଟିଛି । ୨୦୧୪-୨୦୨୫ ମଧ୍ୟରେ ୧୩୮ କିଲୋମିଟର ହାରାହାରି ବିଦ୍ୟୁତୀକରଣ ଟ୍ରାକ୍ ହୋଇଛି । ତାହା ୨୦୦୯-୧୪ ଅବଧିରେ ମାତ୍ର ୨୯କିଲୋମିଟର ଥିଲା । ଓଡ଼ିଶା ମଧ୍ୟ ୧୦୦% ବିଦ୍ୟୁତୀକରଣ ହାସଲ କରିଛି । ବର୍ତ୍ତମାନ ସୁଦ୍ଧା ୧୫୧୬ କିଲୋମିଟର ଟ୍ରାକ୍‌କୁ ବିଦ୍ୟୁତୀକରଣ କରାଯାଇଛି ।

ରେଳ ମନ୍ତ୍ରୀ କହିଛନ୍ତି, ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ୨୦୪୬ କିଲୋମିଟରରୁ ଅଧିକ ନୂତନ ଟ୍ରାକ୍ ନିର୍ମାଣ କରାଯାଇଛି । ତାହା ମାଲେସିଆର ସମଗ୍ର ରେଳ ନେଟ୍‌ୱାର୍କକୁ ଅତିକ୍ରମ କରିଛି । ବର୍ତ୍ତମାନ, ୪୮ଟି ନୂତନ ଟ୍ରାକ୍ ପ୍ରକଳ୍ପ ଚାଲିଛି । ମୋଟ୍ ୪,୭୮୪ କିଲୋମିଟର ଟ୍ରାକ୍ ବିକଶିତ ହେଉଛି । ଏଥିପାଇଁ ୭୩,୭୨୩ କୋଟି ଟଙ୍କା ନିବେଶ ହେବ । ଅମୃତ ଷ୍ଟେସନ ବାବଦରେ ବଜେଟ୍‌ରେ ୨,୩୭୯ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଭୁବନେଶ୍ୱର, କଟକ, ପୁରୀ,

▶▶ ୭




- ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ଅଧିକ
- ରେଳ ବଜେଟ୍ ୧୦ ହଜାର କୋଟି ପାର କରିଛି
- ୧୦ ବର୍ଷରେ ୨୦୪୬ କିମି ନୂଆ ଟ୍ରାକ୍ ନିର୍ମାଣ
- ଚାଲିଛି ୭୮ ହଜାର କୋଟିର ପ୍ରକଳ୍ପ ନିର୍ମାଣ
- ୫୯ ଅମୃତ ଷ୍ଟେସନ୍ ପାଇଁ ବ୍ୟୟବରାଦ
- ୬ ରେଳ ଷ୍ଟେସନ୍‌ର ପୁନର୍ବିକାଶ ପାଇଁ ଫୋକସ୍



## ରେଳବାଇ ବିକାଶକୁ ବଡ଼ ଗତି ମିଳିବ



**ଭୁବନେଶ୍ୱର:** ମୋଦୀ ସରକାରଙ୍କ ତୃତୀୟ ପାଳିରେ ଆର୍ଥିକ ବର୍ଷ ୨୦୨୫-୨୬ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଓଡ଼ିଶାକୁ ରେଳ କ୍ଷେତ୍ରରେ ୧୦ ହଜାର ୫୯୯ କୋଟି ଟଙ୍କା ରେକର୍ଡ ସଂଖ୍ୟକ ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିକଶିତ ଭାରତ ବଜେଟ୍‌ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ମୋଦୀ ସରକାର ଗୁରୁତ୍ୱ ଦେଇଛନ୍ତି । ପୂର୍ବ କଂଗ୍ରେସ ସରକାର ଶେଷ ୫ବର୍ଷରେ ହାରାହାରି ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କା ଅନୁଦାନ ମିଳୁଥିଲା । ମାତ୍ର ମୋଦୀ ସରକାରରେ

▶▶ ୭

## ‘ବିକଶିତ ଓଡ଼ିଶା’ ନିର୍ମାଣରେ ହେବ ସହାୟକ



**ଭୁବନେଶ୍ୱର:** ଓଡ଼ିଶାର ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଆର୍ଥିକବର୍ଷ ୨୦୨୫-୨୬ ପାଇଁ ଓଡ଼ିଶାକୁ ରେଳ ବଜେଟ୍ ବାବଦରେ ମୋଟ୍ ୧୦,୫୯୯ କୋଟି ମଞ୍ଜୁର ପ୍ରଦାନ କରାଯାଇଛି । ଏହାଦ୍ୱାରା ରେଳପଥର ବିକାଶ, ଭିତ୍ତିଭୂମିର ଉନ୍ନତି ଇତ୍ୟାଦି ତ୍ୱରାନ୍ୱିତ ହେବ । ଯାହାକି ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ‘ବିକଶିତ ଓଡ଼ିଶା’ ନିର୍ମାଣରେ ସହାୟକ ହେବ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ସିତାରମଣ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।

## ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୭.୨୯

**ନୂଆଦିଲ୍ଲୀ,୩।୨/ଏଜେନ୍ସି:**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ‘ଟଙ୍କା’ ଅପେକ୍ଷାକୃତ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ନିଜ ଦେଶର ସୀମା ଶୁଳ୍କ ନୀତିରେ ପରିବର୍ତ୍ତନ କରିବା ଏବଂ କାନାଡା, ମେକ୍ସିକୋ ଏବଂ ଚୀନ୍ ଉପରେ ବର୍ଦ୍ଧିତ ସୀମା ଶୁଳ୍କ ଲାଗୁ କରିବାକୁ ନିର୍ଦ୍ଦେଶନାମା ସ୍ୱାକ୍ଷର କରିବାର ଦିନକ ପରେ ଏସବୁ ଦେଶର ମୁଦ୍ରା ମୂଲ୍ୟରେ ତୀବ୍ର ହ୍ରାସ ଘଟିଛି । ଭାରତ ଉପରେ ମଧ୍ୟ ଏହାର ଜବରଦସ୍ତ ପ୍ରଭାବ ପଡ଼ିଛି । ସୋମବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ‘ଟଙ୍କା’ ମୂଲ୍ୟ ପୁଣିଥରେ ୬୭ ପଇସା ପର୍ଯ୍ୟନ୍ତ ହ୍ରାସ ପାଇଛି, ଯାହାଫଳରେ ଆମେରିକାର ୧ ଡଲାର ମୂଲ୍ୟ ଏବେ ଭାରତୀୟ ଟଙ୍କା ହିସାବରେ ୮୭.୨୯କୁ ବୃଦ୍ଧି ପାଇଛି ।

ରିପୋର୍ଟ ଅନୁଯାୟୀ ସୋମବାର ଫରେନ୍ ଏକ୍ସଚେଞ୍ଜ (ଆନ୍ତଃବ୍ୟାଙ୍କ) ଡଲାର ପିଛା ୮୦ ଟଙ୍କାରୁ ଖୋଲିଥିବା ବେଳେ କାରବାର ଶେଷ ବେଳକୁ ଏହା ୮୭.୨୯ରେ ପହଞ୍ଚିଥିଲା । ପ୍ରକାଶ, ଟ୍ରମ୍ପ କାନାଡା ଏବଂ ମେକ୍ସିକୋ ଉପରେ ୨୫ ପ୍ରତିଶତ ଏବଂ ଚୀନ୍ ଉପରେ ୧୦

▶▶ ୭

## ଦିଲ୍ଲୀ ନିର୍ବାଚନ: ଶେଷ ହେଲା ପ୍ରଚାର

**ନୂଆଦିଲ୍ଲୀ,୩।୨/ଏଜେନ୍ସି:**

ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ପର୍ବ ଶେଷ ହୋଇଛି । ଦିନକ ପରେ ଅର୍ଥାତ୍ ବୁଧବାର (୫ ତାରିଖ) ଦିଲ୍ଲୀର ସମସ୍ତ ୭୦ ଆସନରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହି ଦିନ ଦିଲ୍ଲୀର ପ୍ରାୟ ୧୫.୬ ନିୟୁତ ମତଦାତା ସେମାନଙ୍କ ମତଦାନ ଅଧିକାର ବ୍ୟବହାର କରିବେ । ଆଜି ଅନ୍ତିମ ପ୍ରଚାର ଥିବାରୁ ଭୋଟରଙ୍କୁ ମନାଇବାକୁ ସବୁ ରାଜନୈତିକ ଦଳ ପକ୍ଷରୁ ଜୋରଦାର ଉଦ୍ୟମ ଦେଖିବାକୁ ମିଳିଛି । ରାଜନେତା, ଷ୍ଟାର ପ୍ରଚାରକ ତଥା ସମର୍ଥକମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚି ନିଜ ପ୍ରତିଶ୍ରୁତି ଦୋହରାଇବା ସହ ସେମାନଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରିଛନ୍ତି । ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଭଳି ହେଭିୱେଟ୍ ନେତାମାନେ ମଧ୍ୟ ପ୍ରଚାର କରିଛନ୍ତି । ତେବେ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ଦିଲ୍ଲୀର ସମସ୍ତ ୭୦ଟି ବିଧାନସଭା ଆସନ ପାଇଁ ମୋଟ୍ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଫେବୃଆରୀ ୮ରେ ଦିଲ୍ଲୀ ଫଳାଫଳ ପ୍ରକାଶ ପାଇବ ।

ଦିଲ୍ଲୀରେ ଏଥର ତିନି ଦଳ ଆମ୍ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ । କେନ୍ଦ୍ରରେ ଲଗାତର ୩ଥର କ୍ଷମତା ଦଖଲ କରିଆସିଥିଲେ ସୁଦ୍ଧା ଗତ ୨୭ ବର୍ଷ ହେଲା ବିଜେପି ଦିଲ୍ଲୀରେ କିନ୍ତୁ ବିଫଳ ହୋଇଆସୁଛି । ସେହିପରି ଶୀଲା ଦୀକ୍ଷିତଙ୍କ ପରେ କଂଗ୍ରେସ ମଧ୍ୟ ଦିଲ୍ଲୀ ସତ୍ତା ଠାରୁ ଦୂରରେ ରହିଛି । ଆମ୍ ଆଦମୀ ପାର୍ଟିର ଅଭ୍ୟୁଦୟ ପରେ ଏହି ଦଳକୁ ସେଠାରେ ଆଶ୍ଚର୍ଯ୍ୟଜନକ ଭାବରେ ସଫଳତା ମିଳିଛି । ସୁତରାଂ ଉଭୟ ବିଜେପି ଏଥର କ୍ଷମତାକୁ ଫେରିବା ପାଇଁ ମୈଦାନକୁ ଓହ୍ଲାଇଥିବା ବେଳେ ଆପ୍ ନିଜ ସତ୍ତାକୁ ବଜାୟ ରଖିବା ପାଇଁ ଲଢୁଛି । ଏସବୁ ମଧ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ଦିଲ୍ଲୀର ସମସ୍ତ ଲୋକସଭା ଆସନରେ ବିଜେପି ବିଜୟୀ ହୋଇଥିବାରୁ ଏଥର ବିଜେପି ଦିଲ୍ଲୀରେ ଏକ ନୂଆ ରେକର୍ଡ କରିପାରେ ବୋଲି ଅନୁମାନ କରାଯାଉଛି । ଆମ ଆଦମୀ ପାର୍ଟି ନିଜର ସୁଶାସନ କଥା କହି ନିର୍ବାଚନ ଲଢୁଥିବା ବେଳେ ଆପ୍‌ର ଜାତୀୟ ସଂଯୋଜକ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ଏବଂ ତାଙ୍କର ଅଧିକାଂଶ ନେତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି, ଭ୍ରଷ୍ଟାଚାର ଭଳି ଅଭିଯୋଗକୁ ନିର୍ବାଚନ ପ୍ରସଙ୍ଗ କରିଛି ବିଜେପି । ସେହିପରି କଂଗ୍ରେସ ମଧ୍ୟ ଦିଲ୍ଲୀବାସୀଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଇଛି । ଏସବୁ ମଧ୍ୟରେ ଦିଲ୍ଲୀ ନିର୍ବାଚନ କାହା ସପକ୍ଷରେ ଯିବ, ସେନେଇ ଚର୍ଚ୍ଚା ବଢୁଛି ।

ଅନ୍ୟ ଏକ ରିପୋର୍ଟ ଅନୁସାରେ ନିର୍ବାଚନ ଆୟୋଗ ଫେବୃଆରି ୫ ତାରିଖ ସକାଳ ୭ଟାରୁ

▶▶ ୭

୫ରେ ଭୋଟ୍, ୮ରେ ଗଣତି




## ଘନ କୁହୁଡ଼ି ୧୧ ଜିଲ୍ଲାକୁ ୟେଲୋ ଆଲର୍ଟ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:**

ରାଜ୍ୟରେ ଫେବୃଆରୀ ତାତି ବଢ଼ିବାରେ ଲାଗିଛି । ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୫ରୁ ୬ ଡିଗ୍ରୀ ବଢ଼ିଥିବା ବେଳେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏହିଭଳି ପାଣିପାଗ ରହିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ବିଶେଷକରି ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଇବ । ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର, କଳାହାଣ୍ଡି, ଗଜପତି, ନୂଆପଡ଼ା, ଅନୁଗୁଳ, ଢେଙ୍କାନାଳ ସମେତ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ବି ଅହେତୁକ ଭାବରେ ବୃଦ୍ଧି ପାଇବ । ବର୍ତ୍ତମାନ ରାଜ୍ୟରେ ମେଘମୁକ୍ତ ଆକାଶ ସହ ସୂର୍ଯ୍ୟଙ୍କ ଟାଣ କିରଣ ପାଇଁ ପାରଦ ଉପରମୁହାଁ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ‘ବର୍ତ୍ତମାନ ପୂରା ଓଡ଼ିଶାରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଛି । ବିଶେଷକରି ଉପକୂଳ ଓଡ଼ିଶାରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ଡିଗ୍ରୀ ଅଧିକ ରହିଛି । ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ ଅଧିକ ରହିଛି । ପୂରା ରାଜ୍ୟରେ ଦିନ ତାପମାତ୍ରା ଓ ରାତି ତାପମାତ୍ରା ସାଧାରଣ ଭାବେ ଯେତିକି ରହିବା କଥା ତା’ଠାରୁ ଅଧିକ ରହିଛି । ଚଳିତବର୍ଷ ଫେବୃଆରୀରେ ଦିନ ଓ ରାତି ତାପମାତ୍ରା ସ୍ୱାଭାବିକଠାରୁ ଉପରେ ରହିଛି । ତାପମାତ୍ରା ଅଧିକ ଥିଲେ ମଧ୍ୟ ଏହା ହିଟ୍ ୱେଭ୍ ନୁହେଁ । ୪୦ଡିଗ୍ରୀ ଉପରକୁ ତାପମାତ୍ରା ଗଲେ ତାକୁ ହିଟୱେଭ କୁହାଯାଏ । ଏବେ ସୁଦ୍ଧା ରାଜ୍ୟରେ କେଉଁଠି ବି ତାପମାତ୍ରା ୪୦ ଡିଗ୍ରୀ ଛୁଇଁନାହିଁ । ସର୍ବାଧିକ ବଲାଙ୍ଗୀରରେ ୩୬.୭ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱରରେ ସର୍ବାଧିକ ରେକର୍ଡ ୩୪.୯ ଡିଗ୍ରୀ ସେଲସିୟସ ରହିଛି । ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ । ରାଜ୍ୟରେ ଗ୍ରୀଷ୍ମ ଲହରୀ ଛୁଇଁନାହିଁ । ଆଗାମୀ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଅନ୍ୟପଟେ ରାଜ୍ୟରେ କିଛି ସ୍ଥାନରେ କୁହୁଡି ଓ ଘନ କୁହୁଡି ଦେଖାଯିବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ଆସନ୍ତାକାଲି ସକାଳ ସମୟରେ ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ ଏବଂ ନୟାଗଡ଼ରେ ଘନକୁହୁଡ଼ି ନେଇ ସତର୍କତା ଜାରି କରାଯାଇଛି । ୨୪ ଘଣ୍ଟା ପର୍ଯ୍ୟନ୍ତ ଘନକୁହୁଡି ନେଇ ୧୧ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ସେହିଭଳି ୫ ତାରିଖରେ ଭଦ୍ରକ,

▶▶ ୭

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ଅଷ୍ଟମ ପାଳି

## ୮୧% ମାମଲାର ହୋଇଛି ସମାଧାନ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:**

ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି । ଗତବର୍ଷ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ସପ୍ତମ ପାଳି ସୁଦ୍ଧା ୮୧ % କେସ୍ ସମାଧାନ ହୋଇଛି । ଗତ ୭ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ସମୁଦାୟ ୮୦୩୧ ଅଭିଯୋଗପତ୍ର ମଧ୍ୟରୁ ୬୫୪୫ ଅଭିଯୋଗର ସମାଧାନ କରାଯାଇଛି । ପ୍ରଥମ ପାଳିରେ ୯୦% ଅଭିଯୋଗର ସମାଧାନ ହୋଇଥିଲାବେଳେ ଦ୍ୱିତୀୟ ପାଳିରେ ୮୮ %, ତୃତୀୟ ପାଳିରେ ୮୬ %, ଚତୁର୍ଥ ପାଳିରେ ୮୪ %, ପଞ୍ଚମ ପାଳିରେ ୮୩%, ଷଷ୍ଠ ପାଳିରେ ୫୪ % ଏବଂ ସପ୍ତମ ପାଳିରେ ୪୭% ଅଭିଯୋଗର ସମାଧାନ କରାଯାଇଛି । ଏହି ସୂଚନା କହିଛନ୍ତି ମୋହନ ଚରଣ ମାଝୀ ।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ଅଷ୍ଟମ ପାଳି ଥିଲା । ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ବାହାରେ ଚେୟାର୍‌ରେ ବସିଥିବା ପ୍ରାୟ ୩୦ ଭିନ୍ନକ୍ଷମଙ୍କୁ ଭେଟିଥିଲେ । ସେମାନଙ୍କ ସମସ୍ୟା ଅଭିଯୋଗକୁ ଗୋଟି ଗୋଟି କରି ଶୁଣିବା ପରେ ପାଖରେ ଥିବା ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସ୍‌ରେ ରହିଛି । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ । ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱଦେଇ ଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ । ହଇରାଣ ଓ ଖର୍ଚ୍ଚାନ୍ତ ହୋଇ ଏଠାକୁ ନ ଆସି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଥମେ ଅଭିଯୋଗ ଜଣାନ୍ତୁ, ସେଠାରେ ମଧ୍ୟ ସମାଧାନ ହେଉଛି । ଜଟିଳ ସମସ୍ୟା ହେଲେ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସନ୍ତୁ ।

ମୁଖ୍ୟମନ୍ତ୍ରୀଙ୍କ ଶୁଣାଣିକୁ ବୌଦ୍ଧ ଜିଲ୍ଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରିଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ । ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ । ଏହି ରୋଗର ଚିକିତ୍ସା ମଧ୍ୟ ବହୁ ବ୍ୟୟସାପେକ୍ଷ । ଗତ ଡିସେମ୍ବର ୩୦ ତାରିଖରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ । ମୁଖ୍ୟମନ୍ତ୍ରୀ ପିଲାଟିର ଅବସ୍ଥା ଦେଖି ତାକୁ ତୁରନ୍ତ କ୍ୟାପିଟାଲ୍ ହସପିଟାଲ୍ ଏବଂ

▶▶ ୭

ବୌଦ୍ଧର ପ୍ରତ୍ୟୁଷା ଗିରିଙ୍କ ଚିକିତ୍ସା ପାଇଁ ୫ ଲକ୍ଷ



## ଚାଷୀ ସାଜି ମଣ୍ଡିରେ ଜିଲ୍ଲାପାଳ

**ଭଦ୍ରକ,ଧାମନଗର,୩।୨/ଏନ୍ଏନ୍ଏସ:**

ଦେହରେ ହାପ୍ ପ୍ୟାଣ୍ଟ,ଟି-ସାର୍ଟ ଆଉ ମୁଣ୍ଡରେ ଟୋପି ସାଙ୍ଗକୁ ମୁହଁରେ ମାସ୍କ । ସାଧାରଣ ମଣିଷ ଭଳି ଯାଇ ସମିତିରେ ଚାଷୀ ସାଜି ଧାଡ଼ିରେ ଛିଡ଼ାହେଲେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ । ନିଜର ଧାନ ବିକିବାକୁ କହି ସମିତି ସମ୍ପାଦକଙ୍କଠାରୁ ଟୋକନ୍ ଠାରୁ କଟ୍‌ନି ଛଟ୍‌ନି ବାବଦରେ ପଚାରି ବୁଝିଲେ । ସମ୍ପାଦକଙ୍କ କଥାବାର୍ତ୍ତାରୁ ଯାହା ଜାଣିଲେ, ତାହା ସୂଚେଇ ଦେଲା ଯେ ସରକାରଙ୍କ ନିର୍ଦ୍ଦେଶକୁ ଫୁ’ କରି ସମବାୟ ସମିତିରେ ଚାଷୀଙ୍କୁ ଶୋଷଣ କରାଯାଉଛି । ଏହା ପରେ ପରେ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିବା ଜଣାପଡ଼ିଛି । ଏଭଳି ରୋଚକ ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ । ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବା ପାଇଁ ମିଳିଛି । ସରକାରଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ମଣ୍ଡିରେ କଟ୍‌ନି-ଛଟ୍‌ନି ଚାଲିଥିବା ଅଭିଯୋଗ ହୋଇଆସୁଛି । ସମିତିରେ ଧାନ ବିକ୍ରି ବେଳେ ଚାଷୀ କ୍ୱିଣ୍ଟାଲ ପିଛା ୮/୯ କିଲୋ କଟ୍‌ନି ଛଟ୍‌ନିର ଶିକାର ହେଉଛନ୍ତି । ଏହାର ବାସ୍ତବତା ପରଖିବା ପାଇଁ ଶନିବାର ଅପରାହ୍ଣରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ନିଜର ବ୍ୟକ୍ତିଗତ ସହାୟକ ଏବଂ ଡ୍ରାଇଭର୍‌କୁ ନେଇ ଛଦ୍ମବେଶରେ ଚାଷୀହୋଇ ଧାମନଗର ବ୍ଲକ ସହିଦ ନଗରରେ ଥିବା କଟସାହି ସେବା ସମବାୟ ସମିତି(ମଣ୍ଡି)ରେ ଚାଷୀ ବେଶରେ ପହଞ୍ଚିଥିଲେ । ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧାଡିରେ ଠିଆ ହୋଇ ସମିତିର ସମ୍ପାଦକ ବିନମ୍ର ଦଳାଇଙ୍କୁ ଭେଟିଥିଲେ । ପାଖ ଏକ ଗାଁ’ର ଚାଷୀ ବୋଲି ପରିଚୟ ଦେଇ ଜିଲ୍ଲାପାଳ ସମ୍ପାଦକଙ୍କୁ ଟୋକନ ଯୋଗାଇ ଦେବା ସହ କେବେ ଧାନ ଦେବେ ଏବଂ କଟନି ଛଟନି କେତେ ହେଉଥିବା ପଚାରି ବୁଝିଥିଲେ । ଗ୍ରାଉଣ୍ଡ ଜିରୋରୁ ସ୍ଥିତି ପରଖି ଫେରିଯିବା ପରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କଟସାହି ସେବା ସମବାୟ ସମିତିର ସମ୍ପାଦକ ବିନମ୍ର ଦଳାଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



# ମୋଦୀଙ୍କ ନିଆରା ପ୍ରଚାର

## ସ୍କୁଲ୍ ପିଲାଙ୍କ ସହ କଥାହେଲେ, ଆପ୍‌କୁ ଟାର୍ଗେଟ୍ କଲେ



**ନୂଆଦିଲ୍ଲୀ,୩।୨/ଏଜେନ୍ସି:** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଚାର ପର୍ବ ଶେଷ ହୋଇଛି। ଦିନକ ପରେ ଦିଲ୍ଲୀର ସମସ୍ତ ୭୦ ଆସନରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଆଜି ଅନ୍ତିମ ପ୍ରଚାର ଥିବାରୁ ଭୋଟରଙ୍କୁ ମନାଇବାକୁ ସବୁ ରାଜନୈତିକ ଦଳ ପକ୍ଷରୁ ଜୋରଦାର ଉଦ୍ୟମ ଦେଖିବାକୁ ମିଳିଥିଲା। ଏହିକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ନିଜର ଏକ ନିଆରା ଶୈଳୀରେ ଶାସକ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଗୋଟିଏ ପଟେ ଯେଉଁଠି ଅଧିକାଂଶ ନେତାମାନେ ସାଧାରଣ ଲୋକଙ୍କ ଗହଣକୁ ଯାଇ ପ୍ରଚାର କରିଛନ୍ତି ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ସ୍କୁଲ ପିଲାଙ୍କ ସହ କଥା ହୋଇଛନ୍ତି। ମୋଦୀଙ୍କୁ ସ୍କୁଲ ପିଲାଙ୍କ ସହ ଏକ ଗଛମୂଳେ ବସି ମନଖୋଲା ଆଲୋଚନା କରିବା ଦେଖିବାକୁ ମିଳିଛି। ଆପ୍ ନିଜ ଭାବମୂର୍ତ୍ତି ଚମକାଇବା ପାଇଁ ପିଲାଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଉଛି, ଏହା ସବୁଠୁ ବଡ ବେଇମାନ କାମ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

### ଫୋର୍ବସ ପ୍ରସ୍ତୁତ ବିଶ୍ୱର ୧୦ ଶକ୍ତିଶାଳୀ ଦେଶଙ୍କ ତାଲିକା

# ଟପ୍ ଟେନ୍‌ରେ 'ଭାରତ' ନାହିଁ

**ନୂଆଦିଲ୍ଲୀ/ୱାଶିଂଟନ୍, ୩।୨/ଏଜେନ୍ସି:** ଖ୍ୟାତନାମା ଅନ୍ତର୍ଜାତୀୟ ବ୍ୟବସାୟଭିତ୍ତିକ ପତ୍ରିକା 'ଫୋର୍ବସ' ୨୦୨୫ ବର୍ଷ ପାଇଁ ବିଶ୍ୱର ୧୦ ଶକ୍ତିଶାଳୀ ଦେଶଙ୍କୁ ନେଇ ଏକ ତାଲିକା ପ୍ରକାଶ କରିଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ୧୦ ରାଷ୍ଟ୍ର ବିଶିଷ୍ଟ ତାଲିକାରେ ଭାରତ'କୁ ସ୍ଥାନ ମିଳିନାହିଁ। ଯାହାକି ଏକ ନୂଆ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଫୋର୍ବସ ଦର୍ଶାଇଛି ଯେ, ଏହି ତାଲିକା ୫ଟି ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ପାରାମିଟର ଉପରେ ଆଧାରିତ। ଏହି ତାଲିକା ଯେକୌଣସି ଦେଶର ନେତା, ଆର୍ଥିକ ପ୍ରଭାବ, ରାଜନୈତିକ ପ୍ରଭାବ, ଦୃଢ଼ ଅନ୍ତର୍ଜାତୀୟ ମେଣ୍ଟ ଏବଂ ଦୃଢ଼ ସାମରିକ ବାହିନୀ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ର୍‍ୟାଙ୍କିଂ ମଡେଲ ଡବ୍ଲ୍ୟୁପିପିର ଏକ ୟୁନିଟ୍ ବିଏଭି ଗ୍ରୁପ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ଗବେଷଣା ଦଳର ନେତୃତ୍ୱ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାର୍ଟନ ସ୍କୁଲର ପ୍ରଫେସର ଡେଭିଡ ରିବଷ୍ଟାଇନ ନେଇଥିଲେ। ତେବେ ଏହି ତାଲିକାର ଶୀର୍ଷ ୩ଟି ସ୍ଥାନରେ ଯଥାକ୍ରମେ ଆମେରିକା, ଚୀନ୍ ଓ ରୁଷ୍ ରହିଥିବା ବେଳେ ୪ର୍ଥରେ ଇଂଲଣ୍ଡ, ୫ମରେ ଜର୍ମାନୀ, ୬ଷ୍ଠରେ ଦକ୍ଷିଣ କୋରିଆ, ୭ମରେ ଫ୍ରାନ୍ସ, ୮ମରେ ଜାପାନ, ୯ମରେ ସାଉଦି ଆରବ ଏବଂ ୧୦ମରେ ଇସ୍ରାଏଲ ଆଦି ରାଷ୍ଟ୍ର ରହିଛନ୍ତି। ଭାରତ ଏହି ତାଲିକାରେ ୧୨ଶ ସ୍ଥାନରେ ରହିଛି।




ତେବେ ଭାରତର ବିଶାଳ ଜନସଂଖ୍ୟା, ସାମରିକ ଶକ୍ତି ଏବଂ ଆର୍ଥିକ ପ୍ରଗତିକୁ ଦୃଷ୍ଟିରେ ରଖି, ଏହାକୁ ଏହି ତାଲିକାରୁ ବାହାରେ ରଖିବା ଆଶ୍ଚର୍ଯ୍ୟଜନକ। ଚତୁର୍ଥ ବୃହତ୍ତମ ସେନା ଏବଂ ପଞ୍ଚମ ବୃହତ୍ତମ ଅର୍ଥନୀତି ଥିବା ସତ୍ତ୍ୱେ, ଭାରତକୁ ଏହି ତାଲିକାରେ ସ୍ଥାନ ଦିଆନଯିବାକୁ ନେଇ ଅନେକ ବିଶେଷଜ୍ଞ ଏବଂ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ଫୋର୍ବସର ର୍‍ୟାଙ୍କିଂ ପଦ୍ଧତି ଭାରତର ପ୍ରଭାବକୁ ସଠିକ୍ ଭାବରେ ମୂଲ୍ୟାଙ୍କନ କରିବାରେ ବିଫଳ ହୋଇଛି ବୋଲି ମତ ପ୍ରକାଶ ପାଇଛି। ଆମେରିକା, ଚୀନ୍, ଏବଂ ରୁଷିଆ ଭଳି ଦେଶମାନେ ସେମାନଙ୍କର ଦୃଢ଼ ସ୍ଥିତି ବଜାୟ ରଖିଛନ୍ତି, ଯେତେବେଳେ ଫୋର୍ବସ ଭାରତ ଭଳି ଉଦୀୟମାନ ଶକ୍ତିକୁ ବାଦ ଦେଇ ସମାଲୋଚନାର ଶିକାର ହୋଇଛି।

# ସ୍ୱାମୀର କିଡ୍‌ନୀ ବିକ୍ରି ଟଙ୍କା ନେଇ ପ୍ରେମିକ ସହ ଫେରାର ସ୍ତ୍ରୀ

**କୋଲକାତା, ୩।୨/ଏଜେନ୍ସି:** ପଶ୍ଚିମବଙ୍ଗର ହାୱଡ଼ା ଜିଲ୍ଲା ସାଙ୍କ୍ରେଲ୍ ସହରରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ନିଜ ପତ୍ନୀଙ୍କ କଥାରେ କିଡ୍‌ନୀ ବିକ୍ରି କରିଥିବା ଜଣେ ବ୍ୟକ୍ତିଙ୍କୁ ଚରମ ଦୁର୍ଦ୍ଦଶା ଭୋଗିବାକୁ ପଡିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ୧୦ ବର୍ଷର ଝିଅକୁ ଧରି ରହୁଥିଲେ। ସ୍ୱାମୀଜଣକ ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିଲେ, ସେମାନଙ୍କ ଆର୍ଥିକ ସ୍ଥିତି ଏତେ ସ୍ୱଚ୍ଛଳ ନଥିଲା। ଝିଅର ପାଠପଢ଼ା, ବିବାହ ଏବଂ ଏକ ଉନ୍ନତ ଭବିଷ୍ୟତର ଦ୍ୱାହି ଦେଇ ପତ୍ନୀ, ନିଜ ସ୍ୱାମୀଙ୍କୁ କିଡ୍‌ନୀ ବିକ୍ରି କରିବାକୁ ବାରମ୍ବାର ପ୍ରବର୍ତ୍ତାଉଥିଲେ। ସ୍ୱାମୀଜଣକ ମଧ୍ୟ ସ୍ତ୍ରୀ କଥାରେ ପଡ଼ି ୧୦ ଲକ୍ଷ ଟଙ୍କାରେ ନିଜର ଗୋଟିଏ କିଡ୍‌ନୀକୁ ବିକ୍ରି କରିଦେଇଥିଲେ। ତେବେ ଉକ୍ତ ଟଙ୍କାକୁ ବ୍ୟାଙ୍କ୍‌ରେ ଜମା କରିଦେବେ ବୋଲି କହି ସ୍ତ୍ରୀଜଣକ ନିଜ ପାଖରେ ରଖିଥିଲେ। କିନ୍ତୁ ଏକ ବିଳମ୍ବିତ ରାତିରେ ସୁବିଧା ସୁଯୋଗ ଦେଖି ମହିଳା ଜଣକ ଉକ୍ତ ୧୦ ଲକ୍ଷ ଟଙ୍କା ନେଇ ତାଙ୍କ ପ୍ରେମିକଙ୍କ ସହ ଫେରାର ହୋଇଯାଇଛନ୍ତି। ଏସବୁ ମଧ୍ୟରେ ପ୍ରତାରିତ ସ୍ୱାମୀଜଣକ ତାଙ୍କ ପତ୍ନୀ ସ୍ଥାନୀୟ ବେରକ୍‌ପୁର ଅଞ୍ଚଳର ସୁଭାଷ କଲୋନୀରେ ରହୁଥିବା ରବି ଦାସ ନାମରେ ଜଣେ ଯୁବକଙ୍କ ଘରେ ଅଛନ୍ତି ବୋଲି ଜାଣିବାକୁ ପାଇଥିଲେ। ତେଣୁ ସେ ଝିଅଙ୍କୁ ଧରି ରବି ଦାସଙ୍କ ଘରକୁ ଯାଇ ସ୍ତ୍ରୀଙ୍କୁ ଫେରି ଆସିବାକୁ ଅନୁରୋଧ କରିଥିଲେ। ସ୍ୱାମୀ ଆସିଥିବା ଜାଣି



ମଧ୍ୟ ଉକ୍ତ ମହିଳା ରବି ଦାସଙ୍କ ଘରର କବାଟ ଖୋଲି ନ ଥିଲେ। ସେ ଆଉ ଫେରିବେ ନାହିଁ ଏବଂ ଖୁବ୍‌ଶୀଘ୍ର ଛାଡ଼ପତ୍ର ପେପର ପଠାଇବେ ବୋଲି ମହିଳା ଜଣକ ସ୍ୱାମୀଙ୍କୁ ଧମକ ଦେଇଥିଲେ। ଏପରିକି ଫେରି ଆସିବାକୁ ଝିଅର ଅନୁରୋଧକୁ ମଧ୍ୟ ମହିଳାଜଣକ ଶୁଣିନଥିଲେ। ଫଳରେ ଅସହାୟ ସ୍ୱାମୀ ବାଧ୍ୟ ହୋଇ ରବିବାର ଉକ୍ତ ମହିଳାଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ରବି ଦାସ ଓ ମହିଳାଙ୍କ ମଧ୍ୟରେ ସମ୍ପର୍କରେ ଫେସବୁକ୍‌ରୁ ଆରମ୍ଭ ହୋଇଥିଲା ବୋଲି ପୁଲିସ୍ ଜାଣିବାକୁ ପାଇଛି। ରବି ଦାସ ମଧ୍ୟ ପେଶାରେ ଜଣେ ରଙ୍ଗ ମିସ୍ତ୍ରୀ।



ବସନ୍ତ ପଞ୍ଚମୀ ଅବସରରେ ପ୍ରୟାଗରାଜ ଠାରେ ଆଜି ପ୍ରାୟ ୬୨.୨୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ତୃତୀୟ ଅମୃତ ସ୍ନାନର ସୌଭାଗ୍ୟ ଲାଭ ପୂର୍ବକ ବୁଡ ପକାଇଛନ୍ତି। ମୌନୀ ଅମାବାସ୍ୟାରେ ଘଟିଥିବା ଅଘଟକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଫଳରେ ସମସ୍ତ ଶ୍ରଦ୍ଧାଳୁ ଆଜି ଶାନ୍ତିପୂର୍ଣ୍ଣ ଭାବେ ସଂଗମ ଘାଟରେ ବୁଡ଼ ପକାଇଛନ୍ତି। ସେହିପରି ଆଜି ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ସାଂସାରିକ ଜୀବନ ତ୍ୟାଗ ସନ୍ୟାସ ଗ୍ରହଣ କରିଥିବା ଜଣାପଡିଛି। ପୂର୍ବରୁ ଦୁଇଟି ଅମୃତ ସ୍ନାନ ଶେଷ ହୋଇସାରିଥିବା ବେଳେ ଆସନ୍ତା ଫେବୃଆରୀ ୧୨ ତାରିଖ ଅର୍ଥାତ୍ ମାଘ ପୂର୍ଣ୍ଣିମା ଅବସରରେ ୪ର୍ଥ ଅମୃତ ସ୍ନାନ ସମ୍ପନ୍ନ ହେବ।

# ସୋନିଆଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

**ନୂଆଦିଲ୍ଲୀ,୩।୨/ଏଜେନ୍ସି:** ବଜେଟ୍ ଅଧିବେଶନର ପ୍ରଥମ ଦିବସରେ ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କୁ 'ବିଚାରୀ ମହିଳା' ବୋଲି ଦର୍ଶାଇ ଦେଇଥିବା ମନ୍ତବ୍ୟକୁ ନେଇ ରାଜନୀତି ସରଗରମ ରହିଛି। ଏସବୁ ମଧ୍ୟରେ ସୋମବାର ବିଜେପି ସାଂସଦଙ୍କ ଏକ ଗୋଷ୍ଠୀ ସୋନିଆଙ୍କ ବିରୁଦ୍ଧରେ ସଂସଦୀୟ ବିଶେଷାଧିକାର ଉଲ୍ଲଂଘନ ନୋଟିସ ଆଗତ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗତ ସପ୍ତାହରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ସମୟରେ ସୋନିଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ଅତ୍ୟନ୍ତ ନିନ୍ଦନୀୟ ତଥା ଅପମାନଜନକ ଶବ୍ଦ ବ୍ୟବହାର କରିଛନ୍ତି।



ଅନ୍ୟପକ୍ଷେ ଏହି ମାମଲାରେ ସୋନିଆ ଗାନ୍ଧୀଙ୍କ ବିରୋଧରେ ମୁଜାଫରପୁର କୋର୍ଟରେ ମାମଲା ରୁଜୁ ହୋଇଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦକୁ ଅସମ୍ମାନ କରିଥିବା ଅଭିଯୋଗ କରି ବିହାରର ମୁଜାଫରପୁର ବାସିନ୍ଦା ସୁଧୀର ଓଝା ନାମକ ଜଣେ ଆଇନଜୀବୀ ଶନିବାର ସ୍ଥାନୀୟ ଏକ ଅଦାଲତରେ ସୋନିଆଙ୍କ ବିରୋଧରେ ମାମଲା ଦାଏର କରିଛନ୍ତି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେଇଥିବାରୁ ସୋନିଆଙ୍କ ବିରୋଧରେ ଏତଲା ପଞ୍ଜିକୃତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଓଝା ପିଟିସନରେ ଉଲ୍ଲେଖ କରିଛନ୍ତି। ପୁନଶ୍ଚ ପିଟିସନରେ ଦୁଇ କଂଗ୍ରେସ ସାଂସଦ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ମଧ୍ୟ ସେ ପକ୍ଷଭୁକ୍ତ କରିଥିବା ସୂଚନା ମିଳିଛି। ସୁଧୀର ଓଝା କହିଛନ୍ତି, ସୋନିଆଙ୍କ ରାଷ୍ଟ୍ରପତିଙ୍କୁ ବିଚାରୀ ମହିଳା' କହିବାକୁ ସମର୍ଥନ କରିଛନ୍ତି ପ୍ରିୟଙ୍କା ଗାନ୍ଧୀ। ଏତଦ୍‌ବ୍ୟତୀତ ରାହୁଲ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବିରକ୍ତିଜନକ ବୋଲି କହିଥିଲେ। ସୁତରାଂ ସୋନିଆଙ୍କ ସହ ଏହି ଦୁଇ ସାଂସଦଙ୍କୁ ମଧ୍ୟ ଏହି ମାମଲାରେ ପକ୍ଷଭୁକ୍ତ କରାଯିବା ଉଚିତ୍ ବୋଲି ଓଝା ଯୁକ୍ତି ରଖିଛନ୍ତି। ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସହ-ଅଭିଯୁକ୍ତ ଭାବେ ଘୋଷଣା କରିବା ସହ ସେମାନଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଓଝା ଦାବି କରିଛନ୍ତି।

### ଭାରତ ପାଇଁ ସର୍ବବୃହତ୍ ଆଶ୍ୱସ୍ତି

# ଟ୍ରମ୍ପଙ୍କ ଶୁଳ୍କ କଟକଣା ତାଲିକାରୁ ଭାରତ ବାଦ୍

**ୱାଶିଂଟନ, ନୂଆଦିଲ୍ଲୀ, କାନାଡା, ୩।୨/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଶୁକ୍ରବାର ଭାରତ ସମେତ ଚୀନ୍, ମେକ୍ସିକୋ ଏବଂ କାନାଡା ବିରୋଧରେ ଶୁଳ୍କ କଟକଣା ଘୋଷଣା କରିଥିଲେ। ନିଜ ଦେଶ ଆମେରିକାର ବାଣିଜ୍ୟିକ ନିଅଣ୍ଟ ସ୍ଥିତି ସୁଧାରିବାକୁ ଟ୍ରମ୍ପ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଥିଲା। ଏହାକୁ ନେଇ ଭାରତ ସମେତ ଏସବୁ ଦେଶଙ୍କ ସହ ବ୍ୟବସାୟିକ ସମ୍ପର୍କ ପ୍ରଭାବିତ ହେବା ନେଇ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଟ୍ରମ୍ପ ଏବେ ନିଜ ପୂର୍ବ ନିଷ୍ପତ୍ତିରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ଶୁଳ୍କ ବୃଦ୍ଧି ତାଲିକାରୁ ଟ୍ରମ୍ପ୍ ଭାରତକୁ ବାଦ୍ ଦେଇଛନ୍ତି। ଏହାଦ୍ୱାରା ଭାରତକୁ ଏକ ବଡ ଆଶ୍ୱସ୍ତି ମିଳିଛି।

ଆମେରିକାର ବାଣିଜ୍ୟିକ ନିଅଣ୍ଟକୁ କମ୍ ରଖିବା ଦିଗରେ ଏହି ୪ ରାଷ୍ଟ୍ରଙ୍କ ଅବଦାନ ସବୁଠାରୁ ଅଧିକ। ଚୀନ୍‌ର ଅବଦାନ ୩୦.୨% ରହିଥିବା ବେଳେ ଏହାପଛକୁ ମେକ୍ସିକୋ (୧୯%), କାନାଡା (୧୪%) ଏବଂ ଭାରତ (୩.୨%) ରହିଛନ୍ତି। ଆମେରିକା ଦୃଷ୍ଟିକୋଣରୁ ଭାରତର ଅବଦାନ ଅଧିକ ହୋଇନଥିବାରୁ ଭାରତ ଉପରେ କଟକଣା ଅନାବଶ୍ୟକ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମେକ୍ସିକୋ ସହ ଆମେରିକାର ୨୫୦ ବିଲିଅନ ଡଲାର ଏବଂ କାନାଡା ସହ ୨୦୦ ବିଲିଅନ ଡଲାର ବାଣିଜ୍ୟ ନିଅଣ୍ଟ ଚାଲିଥିବା ଜଣାପଡିଛି। ଅପରପକ୍ଷରେ ଚୀନ୍‌ରୁ

### ଆମେରିକା ଉପରେ କାନାଡା ଲଗାଇଲା ସମାନ ୨୫% ଶୁଳ୍କ

ଆମଦାନୀ କରାଯାଉଥିବା ଆନାଲଜେସିକ୍ (ଫେଣ୍ଟାନିଲ) ସେବନ କରି ଆମେରିକାରେ ପ୍ରତିବର୍ଷ ହଜାର ହଜାର ଲୋକ ପ୍ରାଣ ହରାଉଥିବା ଅଭିଯୋଗ ହୋଇଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଟ୍ରମ୍ପ କାନାଡାରୁ ଆମଦାନୀ ଉପରେ ୨୫% ଶୁଳ୍କ ଲାଗୁ କରିବା ପରେ କାନାଡା ସରକାରଙ୍କ ମଧ୍ୟ ଆମେରିକାରୁ ଆମଦାନୀ ଉପରେ ସମାନ ୨୫ ପ୍ରତିଶତ ଶୁଳ୍କ ଲାଗୁ କରି ପାଲଟା ଜବାବ ଦେଇଥିବା ସୂଚନା ମିଳିଛି।



ସିଧାସଳଖ କହିଲେ ମେକ୍ସିକୋ, କାନାଡା ଏବଂ ଚୀନ୍‌ରୁ ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ ଟ୍ରମ୍ପ ନିର୍ଦ୍ଦେଶ ଦେବା ପରେ କାନାଡା ସରକାରଙ୍କ ଏହି ପଦକ୍ଷେପ ବାଣିଜ୍ୟ ଯୁଦ୍ଧ ଉତ୍ତେଜନାକୁ ବୃଦ୍ଧି କରିଛି। ୧୦୬ ନିୟୁତ ଡଲାର ମୂଲ୍ୟର ଆମେରିକୀୟ ଆମଦାନୀ ଉପରେ କାନାଡାର କାମଚଳା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋୟୁଙ୍କ ସରକାର ମଧ୍ୟ ୨୫% ଶୁଳ୍କ ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୩ ହଜାର କୋଟି ଡଲାର ମୂଲ୍ୟର ଆମେରିକୀୟ ମଦ ଓ ଫଳ ଉପରେ ମଧ୍ୟ ସମାନ ଶୁଳ୍କ ମଙ୍ଗଳବାର ଠାରୁ ଲାଗୁ ହେବ ବୋଲି ଟ୍ରୁଡୋୟୁଙ୍କ ସରକାର ସ୍ପଷ୍ଟ କରିଛନ୍ତି।

ପ୍ରକାଶ, ଟ୍ରମ୍ପ ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣା କରି ଚୀନ୍ ଉପରେ ୧୦% ଶୁଳ୍କ ଲଗାଇଥିବା ବେଳେ ମେକ୍ସିକୋ ଓ କାନାଡାରୁ ଆମଦାନୀ ହେଉଥିବା ଉତ୍ପାଦ ଉପରେ ୨୫% ଶୁଳ୍କ ବୃଦ୍ଧି କରିଥିଲେ। ଅନ୍ୟପକ୍ଷରେ କାନାଡାରୁ ଆମେରିକା ଆମଦାନୀ କରୁଥିବା ତେଲ, ପ୍ରାକୃତିକ ବାଷ୍ପ ଓ ବିଦ୍ୟୁତ୍ ଉପରେ ୧୦% ଶୁଳ୍କ ଲାଗିବ ବୋଲି କହିଥିଲେ। ଆନ୍ତର୍ଜାତିକ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ (ଆଇଇଇପିଏ) ଅନୁଯାୟୀ ଟ୍ରମ୍ପ ଏହି ଶୁଳ୍କ ବୃଦ୍ଧି କରିଛନ୍ତି।

# ଦୁର୍ଭାଗ୍ୟଜନକ ଓ ଚିନ୍ତାର ବିଷୟ

### ମହାକୁମ୍ଭରେ ଦଳାଚକଟା ଘଟଣା: ଶୁଣାଣି କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩।୨/ଏଜେନ୍ସି:** ମହାକୁମ୍ଭ ଦଳାଚକଟା ଘଟଣା ସୁପ୍ରିମକୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ସୋମବାର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଏହି ଘଟଣାକୁ 'ଦୁର୍ଭାଗ୍ୟଜନକ ତଥା ଚିନ୍ତାର ବିଷୟ' ଭାବେ ଅଭିହିତ କରିଛନ୍ତି। ଏଥିସହ ଏହି ଘଟଣାରେ ଶୁଣାଣି କରିବା ପାଇଁ ଖଣ୍ଡପୀଠ ମନା କରିଦେବା ସହ ଏସମ୍ପର୍କୀତ ସମସ୍ତ ଆବେଦନକୁ ଖାରଜ ମଧ୍ୟ କରିଦେଇଛନ୍ତି। ଜାନୁଆରି ୨୯ ତାରିଖ ମୌନୀ ଅମାବାସ୍ୟା ଅବସରରେ ପ୍ରୟାଗରାଜ ମହାକୁମ୍ଭରେ ଦଳାଚକଟାରେ ୩୦ ଜଣଙ୍କ ଜୀବନ ଯିବା ପରେ ଉତ୍ତରପ୍ରଦେଶ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଷ୍ଟାଟସ୍ ରିପୋର୍ଟ ଦାଖଲ ଦାବିରେ ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ପିଟିସନ୍ ଦାୟ କରାଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି ଏବଂ ଆବେଦନକାରୀ ଆଡଭୋକେଟ୍ ବିଶାଳ ତିୱାରୀଙ୍କୁ ଆହ୍ଲାବାଦ ହାଇକୋର୍ଟଙ୍କ ନିକଟରେ ପିଟିସନ୍ ଦାୟର କରିବାକୁ କହିଛନ୍ତି। ସୁପ୍ରିମକୋର୍ଟ ନିଜ ଶୁଣାଣିରେ ଏହି ଘଟଣା ସମ୍ପର୍କରେ ଅଧିକ ବିଚାର କରିବା ପରିପ୍ରେକ୍ଷୀରେ ଏକ ନ୍ୟାୟିକ କମିସନ ଗଠନ କରାଯାଇସାରିଛି ବୋଲି କହିଛନ୍ତି।

ପ୍ରୟାଗରାଜ୍ ଦଳାଚକଟା ଘଟଣାର ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର କମିଶନ ଗଠନ କରାଯାଇଛି। ଏହି କମିଶନ୍‌କୁ ୧ ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ଅନ୍ୟପଟେ ମହାକୁମ୍ଭ ମେଳାରେ ପୁଣି ଥରେ ଯେପରି କୌଣସି ଅଘଟଣ ନଘଟେ ଏନେଇ ସତର୍କ ହୋଇଛନ୍ତି ଉତ୍ତରପ୍ରଦେଶ ସରକାର। ଏପରିକି ଭିଆଇପି ପ୍ରୋଟୋକଲକୁ ହଟାଇବା ସହ ଯାନବାହାନ ଚଳାଚଳ ଉପରେ ମଧ୍ୟ ନିୟମକୁ ଅଧିକ ଶକ୍ତ କରାଯାଇଛି।

# ୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଚରକାୟତନ' ସମ୍ପନ୍ନ

**ହରିଦ୍ୱାର, ୩।୨/ଏଜେନ୍ସି:** ଆୟୁଷ୍ମାନ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂଗଠନ ରାଷ୍ଟ୍ରୀୟ ଆୟୁର୍ବେଦ୍ ବିଦ୍ୟାପୀଠ ଦ୍ୱାରା ଆୟୁର୍ବେଦ ଶିକ୍ଷକ ଏବଂ ସ୍ନାତକୋତ୍ତର ତଥା ସ୍ନାତକ ବିଦ୍ୱାନଙ୍କ ପାଇଁ ପତଞ୍ଜଳି ଆୟୁର୍ବେଦ କଲେଜର ତତ୍ତ୍ୱାବଧାନରେ ଏକ ୬ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଚରକାୟତନ'ର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ସମାପ୍ତି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଚାର୍ଯ୍ୟ ବାଲକ୍ରିଷ୍ଣ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, 'ଚରକାୟତନ'ର ମୂଳ ଉଦ୍ଦେଶ୍ୟ ହେଉଛି ଚରକ ସମିତିର ପ୍ରାମାଣିକ କ୍ଲିନିକାଲ୍ ଜ୍ଞାନ ପ୍ରଦାନ କରିବା ଏବଂ ଛାତ୍ରମାନଙ୍କ ମଧ୍ୟରେ ଅଭ୍ୟାସ କରିବା ଏବଂ ଏହାର ପ୍ରାସଙ୍ଗିକତା। ଚରକ ସମିତାଙ୍କୁ ଶିଖିବା ଏବଂ ଶିକ୍ଷା କରିବାର କୌଶଳ। ଆମେ ଭାଗ୍ୟବାନ ଯେ ଆୟୁର୍ବେଦ ସହିତ ଯୋଗାଯୋଗ କରିବାର ସୁଯୋଗ ପାଇଛୁ। ଆୟୁର୍ବେଦ କେବଳ ଜୀବନ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ଋଷି ଋଣରୁ ମୁକ୍ତି ପାଇଁ ଏକ ଉପାୟ ମଧ୍ୟ। ଆଚାର୍ଯ୍ୟ ବାଲକ୍ରିଷ୍ଣ କହିଛନ୍ତି ଯେ ଆୟୁର୍ବେଦ ତୁମର ଆଚରଣ, ପ୍ରକୃତି ଏବଂ ଜୀବନରେ ଦୃଶ୍ୟମାନ ହେବା ଉଚିତ୍। ନିଜକୁ ଡାକ୍ତର ବୋଲି କହିବାରେ କୌଣସି ଦ୍ୱିଧା ରହିବା ଉଚିତ୍ ନୁହେଁ, ଆୟୁର୍ବେଦ ପଢ଼ିଥିବା ଜାଣିଥିବା ବ୍ୟକ୍ତିଜଣକ ନିଜକୁ ଗର୍ବିତ ଅନୁଭବ କରିବା ଉଚିତ୍। ଚିକିତ୍ସା କ୍ଷମତା ଏବଂ ଆୟୁର୍ବେଦ କ୍ଷମତା ବହୁତ ବ୍ୟାପକ ଅଟେ। ଏଲୋପାଥି ସିନ୍ଥେଟିକ୍ ଔଷଧ ଏବଂ ରସାୟନିକ ପଦାର୍ଥ ଉପରେ ନିର୍ଭରଶୀଳ, ଏହା ଅନେକ ଉତ୍ସ ଆବଶ୍ୟକ କରେ। ଆୟୁର୍ବେଦ କାହା ଉପରେ ନିର୍ଭରଶୀଳ ନୁହେଁ। ଜଡିବୁଟି, ଛାଲ, ଔଷଧୀୟ ବୃକ୍ଷର ପତ୍ର, କାଢ଼ା ଆଦିର ପ୍ରୟୋଗ କରି ମଧ୍ୟ କାହାକୁ ଜୀବନ ଦେଇପାରିବେ। କିନ୍ତୁ ସର୍ବପ୍ରଥମେ ତୁମକୁ ଏବଂ ତୁମର ଆୟୁର୍ବେଦ ଉପରେ ବିଶ୍ୱାସ କରିବାକୁ ପଡିବ।



### ଆୟୁର୍ବେଦ ଜୀବନ ବଞ୍ଚିବାର ଏକ ମାଧ୍ୟମ ନୁହେଁ ବରଂ ଋଷି ଋଣରୁ ମୁକ୍ତି ପାଇଁ ଏକ ଉପାୟ: ଆଚାର୍ଯ୍ୟ ବାଲକ୍ରିଷ୍ଣ

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଶୁଣା ଆୟୁର୍ବେଦ ଚିକିତ୍ସକ ବୈଦ୍ୟ (ପ୍ରଫେସର) ଏସ୍ କେ ଖଣ୍ଡେଲ ନିଜ ସମ୍ବୋଧନରେ କହିଛନ୍ତି ଯେ, ଆୟୁର୍ବେଦ ଏବଂ ଯୋଗ କ୍ଷେତ୍ରରେ ପତଞ୍ଜଳି ହେଉଛି ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ। ପତଞ୍ଜଳି ଜାତୀୟ ତଥା ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ଆୟୁର୍ବେଦ ଏବଂ ଯୋଗକୁ ତଥ୍ୟ ଏବଂ ପ୍ରମାଣ ସହିତ ଉପସ୍ଥାପନ କରିଛନ୍ତି। ପତଞ୍ଜଳିରେ ଆୟୁର୍ବେଦକୁ ଜିଇଁବା ଶିଖାଯାଉଛି। ଆଚାର୍ଯ୍ୟ ବାଲକୃଷ୍ଣ ଶାସ୍ତ୍ର ରଚନା କରି ଆୟୁର୍ବେଦର ମୂଳଦୁଆ ସୃଷ୍ଟି କରିଛନ୍ତି ଏବଂ ବିଶ୍ୱରେ ଆୟୁର୍ବେଦକୁ ଏକ ନୂତନ ପରିଚୟ ଦେଇଛନ୍ତି। ଆଚାର୍ଯ୍ୟ ବାଲକୃଷ୍ଣ ଦୁନିଆର ସମସ୍ତ ମେଡିକାଲ ସିଷ୍ଟମକୁ ଅନ୍ତର୍ଭୁକ୍ତ କରିବା ଅସମ୍ଭବ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ପଦ୍ମଶ୍ରୀ ଏବଂ ପଦ୍ମ ବିଭୂଷଣ ଦେବେନ୍ଦ୍ର ତ୍ରିଗୁଣା, ଜାତୀୟ ଆୟୁର୍ବେଦ ବିଦ୍ୟାପୀଠ ପରିଚାଳନା ପରିଷଦ ସଦସ୍ୟ ବୈଦ୍ୟ ରାକେଶ ଶର୍ମା, ବୈଦ୍ୟ ମୋହନଲାଲ ଜୈସୱାଲ୍, ସନ୍ତୋଷ ଭଟ୍ଟ, ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ଉପାଧ୍ୟକ୍ଷ ଡ. ଅନୁରାଗ ବାର୍ଷ୍ଣେୟ, ଜାତୀୟ ଆୟୁର୍ବେଦ ବିଦ୍ୟାପୀଠ ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, ଆୟୁର୍ବେଦ ଶିକ୍ଷାଦାନ ଏବଂ ଅନୁସନ୍ଧାନ ପ୍ରତିଷ୍ଠାନର ବୈଦ୍ୟ (ପ୍ରଫେସର) ଉପେନ୍ଦ୍ର ଦୀକ୍ଷିତ, ଏଭିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ, ବିଜାପୁର କର୍ଣ୍ଣାଟକର ବୈଦ୍ୟ ପ୍ରଫେସର ସଞ୍ଜୟ କଡଲିମଟ୍ଟୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଯୁବ ପ୍ରଫେସନାଲ, ଡ. ଖୁସବୁ ପାଣ୍ଡେ ଏବଂ ଡ. ଅନୁରାଗ ସିଂହ ତଥା ପ୍ରକଳ୍ପ ପରାମର୍ଶଦାତା ଡ. ଲଭନୀତ ଶର୍ମା ପ୍ରମୁଖ ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ନିଜ ସମ୍ଭାଷଣ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଉପକୁଳପତି ଡକ୍ଟର ସତ୍ୟେନ୍ଦ୍ର ମିତ୍ତଲ, ପତଞ୍ଜଳି ଆୟୁର୍ବେଦ ମହାବିଦ୍ୟାଳୟର ପ୍ରିନ୍ସପାଲ ପ୍ରଫେସର ଅନିଲ କୁମାର, ଭାଇସ୍ ପ୍ରିନ୍ସିପାଲ୍ ପ୍ରଫେସର ଡ. ଗିରିଶ କେଜେ, ବୈଦ୍ୟ ପ୍ରଫେସର ସୁରେଶ ଚନ୍ଦ୍ର ଯୋଶୀ, ବୈଦ୍ୟ ବିଭୁ ତଥା ବୈଦ୍ୟ ଦୀପାଙ୍କ ବିଶେଷ ଯୋଗଦାନ ରହିଥିଲା।

# ଅପୂର୍ବ ଡେଲିଭରି ସୁବିଧା ଆଣିଛି ରିଲାଏନ୍ସ ଡିଜିଟାଲ୍

**ନୂଆଦିଲ୍ଲୀ, ୩।୨/ଏଜେନ୍ସି:** ୪ ଫେବୃଆରୀ ୨୦୨୫ରେ ଲଞ୍ଚ୍ ହେବାକୁ ଥିବା ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୫ ସିରିଜ୍‌ର ସମସ୍ତ ଫୋନ୍ ପାଇଁ ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ରିଟେଲର୍ ରିଲାଏନ୍ସ ଡିଜିଟାଲ୍, ଏକ ବିଜୁଳି ସ୍ପିଡ୍ ସୁପରଫାଷ୍ଟ ୩୦ ମିନିଟ୍ ଡେଲିଭରି ସୁବିଧା ପ୍ରଦାନ କରୁଛି। ଅର୍ଥାତ୍ www.reliancedigital.in ମାଧ୍ୟମରେ ଅର୍ଡର କରୁଥିବା ଗ୍ରାହକମାନେ ସେହିଦିନ ହିଁ ସେମାନଙ୍କ ମୋବାଇଲ୍ ପାଇପାରିବେ। ରିଲାଏନ୍ସ ଡିଜିଟାଲ ଦେଶବ୍ୟାପୀ ରହିଥିବା ଏହାର ୬୫୦ରୁ ଅଧିକ ଷ୍ଟୋରଯୁକ୍ତ ବିସ୍ତୃତ ନେଟୱାର୍କକୁ ବ୍ୟବହାର ପୂର୍ବକ ନିଜ ଗ୍ରାହକଙ୍କ ନିକଟରେ ସେମାନଙ୍କ ମନପସନ୍ଦର ମୋବାଇଲ୍ (ସାମ୍‌ସଙ୍ଗ୍ ଗାଲାକ୍ସି ଏସ୍୨୫ ସିରିଜ୍‌ର ସମସ୍ତ ଫୋନ୍)କୁ ପହଞ୍ଚାଇବ। ରିଲାଏନ୍ସର ଏହି ପଦକ୍ଷେପ ସାମ୍‌ସଙ୍ଗ ପ୍ରଶଂସକମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ଅନୁଭବ ନେବାକୁ ଆଉ ଅଧିକ ଅପେକ୍ଷା କରିବାକୁ ପଡିବ ନାହିଁ ବୋଲି ଏକ ସୁନିଶ୍ଚିତା ପ୍ରଦାନ କରୁଛି। ଗ୍ରାହକମାନେ ଏହି ସେବାକୁ www.reliancedigital.inରେ ସ୍ଥାନିତ କରି, ଚେକଆଉଟ୍‌ରେ 'ଦ୍ରୁତ ବିତରଣ' ବିକଳ୍ପ ଚୟନ କରି ମାତ୍ର ୩୦ ମିନିଟ୍ ମଧ୍ୟରେ ନିଜ ମନପସନ୍ଦ ଉତ୍ପାଦକୁ ପାଇପାରିବେ। ତେବେ ଏହି ସେବା ଷ୍ଟୋରର ଉପଲବ୍ଧତା ଏବଂ ନିକଟବର୍ତ୍ତୀ ଅବସ୍ଥାନ ଉପରେ ନିର୍ଭର କରେ।

### ରିଲାଏନ୍ସ ଡିଜିଟାଲ୍ ସମ୍ପର୍କରେ...

ରିଲାଏନ୍ସ ଡିଜିଟାଲ୍ ହେଉଛି ଭାରତର ସର୍ବବୃହତ ଇଲେକ୍ଟ୍ରୋନିକ୍ସ ରିଟେଲର, ୮୦୦ରୁ ଅଧିକ ସହରରେ ୬୧୦+ ବଡ଼ ଫର୍ମାଟ୍ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର। ଏହା ୧୮୦୦+ ମୋ ଜିଓ ଷ୍ଟୋର ସହିତ ଦେଶର ପ୍ରତ୍ୟେକ କୋଣରେ ଗ୍ରାହକଙ୍କୁ ସେବା ଯୋଗାଇବା ସହ ସମସ୍ତ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଲବ୍ଧ କରାଏ। ସେହିପରି ୩୦୦ରୁ ଅଧିକ ଅନ୍ତର୍ଜାତୀୟ ଏବଂ ଜାତୀୟ ବ୍ରାଣ୍ଡ ଏବଂ ୫୦୦୦ରୁ ଅଧିକ ଉତ୍ପାଦ ସହିତ, ରିଲାଏନ୍ସ ଡିଜିଟାଲରେ ମଡେଲଗୁଡିକର ସର୍ବ ବୃହତ ଚୟନ ବିକଳ୍ପ ରହିଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଜୀବନଶୈଳୀ ପାଇଁ ସଠିକ୍ ଟେକ୍ନୋଲୋଜି ସମାଧାନ ଖୋଜିବାରେ ସାହାଯ୍ୟ କରିବ। ରିଲାଏନ୍ସ ଡିଜିଟାଲ୍ ଏହାର ସମସ୍ତ




### ମାତ୍ର ୩୦ ମିନିଟ୍‌ରେ ପାଆନ୍ତୁ ସାମ୍‌ସଙ୍ଗ ଗାଲାକ୍ସି ଏସ୍ ୨୫

ଉତ୍ପାଦ ପାଇଁ ବିକ୍ରୟ ପରେ ସେବା ଯୋଗାଇଥାଏ। ଅଧିକ ସୂଚନା ପାଇଁ www.reliancedigital.inକୁ ଲଗ୍ ଇନ୍ କରନ୍ତୁ।

# 'ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର'



**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ବିକଶିତ ଭାରତର ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଦ୍ଧ ପରିକର। ମୋଦୀ ଓଡ଼ିଶାକୁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଓଡ଼ିଶାକୁ ରେଳବାଇ କ୍ଷେତ୍ରରେ ୧୦,୫୯୯ କୋଟି ଟଙ୍କା ଅନୁଦାନ ପ୍ରସଙ୍ଗରେ ସୋମବାର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ ଏହା କହିଛନ୍ତି। ଏହାଛଡ଼ା ଶ୍ରୀ ସାମଲ କହିଛନ୍ତି ଯେ ବିକଶିତ ଓଡ଼ିଶା ଗଠନରେ ରେଳର ବିକାଶ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଉପଲବ୍ଧି କରି ମୋଦିଜୀ ଓଡ଼ିଶାରେ ରେଳର ଆଧୁନିକରଣ, ଏହାର ଭିତ୍ତିଭୂମି ସଜାଡ଼ିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ନେତୃତ୍ୱରେ ପ୍ରତିବର୍ଷ ଓଡ଼ିଶାର ରେଳ ବଜେଟ ବଢ଼ିଚାଲିଥିବାବେଳେ କିଛି ବର୍ଷ ହେବ ଏହା ୧୦ ହଜାର କୋଟି ଟଙ୍କା ପାର୍ କରିଛି। ଓଡ଼ିଶାରେ ଗତ ୧୦ ବର୍ଷ ଭିତରେ ୨୦୪୬ କିମି ନୂଆ ଟ୍ରାକ୍ ନିର୍ମାଣ ହୋଇଛି। ଏହାଛଡ଼ା ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି। ୭୮ ହଜାର କୋଟିର ପ୍ରକଳ୍ପର ନିର୍ମାଣ ଚାଲିଛି। ରାଜ୍ୟରେ ୧୯୦୦ କିମି ଟ୍ରାକ୍‌ରେ କବଚ ଲାଗିବା କାମ ସରିଛି। ଆସନ୍ତା ୬ ବର୍ଷରେ ଏହି କାମ ସରିବ। ଏହି କାର୍ଯ୍ୟ ଶେଷ ହେବା ପରେ ରେଳଯାତ୍ରା ଅଧିକ ସୁରକ୍ଷିତ ହୋଇପାରିବ। ଓଡ଼ିଶାରେ ୫୯ଟି ଅମୃତ ଷ୍ଟେସନ ପାଇଁ ବ୍ୟୟବରାଦ କରାଯାଇଛି। ଏଥିପାଇଁ ୨ ହଜାର ୩୭୯ କୋଟି ଖର୍ଚ୍ଚ ହେବ। ଫଳରେ ଓଡ଼ିଶାର ସବୁ ଜିଲ୍ଲାକୁ ଓ ଅନ୍ୟାନ୍ୟ ରାଜ୍ୟକୁ ସଂଯୋଗକରଣ ଅଧିକ ସୁଦୃଢ଼ ହେବ। ଖୁବ୍‌ଶୀଘ୍ର କୋଲକାତା -ଚେନ୍ନାଇ ୪ ଲେନ କାମ ସରିବାକୁ ଥିବାବେଳେ କୋଲକାତା-ଭଦ୍ରକ କାମ ଜୋରସୋର ଚାଲିଛି। ଏହାଛଡ଼ା ଆଗକୁ ଅଧିକ ଟ୍ରେନ ଓଡ଼ିଶାରେ ଗଡ଼ିବାକୁ ଯାଉଛି। ଏହି ଐତିହାସିକ ଓ ଲୋକାଭିମୁଖୀ ରେଳ ବଜେଟ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ସାମଲ ଧନ୍ୟବାଦ ଦେଇଛନ୍ତି।

## ବଜେଟ୍ ନେଇ ବିଜେଡିର ଅଭିଯୋଗ

# ରାଜ୍ୟବାସୀଙ୍କୁ କେନ୍ଦ୍ର ସରକାର ଦେଇଛନ୍ତି ଧୋକା

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** କେନ୍ଦ୍ର ବଜେଟ୍‌ରେ ଓଡ଼ିଶାର ନାଁ ଗନ୍ଧ ନାହିଁ। ରାଜ୍ୟବାସୀଙ୍କୁ କେନ୍ଦ୍ର ସରକାର ଧୋକା ଦେଇଛନ୍ତି। ଦରଦାମ ନିୟନ୍ତ୍ରଣ ପାଇଁ ବଜେଟ୍‌ରେ କିଛି ନାହିଁ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ଦାବିକୁ ମଧ୍ୟ ଅଗ୍ରାହ୍ୟ। ୨୦୧୪ରେ ବିଜେପି ତାର ନିର୍ବାଚନ ଇସ୍ତାହାରରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରିବ ବୋଲି କହିଥିଲା। କିନ୍ତୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ନାହିଁ କି ଫୋକସ୍ ଷ୍ଟେଟ ମଧ୍ୟ ନାହିଁ।

କୋଇଲା ରୟାଲଟି ବୃଦ୍ଧି, କ୍ଲିନ ଏନର୍ଜି ସେସ୍‌ରେ ରାଜ୍ୟର ଅଂଶ ପାଇଁ ଓଡ଼ିଶା ଦାବି କରିଆସୁଥିଲେ ମଧ୍ୟ କେନ୍ଦ୍ର କର୍ଣ୍ଣପାତ କରୁନାହିଁ। ପୁରୀ ଠାରେ ଆନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶାର ଦାବିକୁ ଅଗ୍ରାହ୍ୟ କରାଯାଉଛି। ଏଭଳି ଅଭିଯୋଗ କରିଛି ବିଜେଡି। ସୋମବାର ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ କହିଛନ୍ତି ଯେ କେନ୍ଦ୍ର ବଜେଟ୍‌ରେ କୌଣସି ଜାଗାରେ ଓଡ଼ିଶା ସମ୍ବନ୍ଧରେ ପଦଟିଏ ମଧ୍ୟ କୁହାଯାଇ ନାହିଁ। କେନ୍ଦ୍ରମନ୍ତ୍ରୀ ବଜେଟ୍‌ରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଦାବି କରିଥିଲେ ହେଁ ତାଙ୍କ ମୁହଁରେ ଗୋଟିଏ ହତାଶ ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା। ଏହି ହତାଶ ଭାବର କାରଣ ହେଉଛି ବଜେଟ୍‌ରେ କୌଣସି ସ୍ଥାନରେ ଓଡ଼ିଶାର ନାଁ ଉଲ୍ଲେଖ ନହେବା।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନ ନଦେବା ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଧୋକା। ରାଜ୍ୟବାସୀ ବିଜେପିକୁ ରାଜ୍ୟରେ ସରକାର ଗଠନ କରିବା ପାଇଁ ସୁଯୋଗ ଦେଇଥିବା ସହିତ ୨୦ ବିଜେପି ସାଂସଦକୁ ଜିତାଇଛନ୍ତି, କିନ୍ତୁ ପ୍ରତି ବଦଳରେ



**ସ୍ୱତନ୍ତ୍ର ଅନୁଦାନ ଦାବିକୁ ଅଗ୍ରାହ୍ୟ**

ରାଜ୍ୟବାସୀଙ୍କୁ କେବଳ ଧୋକା ମିଳିଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ମନ୍ତବ୍ୟରେ ବଜେଟରେ ଉଲ୍ଲେଖ ଥିବା କିଛି ଯୋଜନାର ନାଁ ନେଇ, ଏହି ଯୋଜନା ମାଧ୍ୟମରେ ଓଡ଼ିଶାକୁ ଫାଇଦା ମିଳବ ବୋଲି କହିଥିଲେ। କିନ୍ତୁ ଏହି ଯୋଜନାଗୁଡିକ ଦେଶର ସମସ୍ତ ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ, ସ୍ୱତନ୍ତ୍ର ଭାବେ ଓଡ଼ିଶା ପାଇଁ ନୁହେଁ। କେନ୍ଦ୍ର ବଜେଟ୍‌ରେ ଆୟକର ସୀମା ବୃଦ୍ଧିକୁ ଏକ ବଡ଼ ସଫଳତା ବୋଲି ଦାବି କରାଯାଉଛି। କିନ୍ତୁ ଓଡ଼ିଶାର ୫୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି, ଯେଉଁମାନଙ୍କ ଉପରେ ଏହି ଆୟକର ସୀମା ବୃଦ୍ଧି କୌଣସି ପ୍ରଭାବ ପକାଇବ ନାହିଁ। କିନ୍ତୁ ଦରଦାମ ବୃଦ୍ଧି, ଯାହା ଆଜି ଦେଶରେ ଉତ୍କଟ ହୋଇଛି, ତାହା ସମସ୍ତ ଗ୍ରାମାଞ୍ଚଳର ବାସିନ୍ଦାଙ୍କ ଉପରେ ପ୍ରଭାବ ପକାଇବ। ଦରଦାମ ବୃଦ୍ଧିର ନିୟନ୍ତ୍ରଣ ପାଇଁ ବଜେଟରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପେଟ୍ରୋଲିୟମ ସବ୍‌ସିଡିର ପରିମାଣ ପୂର୍ବ ବର୍ଷ ପରିମାଣ ସହ ସମାନ ରହିଛି, ଅର୍ଥାତ ଗ୍ୟାସ ସିଲିଣ୍ଡର ଦର ହ୍ରାସ ପାଇବାର ସମ୍ଭାବନା ନାହିଁ। କୃଷି ଓ କୃଷକଙ୍କ ବିକାଶ କଥା କୁହାଯାଉଥିଲେ ହେଁ ପୂର୍ବ ବର୍ଷ ବଜେଟରେ ଏଥିପାଇଁ ୧,୪୧,୩୫୨ କୋଟି ଅର୍ଥ ପ୍ରଦାନ କରାଯାଇଥିଲା ବେଳେ ଏହି ବର୍ଷ ବଜେଟରେ ୧,୩୭,୦୦୦ କୋଟି ଟଙ୍କାକୁ କମିଛି। ସେହିପରି ପୋଷଣ, ମନରେଗା ଓ ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ବର୍ଷ ବଜେଟର ପରିମାଣ ସହିତ ପ୍ରାୟତଃ ସମାନ ରହିଛି।

ସେହିପରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କେନ୍ଦ୍ର ବଜେଟ୍‌ରେ ଓଡ଼ିଶାର ଝାରସୁଗୁଡା ଠାରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ପ୍ରତିଷ୍ଠା ପାଇଁ, ଗଞ୍ଜାମର ସୁନାଖଳା ପାଇଁ ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ପାଇଁ ଓଡିଶା ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। କିନ୍ତୁ ରାଜ୍ୟ ସରକାରଙ୍କର ଏହି ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହାନ୍ତି। ତେଣୁ ବିଜେପିର ଡବଲ ଇଂଜିନ ଡବଲ ବିକାଶ ନାରା ଏକ ଧୂଆଁବାଣରେ ପରିଣତ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସିକେ-୧୨ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ' ଏବଂ କାର୍ଲିଫର୍ଣ୍ଣିଆର 'ସିକେ-୧୨ ଫାଉଣ୍ଡେସନ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ସିକେ-୧୨ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ନିରୁ ଖୋସଲା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ରାଜ୍ୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ବିଦ୍ୟାଳୟଗୁଡ଼ିକୁ ବିଶ୍ୱସ୍ତରୀୟ ଶିକ୍ଷା ସମ୍ବଳ ଯୋଗାଇଦେବା ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ରହିଛି। ସିକେ-୧୨ ଫାଉଣ୍ଡେସନ ହେଉଛି ଏକ ଅଣଲାଭକାରୀ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ସଂଗଠନ ଯାହାର ଲକ୍ଷ୍ୟ ହେଉଛି ଉତ୍ତମ ଶିକ୍ଷାଗତ ଅନୁଭୂତିକୁ ସାର୍ବଜନୀନ ଉପଲବ୍ଧି ପ୍ରଦାନ କରିବା। ସିକେ-୧୨ ଫାଉଣ୍ଡେସନ ବିଷୟବସ୍ତୁ ଏବଂ ପ୍ରଯୁକ୍ତି ଉପକରଣଗୁଡିକୁ ବିନା ଦେୟରେ ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତିବଦ୍ଧ ଯାହା ପରିସ୍ଥିତି ସହିତ ଖାପ ଖୁଆଇ ବିଭିନ୍ନ ଶିକ୍ଷଣ ଶୈଳୀ, ସମ୍ବଳ, ଦକ୍ଷତାର ସ୍ତର ବୃଦ୍ଧି ଏବଂ ପରୀକ୍ଷଣ କରିବାକୁ ଛାତ୍ର ଏବଂ ଶିକ୍ଷକମାନଙ୍କୁ ସଶକ୍ତ କରିବ। କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷଣ ଅଭିଜ୍ଞତା ବୃଦ୍ଧି, ଶିକ୍ଷକମାନଙ୍କୁ ସମର୍ଥନ ଏବଂ ଛାତ୍ରଛାତ୍ରୀଙ୍କ ଫଳାଫଳରେ ଉନ୍ନତି ଆଣି ଶିକ୍ଷାରେ ବିପ୍ଳବ ଆଣିପାରିଛି। ଏଆଇ-ଚାଳିତ ଉପକରଣଗୁଡିକ ବ୍ୟକ୍ତିଗତ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ସହ ପ୍ରତ୍ୟେକ



ଛାତ୍ରଙ୍କ ଆବଶ୍ୟକତା ସହିତ ବିଷୟବସ୍ତୁକୁ ଅନୁକୂଳ କରିଥାଏ, ଉତ୍ତମ ବୁଝାମଣା ଏବଂ ଧାରଣ ସୁନିଶ୍ଚିତ କରେ। ବ୍ୟକ୍ତିଗତ ଶିକ୍ଷଣ ଉପକରଣ, ଅଫଲାଇନ ଉପଲବ୍ଧତା ଏବଂ ବିଭିନ୍ନ ବିଷୟ ପାଇଁ ପ୍ରସ୍ତୁତ ବିଷୟବସ୍ତୁ ସହିତ ସିକେ-୧୨ ଫାଉଣ୍ଡେସନ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ନିଜ ଇଚ୍ଛାନୁସାରେ ଶିଖିବାକୁ ଅନୁମତି ଦେବ। ଏହା ଶିକ୍ଷାଗତ ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ଏବଂ ଶିକ୍ଷକମାନଙ୍କୁ ସେମାନଙ୍କ ଶିକ୍ଷାବୃଦ୍ଧି ପାଇଁ ସମ୍ବଳ ପ୍ରଦାନ କରିବ ତଥା ସମଗ୍ର ରାଜ୍ୟରେ ଶିକ୍ଷାରେ ସମାନତାକୁ ପ୍ରୋତ୍ସାହିତ କରିବ।ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦକ୍ଷତା ବୃଦ୍ଧି କରି ନିଷ୍ପତ୍ତି ନେବା ଏବଂ ସେବା ପ୍ରଦାନ କରି ଶାସନରେ ପରିବର୍ତ୍ତନ ଆଣୁଛି। ଏଆଇର ଉପଯୋଗ କରି ସରକାର ଦ୍ରୁତ, ସ୍ୱଚ୍ଛ ଏବଂ ଅଧିକ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ କରିପାରିବେ, ଉନ୍ନତ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିପାରିବେ ଏବଂ ଲୋକଙ୍କ ଜୀବନଧାରଣର ଗୁଣବତ୍ତାରେ ଉନ୍ନତି ଆଣିପାରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ।

## ବିଜେଡି ସମନ୍ୱୟ କମିଟି ବୈଠକ

# ଓଡ଼ିଆ ନବବର୍ଷ ପୂର୍ବରୁ ଶେଷ ହେବ ସାଙ୍ଗଠନିକ ନିର୍ବାଚନ



**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଓଡ଼ିଆ ନବବର୍ଷ ପୂର୍ବରୁ ଶେଷହେବ ବିଜୁ ଜନତା ଦଳ ବା ବିଜେଡିର ସାଙ୍ଗଠନିକ ନିର୍ବାଚନ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ସାଙ୍ଗଠନିକ ନିର୍ବାଚନ ସମ୍ବନ୍ଧରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ସୋମବାର ଶଙ୍ଖଭବନ ଠାରେ ଅନୁଷ୍ଠିତ ଦଳର ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ସମ୍ପର୍କରେ ସମନ୍ୱୟ କମିଟିର ଅନ୍ୟତମ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ୍ କହିଛନ୍ତି। ଦଳର ସାଙ୍ଗଠନିକ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ଦଳର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ ବୈଠକରେ ଯୋଗଦେଇ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ଫେବୃଆରୀ ମାସ ପ୍ରଥମ ସପ୍ତାହରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ନିର୍ବାଚନ ପ୍ରକ୍ରିୟା ଓଡ଼ିଆ ନବବର୍ଷ ପୂର୍ବରୁ ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଷ୍ଟେଟ୍ କାଉନ୍‌ସିଲ ସଦସ୍ୟଙ୍କ ସହିତ ସଭାପତିଙ୍କ ନିର୍ବାଚନ ହେବ। ବରିଷ୍ଠ, ମହିଳା, ଯୁବ ଓ ଛାତ୍ରସଂଗଠନର ସହଯୋଗରେ ଏହି ନିର୍ବାଚନ ହେବ ବୋଲି ଶ୍ରୀ ଅମାତ କହିଛନ୍ତି।

ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା କମିଟି ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ, ବରିଷ୍ଠ ରାଜ୍ୟ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ କମିଟି ଆବାହକ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସାରଦା ପ୍ରସାଦ ନାୟକ, ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ, ପ୍ରଦୀପ କୁମାର ଅମାତ, ସୁଦାମ ମାରାଣ୍ଡି, ମହେଶ ସାହୁ, ଦେବେଶ ଆଚାର୍ଯ୍ୟ, ବିଜୟ ନାୟକ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନଙ୍କୁ ଭେଟିଲେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଏକ ପ୍ରତିନିଧି ଦଳ ସୋମବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ନବୀନଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶିଶୁବାଟିକାରେ ଅଙ୍ଗନବାଡ଼ି କର୍ମୀକୁ ଶିକ୍ଷକ ଭାବରେ ନିଯୁକ୍ତି ଦେବା, ପଦୋନ୍ନତି ତଥା ସେମାନଙ୍କ ସରକାରୀ କର୍ମଚାରୀ ମାନ୍ୟତା ଆଦି ପ୍ରସଙ୍ଗରେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ମା' ଓ ଶିଶୁମାନଙ୍କ କଲ୍ୟାଣରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଯେପରି ଗୁରୁ ଦାୟିତ୍ୱ ତୁଲାଇ ଆସୁଛନ୍ତି ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏହି ଆଲୋଚନା ସମୟରେ ସଂଘର ଉପଦେଷ୍ଟା ସୁବାସ ସିଂ, ସଭାନେତ୍ରୀ ନନ୍ଦିନୀ ପଣ୍ଡା, ସମ୍ପାଦିକା ମଞ୍ଜୁଲତା ଦାସ, ସୁଶ୍ରୀ ସଂଗୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ନ୍ୟାସନାଲ୍ ଡିଫେନ୍ସ କଲେଜ ପ୍ରତିନିଧିଙ୍କ ଓଡ଼ିଶା ଗସ୍ତ

# ଓଡ଼ିଶା ପୁଲିସର ଭୂମିକା ସମ୍ପର୍କରେ ହେଲେ ଅବଗତ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ସୋମବାର ଭୁବନେଶ୍ୱରଠାରେ ନ୍ୟାସନାଲ ଡିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧି ମଣ୍ଡଳୀ ଶୈକ୍ଷିକ ଭାରତ ଭ୍ରମଣ ଅବସରରେ ଓଡିଶାକୁ ୪ ଦିନିଆ ଗସ୍ତରେ ଆସି ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ପୁଲିସର ଭୂମିକା ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସ ବ୍ୟବସ୍ଥା ଓ ତଟ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେଶ୍ରୀ ଖୁରାନିଆ ରାଜ୍ୟର ପୁଲିସ ବ୍ୟବସ୍ଥାରେ ଆଧୁନିକୀକରଣ, ମାଓ ସମସ୍ୟାର ମୁକାବିଲା, ସଂଗଠିତ ଅପରାଧର ନିରାକରଣ ଓ ରାଜ୍ୟର ତଟବର୍ତ୍ତୀ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମାଓବାଦୀ ବିରୋଧୀ ଅଭିଯାନ ଠାରୁ ଆରମ୍ଭ କରି କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ, ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଏବଂ ପ୍ରତିକାର, ସଡ଼କ ଦୁର୍ଘଟଣା ଏବଂ ଏହାର ନିରାକରଣ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ୧୯୩୬ ମସିହା ଅପ୍ରେଲ ୧ ତାରିଖରୁ ଓଡିଶା ପୋଲିସ ବାହିନୀ ଗଠନ ହେବା ଠାରୁ ଆରମ୍ଭ କରି ସାମ୍ପ୍ରତିକ ପରିସ୍ଥିତିରେ ପୁଲିସର ଭୂମିକା ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ଆଗାମୀ



ଦିନରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପୁଲିସ ପ୍ରତି ଆହ୍ୱାନ ଓ ଏହାର ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଡିଜିପି ସୂଚନା ପ୍ରଦାନ କରିଥିଲେ। ଏହା ବ୍ୟତୀତ ସଦ୍ୟ ସମାପ୍ତ ହୋଇଥିବା ଡିଜିପି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଧିଶା ଭଳି ମେଗା ଇଭେଣ୍ଟକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାରେ ଓଡ଼ିଶା ପୁଲିସ ମୁଖ୍ୟ ଭୁମିକା ଗ୍ରହଣ କରିଥିଲା। ପୁଲିସର ଭୂମିକାକୁ ପ୍ରତିନିଧି ମଣ୍ଡଳୀ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଏହି ପ୍ରତିନିଧିମଣ୍ଡଳୀରେ ବ୍ରାଜିଲ, ଭୁଟାନ, ଦକ୍ଷିଣ ଆଫ୍ରିକା, ନେପାଳ, ବଙ୍ଗଳାଦେଶ ଆଦି ଦେଶର ପ୍ରତିନିଧିଗଣ ସାମିଲ ହୋଇଥିଲେ। ଏହା ବ୍ୟତୀତ ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଏବଂ ସ୍ଥଳ ବାହିନୀର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି କୋଚେ, ବିପିଏସ୍‌ପିଏ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏସସିଆରବି ନିର୍ଦ୍ଦେଶକ ଡ଼ଃ ସନ୍ତୋଷ ବାଲା, ପୁଲିସ କମିଶନର ଡ଼ଃ ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍‌ଏପି) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜି ( କାର୍ମିକ) ଏସ. ପ୍ରବୀଣ କୁମାର, ଆଇଜି ( ଅପରେସନ) ଜୟ ନାରାୟଣ ପଙ୍କଜଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବିନା ଭୟ, ପକ୍ଷପାତରେ ଗଠନମୂଳକ ସମାଲୋଚନା କରନ୍ତୁ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହାର ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ରହିଛି। ତେଣୁ, ଗଣମାଧ୍ୟମ ବିନା ଭୟ ଓ ପକ୍ଷପାତରେ ଗଠନମୂଳକ ସମାଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ସମ୍ବାଦ ପକ୍ଷରୁ ଆୟୋଜିତ କର୍ପୋରେଟ ଏକ୍ସେଲନ୍ସ ଆୱାର୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସମସ୍ୟା ଓ ପ୍ରସଙ୍ଗକୁ ସରକାରଙ୍କ ନଜରକୁ ଆଣିଲେ, ସମାଧାନ କରିବା ପାଇଁ ସରକାରଙ୍କୁ ଏହା ସାହାଯ୍ୟ କରିବ। କିନ୍ତୁ ସମ୍ବାଦ ପରିବେଷଣ ଓ ଅଭିସନ୍ଧିମୂଳକ କୁତ୍ସାରଟନା ଭିତରେ ଯେଉଁ ସୂକ୍ଷ୍ମ ଲକ୍ଷ୍ମଣରେଖା ରହିଛି, ତାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ। ସାମ୍ବାଦିକତାର ମୂଳମନ୍ତ୍ର ହେଉଛି ସତ୍ୟର ଜୟ ହେଉ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ମହାପରିବର୍ତ୍ତନର ଯାତ୍ରା ଆରମ୍ଭ ହୋଇଛି ସେଥିରେ ସମାଜର ସବୁ ବର୍ଗର ଲୋକଙ୍କ ସହଯୋଗ କାମନା କରିଥିଲେ। ଗଣମାଧ୍ୟମ ମଧ୍ୟ ଏ ଦିଗରେ ସହଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ଏହି ସମୟ ଭିତରେ ଓଡ଼ିଶାର ସମ୍ପୂର୍ଣ୍ଣ କାୟାକଳ୍ପ ହେବ। ଗତ କିଛି ମାସ ମଧ୍ୟରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ସଫଳ ଆୟୋଜନ କରି ଓଡ଼ିଶା ଦେଶ ଓ ବିଶ୍ୱର ନଜରକୁ ଆସିପାରିଛି। ପ୍ରବାସୀ ଭାରତୀୟ ଓ ଓଡ଼ିଆମାନଙ୍କ ସହ ଯୋଡ଼ି ହେବା ଯୋଗୁଁ ଓଡ଼ିଆ ଅସ୍ମିତା ଆଜି ବିଶ୍ୱ ଦରବାରରେ ପହଞ୍ଚି ପାରିଛି। ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ - ୨୦୨୫ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଓଡ଼ିଶା ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ତେଣୁ ନୂଆ ଓଡ଼ିଶା ଗଠନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ସବୁ ବର୍ଗର ଲୋକଙ୍କ ସହଯୋଗ ଓ ସହଭାଗିତାରେ ତାହା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ନିଜର ଅଭିଭାଷଣ ରଖି ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଓଡ଼ିଶାରେ ଏବେ ଯେଉଁ ପରିବର୍ତ୍ତନ ହୋଇଛି, ତାହା ଏକ ନୂଆ ଯୁଗର ସଙ୍କେତ ଦେଉଛି। ଏବେ ଆମେ ଓଡ଼ିଶାକୁ ଉତ୍କୃଷ୍ଟ କରିବା ପାଇଁ ଅଗ୍ରସର ହେଉଛୁ। ତେଣୁ ଓଡ଼ିଶାରେ ସବୁଲୋକ ଉତ୍କର୍ଷର ଉପାସକ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ବର୍ଗରେ ୧୭ଟି ବ୍ରାଣ୍ଡକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଷ୍ଟର୍ଣ୍ଣ ମିଡିଆର ନିର୍ଦ୍ଦେଶିକା ଡକ୍ଟର ମୋନିକା ପଟ୍ଟନାୟକ ସମ୍ବାଦ ଓ କନକ ନ୍ୟୁଜର ସମ୍ପାଦିକା ତନୟା ପଟ୍ଟନାୟକ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

## ଚଳଚ୍ଚିତ୍ର ପ୍ରଯୋଜକ ରାହାସବିହାରୀ ମହାନ୍ତିଙ୍କ ପରଲୋକ

**କଟକ,୩।୨/ଏନ୍ଏନ୍ଏସ୍:** ଓଡ଼ିଆ ଚଳଚ୍ଚିତ୍ର 'ଲକ୍ଷ୍ମୀ ପ୍ରତିମା'ର ପ୍ରଯୋଜକ ତଥା ଶିଳ୍ପ ଉଦ୍ୟୋଗୀ ରାହାସ ବିହାରୀ ମହାନ୍ତିଙ୍କ ୬୯ ବର୍ଷ ବୟସରେ ପରଲୋକ ହୋଇଛି। ସେ କିଛି ବର୍ଷ ହେବ ସେ ଅସୁସ୍ଥ ଥିଲେ। ତାଙ୍କ ଶେଷଶଯ୍ୟା ନିକଟରେ ବିଧବା ପତ୍ନୀ, ଦୁଇ ପୁଅ, ତିନି ଭାଇ, ଭଉଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଲୋକ ତାଙ୍କ ସାଆନ୍ତସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ପ୍ରତି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସ୍ୱର୍ଗତ୍ ମହାନ୍ତି ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଗୋ ଖାଦ୍ୟ ଓ କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ପାଇଁ ଏକ କ୍ଷୁଦ୍ର ଶିଳ୍ପ ଆରମ୍ଭ କରିଥିଲେ। ଏହାପରେ ପଶୁ ପକ୍ଷୀମାନଙ୍କ ପାଇଁ ଆୟୁର୍ବେଦିକ ଔଷଧ ସହ ଭାରତୀୟମାନକ ବ୍ୟୁରୋ ପ୍ରମାଣପତ୍ର ପ୍ରାପ୍ତ ମିନେରାଲ ମିକ୍ସଚର ତିଆରି ଆରମ୍ଭ କରିଥିଲେ। ସେ ୧୯୯୯ରେ ଲକ୍ଷ୍ମୀ ପ୍ରତିମା ଚଳଚ୍ଚିତ୍ର ନିର୍ମାଣ କରି ରାଜ୍ୟ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ସହ ଏହି ଚଳଚ୍ଚିତ୍ର ୫ଟି ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା। ଏହାର ବେଙ୍ଗଲୀ ଭର୍ସନ ପଶ୍ଚିମବଙ୍ଗରେ ମଧ୍ୟ ବେଶ ସଫଳତା ହାସଲ କରିଥିଲା। ତରଙ୍ଗ ଚ୍ୟାନେଲରେ ଟୋପାଏ ସିନ୍ଦୂର ନାମକ ଏକ ସିରିଏଲ ମଧ୍ୟ ସେ ନିର୍ମାଣ କରିଥିଲେ।



# 'ତମାଖୁ ନିୟନ୍ତ୍ରଣ ଓ ବର୍ଜନ ଆଜିର ଏକ ବଡ଼ ଆହ୍ୱାନ'

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ତମାଖୁ ଦୃଶ୍ୟମାନ ସମାଜଠାରୁ ଆରମ୍ଭ କରି ଅଦୃଶ୍ୟ ସମାଜଯାଏଁ ସବୁଠି କାୟାବିସ୍ତାର କରିବାକୁ ଲାଗିଲାଣି। ସହରରୁ ଗାଁ, ଗାଁରୁ ସହର, ଦିଲ୍ଲୀରୁ ପଲ୍ଲୀ, ପଲ୍ଲୀରୁ ଦିଲ୍ଲୀ ତମାଖୁ ଆଜି ସମସ୍ତ ବର୍ଗର ଲୋକଙ୍କୁ ଧୀରେ ଧୀରେ ଗ୍ରାସ କରିବାକୁ ଲାଗିଛି। ଏହାର ନିୟନ୍ତ୍ରଣ ଓ ବର୍ଜନ ଆଜିର ସମୟର ଏକ ବଡ଼ ଆହ୍ୱାନ ବୋଲି ଅତିଥିମାନେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କର୍ମଶାଳାରେ ମତପୋଷଣ କରିଛନ୍ତି। ତମାଖୁ ଓ କର୍କଟ ରୋଗ ଅଙ୍ଗାଙ୍ଗୀଭାବେ ଜଡ଼ିତ। ତମାଖୁ ଶିଳ୍ପରେ ଛୋଟ ପିଲା, ମହିଳା ଓ ଯୁବବର୍ଗ କାମ କରୁଛନ୍ତି। ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ସହିତ କର୍କଟ ରୋଗର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କୌଣସି ସଭ୍ୟ ସମାଜ ପାଇଁ ଏହା ଶୁଭଙ୍କର ସୂଚନା ନୁହେଁ। ତମାଖୁ ନିୟନ୍ତ୍ରଣ ପାଇଁ ଆଇନ ପ୍ରଣୟନ ଏବଂ ମୁଖ୍ୟତଃ ଅନୁପାଳନକୁ କଡ଼ାକଡ଼ି ଭାବେ ପାଳନ କରାନଗଲେ ପ୍ରାଣୀ ଓ ପ୍ରକୃତି ଉଭୟେ ଆଗାମୀ ଦିନରେ ପ୍ରଭାବିତ ହେବେ ବୋଲି ଅତିଥିମାନେ କହିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ଯୋଗୁଁ ଲୋକମାନେ ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାରର ସିଗାରେଟ୍, ବିଡି, ହୁକ୍କା, ଗୁଟ୍‌ଖା, ପାନମସଲା କ୍ଷତିକାରକ ବୋଲି ଜାଣି ସୁଦ୍ଧା ଲୋକମାନେ ଖାଉଛନ୍ତି, ତା'ଠାରୁ ପରିତାପର ବିଷୟ କ'ଣ ହୋଇପାରେ। ତମାଖୁ ସେବନ ଓ ଏହାର ପ୍ରଚଳନ ହ୍ରାସ ନିମନ୍ତେ ତମାଖୁ ଶିଳ୍ପ ଉପରେ ଅଙ୍କୁଶ ଲଗାଯିବା ନିମନ୍ତେ କର୍ମଶାଳାରେ ଯୋଗଦେଇଥିବା ବ୍ୟକ୍ତିମାନେ ମତପୋଷଣ କରିଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ରଙ୍ଗୀନ ପଲ୍ଲବ ତ୍ରିପାଠୀ, ସହକାରୀ ପ୍ରାଧ୍ୟାପିକା ଡଃ ରିଷିକା ଖେର , ଡଃ ନିର୍ମାଲ୍ୟ ମୁଖାର୍ଜୀ, ଡଃ ଶିବମ୍ କପୁର, ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପ୍ରୟାଗରାଜରେ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ବାର୍ତ୍ତା




**ପୁରୀ,୩।୨/ଏନ୍ଏନ୍ଏସ୍:** ଆସ୍ଥା ବିଶ୍ୱାସର ମହାସଂଗମ ପ୍ରୟାଗରାଜର ମହାକୁମ୍ଭରେ କୋଟି କୋଟି ଭକ୍ତଙ୍କୁ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ବାର୍ତ୍ତା ବାଣ୍ଟିଛି ସେଣ୍ଟ ଜନ୍ ଆମ୍ବୁଲାନ୍ସ, ମିଶନ ଓଡ଼ିଶା ଓ ଓଡ଼ିଶା ଯୁବ ଚେତନା ସଂଗଠନ। ପୁରୀ ଜିଲ୍ଲା ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର କ୍ୟାଡେଟ ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର, ଭୁବନେଶ୍ୱର ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ଅଫିସର୍ ଗଣେଶ ବାରିକଙ୍କ ନେତୃତ୍ୱରେ ଜଗନ୍ନାଥଧାମର କମାଣ୍ଡର ଲାଲା ଅନନ୍ତ ସିଂହ ତତ୍ତ୍ୱାବଧାନରେ ଏଗାର ଜଣିଆ କ୍ୟାଡେଟ ଟିମ୍, ଅନେକ ପ୍ରତିକୂଳ ପରିସ୍ଥିତିରେ ବିଶ୍ୱର କୋଣ ଅନୁକୋଣରୁ ପ୍ରୟାଗରାଜ ର ତ୍ରିବେଣୀ ସଂଗମ ରେ ଯୋଗଦାନ କରିଥିବା ଭକ୍ତ -ଶ୍ରଦ୍ଧାଳୁଙ୍କୁ ସ୍ୱାସ୍ଥ୍ୟ ଶିବିର ଜରିଆରେ ପ୍ରାଥମିକ ଚିକିତ୍ସା ଯୋଗାଉଛନ୍ତି। ଏଥିସହ ନୈନୀ ଅଞ୍ଚଳର ସେକ୍ଟର ୨୪ ଏରେଲ ଘାଟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସେକ୍ଟର ୨୪ରୁ ପ୍ରତିଦିନ ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ସେକ୍ଟର ୨୩ରୁ ତ୍ରିବେଣୀ ଘାଟ, ସେଲ୍ଫି ଘାଟ, ହନୁମାନ ଘାଟ ଆଦିରେ ଶ୍ରଦ୍ଧାଳୁଙ୍କର ଚିକିତ୍ସା ପ୍ରଦାନ କରୁଛନ୍ତି। ସେହିପରି କୋଟି କୋଟି ଭକ୍ତଙ୍କୁ ସେବା ଦେବା ସହ ସ୍ୱଚ୍ଛ ଭାରତବର୍ଷ ଓ ତମାଖୁ ମୁକ୍ତ, କ୍ୟାନ୍ସର୍ ମୁକ୍ତ ଭାରତବର୍ଷର ବାର୍ତ୍ତା ନେଇ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓ ମିଶନ ଓଡ଼ିଶା ର ରାଜ୍ୟ ସମ୍ପାଦକ ମଧୁସୂଦନ ମିଶ୍ର ଏକ ୧୭ଜଣିଆ ସ୍ୱେଚ୍ଛାସେବୀ ଟିମ୍, ପୁରୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଓ ହରିହରାନନ୍ଦ ଆଶ୍ରମର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଆଶୀର୍ବାଦ ନେଇ ସଚେତନତା ଶୋଭାଯାତ୍ରାରେ ସେକ୍ଟର ୨୪, ସେକ୍ଟର ୨୧, ୨୦, ୧୯ ପର୍ଯ୍ୟନ୍ତ ବାର୍ତ୍ତା ପ୍ରଚାର କରିଛନ୍ତି। ଏଥିରେ ଉତ୍ତରପ୍ରଦେଶ ରେଡକ୍ରସ ସୋସାଇଟିର ସ୍ୱେଚ୍ଛାସେବୀ, ପୁରୀ ଜିଲ୍ଲା ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର, କମାଣ୍ଡର ଲାଲା ଅନନ୍ତ ସିଂହ, ନିରଞ୍ଜନ ମହାପାତ୍ର, ଅଜୟ କୁମାର ପ୍ରଧାନ, ଡାକ୍ତର ପବିତ୍ର ପ୍ରଧାନ, ଜି. ବାପି, ଚିନ୍ତାମଣି ପାଢ଼ୀ, ପ୍ରଣବ ମହାପାତ୍ର, ଗଣେଶ ମାଳିଆ, ରଞ୍ଜନ ଅଗ୍ରୱାଲ, ସୁବାସ ଚନ୍ଦ୍ର ମାଳିଆ, ରମାକାନ୍ତ ଜେନା, ମନୋରଞ୍ଜନ ମାଳିଆ, ପ୍ରଣବ କୁମାର ମହାପାତ୍ର, ସନ୍ତୋଷ ପାତ୍ର, ଗଣେଶ ବାରିକ ପ୍ରମୁଖ ସାମିଲ୍ ହୋଇଛନ୍ତି। ପ୍ରୟାଗରାଜରୁ ଏହି ଟିମ୍ ଅଯୋଧ୍ୟା ଯାଇ ସେଠାରେ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ବାର୍ତ୍ତା ପ୍ରଚାର କରିବେ ବୋଲି ମିଶନ୍ ଓଡ଼ିଶାର ରାଜ୍ୟ ସମ୍ପାଦକ ମଧୁସୂଦନ ମିଶ୍ର ଓ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଜଣାଇଛନ୍ତି।

## ସିଏସ୍ଆଇଆର୍ ନେଟ୍ ପରୀକ୍ଷାରେ ଓଡ଼ିଆ ପୁଅଙ୍କ କୃତିତ୍ୱ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଓଡ଼ିଶାର ଜଣେ ମାଛ ଧରାଳିଙ୍କ ପୁଅ ୨୪ ବର୍ଷୀୟ ମନୋଜ ବାର୍ ସିଏସଆଇଆର ନେଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୧୫ତମ ସ୍ଥାନ ହାସଲ କରିଛନ୍ତି। ଏବେ ସେ ନିଜର ପିଏଚଡି ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ନିଜର ଏହି ସଫଳତା ପାଇଁ ମନୋଜ ଫିଜିକ୍ସୱାଲା ଏବଂ ଏହାର ପ୍ରତିଷ୍ଠାତା ଅଲଖ ସାରଙ୍କ ସମର୍ଥନ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଅର୍ଥ ଅଭାବରୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ତାଙ୍କର ଲକ୍ଷ୍ୟ ଏବଂ ଏକାଗ୍ରତା ଆଗରେ ସବୁ ସମସ୍ୟା ହାର ମାନିଛି। ଇଣ୍ଟର୍‌ନେଟ୍‌ରୁ ପାଠପଢ଼ା ଜାଣିବା ଲାଗି ସେ ପ୍ରାୟ ୨ କି.ମି ଚାଲି ଚାଲି ସାଙ୍ଗ ଘରକୁ ଯାଉଥିବାବେଳେ କଲେଜ ପଢୁଥିବା ସମୟରେ ପ୍ରତ୍ୟେକ ଦିନ ୩୦ କି.ମି ଯାତ୍ରା କରୁଥିଲେ। ତେବେ ଏକାଗ୍ରତା ଏବଂ କଠିନ ପରିଶ୍ରମ ସଫଳତା ଦେଇଥିବା ସେ କହିଛନ୍ତି। ସେ ଆଇଆଇଟି ଏବଂ ସିଏସଆଇଆର ଲ୍ୟାବ୍ ଭଳି ଅନୁଷ୍ଠାନରେ ଅଧ୍ୟାପନା ଏବଂ ଗବେଷଣା କରିବାକୁ ଇଚ୍ଛା ରଖିଛନ୍ତି।

## ମା' ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ



**ଚନ୍ଦ୍ରଶେଖରପୁର,୩।୨/ଏନ୍ଏନ୍ଏସ୍:** ନୀଳାଦ୍ରି ବିହାର ମା' ମଙ୍ଗଳା ବସ୍ତିରେ ଥିବା ମା' ମଙ୍ଗଳା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଏକ ଦିନାତ୍ମକ ଧାର୍ମିକ ଉତ୍ସବରେ ସକାଳ ସମୟରେ କଳସ ଯାତ୍ରା ହୋଇଥିଲା। ପରେ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସୂର୍ଯ୍ୟପୂଜା, ଯଜ୍ଞାରମ୍ଭ, ଚଣ୍ଡିପାଠ, ସନ୍ଧ୍ୟା ଆଳତୀ ଓ ପୂର୍ଣ୍ଣାହୁତି ହୋଇଥିଲା। ଦୀର୍ଘ ଦିନ ଧରି ପୂଜା ପାଉଥିବା ମା'ଙ୍କର ଏହି ବାର୍ଷିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ ସହିତ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ରାତିରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସାହି କମିଟି ଓ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।

## ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଞ୍ଚଦିନିଆ କର୍ମଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଇମେଜ୍ ସଭାଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ର ମିଳିତ ଆନୁକୂଲ୍ୟରେ ନବ ନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଞ୍ଚ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳା ଆସନ୍ତା ଫେବୃଆରୀ ୭ ତାରିଖ ଯାଏଁ ଚାଲିବ। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତରର ପ୍ରାୟ ୧୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଭାଗନେଇଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର୍ ସମସ୍ତ ଅତିଥି ଏବଂ କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀ ଏବଂ ନିର୍ଦ୍ଦେଶାଳୟର ସମସ୍ତ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଏବଂ ବିଭିନ୍ନ ଅଧିବେଶନ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ଆୟାର୍ ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ଆବଶ୍ୟକୀୟ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଇବା ସହ ପରୀକ୍ଷା ସମ୍ପର୍କିତ ଦିଗଦର୍ଶନ ଦେଇଥିଲେ। ଏଥିସହିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରୀକ୍ଷା ସମ୍ପର୍କିତ ଏକ ବିଶେଷ ଅଧିବେଶନ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଞ୍ଚଳିକ ନିର୍ଦ୍ଦେଶକ, ସମ୍ବଲପୁର ବିକାଶ ଚନ୍ଦ୍ର ପ୍ରଧାନ ଅଂଶଗ୍ରହଣକାରୀମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କର ଆଚରଣ, ଉଚ୍ଚାରଣ ଏବଂ ପରିଚାଳନା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷା ଶୁଭଶ୍ରୀ ନନ୍ଦ ଶିକ୍ଷାର ମହତ ଉଦ୍ଦେଶ୍ୟ ପ୍ରତିପାଦନ ସହିତ ଅଂଶଗ୍ରହଣକାରୀମାନଙ୍କୁ ନିଷ୍ଠାର ସହିତ ତାଙ୍କର ଗୁରୁଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ପାଇଁ ପ୍ରେରଣା ଦେଇଥିଲେ। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଜୁଲି ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ଅଧିବେଶନକୁ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲା

## ସ୍ୱାସ୍ଥ୍ୟ ସଚିବ ଏବଂ ଓଏସ୍ଏସ୍ଏସ୍‌ସି ଆୟୁକ୍ତଙ୍କୁ ନୋଟିସ୍

**କଟକ,୩।୨/ଏନ୍ଏନ୍ଏସ୍:** ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନେଇ ରୁଜୁ ମାମଲାରେ ହାଇକୋର୍ଟ ନିଯୁକ୍ତି ଉପରେ ଆଜି ରହିତାଦେଶ ଜାରି କରିଛନ୍ତି। ନିଯୁକ୍ତି ପ୍ରକ୍ରିୟା କରୁଥିବା ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ୍ କମିସନ୍ (ଓଏସ୍ଏସ୍ଏସ୍‌ସି) ଚୟନ ପ୍ରକ୍ରିୟା ଜାରି ରହିବ। ମାତ୍ର ହାଇକୋର୍ଟଙ୍କ ଅନୁମତି ବିନା ନିଯୁକ୍ତି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ଓଏସଏସଏସସି ଆୟୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ମାର୍ଚ୍ଚ ତୃତୀୟ ସପ୍ତାହକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଓଏସଏସଏସସି ପକ୍ଷରୁ ୨୭୫୩ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦରେ ନିଯୁକ୍ତି ନିମନ୍ତେ ୨୦୨୩ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ ମାସ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ସମୟସୀମା ରହିଥିଲା। ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ ୧୦୦ ନମ୍ବର ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିଥିଲା। ପରୀକ୍ଷାର ସମୟ ଦୁଇ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ଏଥିସହ ପ୍ରତି ଭୁଲ ଉତ୍ତରରେ ୦.୨୫% ନମ୍ବର କଟିବାର ବ୍ୟବସ୍ଥା ରହିଥିଲା। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ଗଙ୍ଗାମଣି ଜେନା ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାଗୁଡ଼ିକର ଏକତ୍ର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

### ଉନ୍ନତ ହୃଦ୍‌ଚିକିତ୍ସା କ୍ଷେତ୍ରରେ ଓଡ଼ିଶାରେ ପ୍ରଥମ

## କିମ୍‌ସରେ ଆରମ୍ଭହେଲା ଲଟ୍ ସିଆର୍‌ଟି ଚିକିତ୍ସା ପଦ୍ଧତି



**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ଉନ୍ନତ ହୃଦ୍ ଚିକିତ୍ସା କ୍ଷେତ୍ରରେ ଲଟ୍ ସିଆର୍‌ଟି ଚିକିତ୍ସା ପଦ୍ଧତି ଆପଣାଇଛି କିମ୍ସ। ଓଡ଼ିଶାରେ ପ୍ରଥମ କରି କିମ୍‌ସରେ ଏଭଳି ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା ପଦ୍ଧତି ଆରମ୍ଭ କରାଯାଇଛି। ଏଥିରେ ବାମ-ପାର୍ଶ୍ୱ ଅପ୍‌ଟିମାଇଜଡ୍ କାର୍ଡିଆକ୍ ରିସିଙ୍କ୍ରୋନାଇଜେସନ୍ ଥେରାପି ଉପଯୋଗ କରାଯାଇ ହୃତପିଣ୍ଡ ଦୁର୍ବଳ ହୋଇଥିବା ରୋଗୀଙ୍କଠାରେ ଉତ୍ତମ ଚିକିତ୍ସା ହୋଇପାରୁଛି। ଗତ ଡିସେମ୍ବରରେ ମାଡ୍ରାସ ମେଡିକାଲ ମିଶନର ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡା. ଅନିନ୍ଦ୍ୟ ଘୋଷଙ୍କ ମାର୍ଗଦର୍ଶନରେ ହୃଦ୍‌ରୋଗ ବିଭାଗର ବରିଷ୍ଠ ପ୍ରଫେସର ଡା ପଞ୍ଚାନନ ସାହୁ କିମ୍‌ସରେ ପ୍ରଥମ ଥର ଲାଗି ଏହି ଉନ୍ନତ ପ୍ରକ୍ରିୟା ସମ୍ପାଦନ କରିଥିଲେ। ଡା ସାହୁ ପୁନର୍ବାର ଜାନୁଆରୀ ମାସରେ କିମ୍‌ସରେ ଦ୍ୱିତୀୟ ଥର ଏହି ପ୍ରକ୍ରିୟାରେ ରୋଗୀଙ୍କ ସଫଳ ଚିକିତ୍ସା କରିଛନ୍ତି।ଏଥିରେ ହୃତପିଣ୍ଡ ମାଂସପେଶୀରେ ଥିବା ୪ଟି କୋଠରୀ (ଅଳିନ୍ଦ ଓ ନିଳୟ) ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ସହ ସଂକୋଚନକୁ ବୃଦ୍ଧି କରେ ଏବଂ ଜଟିଳତାର ଆଶଙ୍କା ହ୍ରାସ କରେ।

ପୂର୍ବରୁ ପାରମ୍ପରିକ ଡାହାଣ ଭେଂଟ୍ରିକୁଲାର ପେସିଂରେ ହୃତପିଣ୍ଡର ଦୁର୍ବଳତା ସମ୍ଭାବନା ୨୦ ପ୍ରତିଶତ ଥିଲା। ଏବେ ଲଟ୍ ସିଆର୍‌ଟି ପ୍ରକ୍ରିୟାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଏବେ ପାରମ୍ପରିକ ବାଇ-ଭେଂଟ୍ରିକୁଲ ପୂର୍ବ ପେସିଂ ପରି ନହୋଇ ଲଟ୍ ସିଆର୍‌ଟି ଭେଂଟ୍ରିକୁଲ ସେପ୍‌ଟମ୍‌ର ବାମ ପାର୍ଶ୍ୱ (ହୃଦୟର ଦୁଇଟି ନିଳୟକୁ ପୃଥକ କରୁଥିବା ମଧ୍ୟଛଦା) ଆଡକୁ ପେସିଂ ଲିଡ୍ ରଖେ। ଏହି ସଠିକ୍ ସ୍ଥାନ କ୍ୟୁଆର୍‌ଏସ୍ ଜଟିଳକୁ ସଂକୁଚିତ କରେ - ହୃଦୟର ବୈଦ୍ୟୁତିକ କାର୍ଯ୍ୟକଳାପର ଏକ ମାପ - ଏହାକୁ ସ୍ୱାଭାବିକ କରିଥାଏ ଏବଂ ହୃଦୟର ପ୍ରାକୃତିକ ସଙ୍କୋଚନକୁ ଉନ୍ନତ କରିଥାଏ ବୋଲି ଡା. ସାହୁ ପ୍ରକାଶ କରିଛନ୍ତି। ସହଯୋଗୀ ଇପି ବିଶେଷଜ୍ଞ ଡା ଅନୁପମ ଜେନା ଏବଂ ଡା ମିଲନ ଘଡ଼େଇଙ୍କ ସହ ମିଳିତ ଭାବେ ଉନ୍ନତ ଇପି ଏବଂ ଆରଏଫ୍ଏ ପ୍ରକ୍ରିୟା ବ୍ୟବହାର କରି ଜଟିଳ ହୃଦ୍‌ରୋଗରେ ପୀଡ଼ିତ ଅନେକ ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରୁଥିବା ଡା. ସାହୁ ସୂଚନା ଦେଇଛନ୍ତି।

# ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍‌ର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ସ୍ୱାସ୍ଥ୍ୟସେବାରେ ଅଗ୍ରଣୀ ଏବଂ ପ୍ରମୁଖ ଅନୁଷ୍ଠାନ ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍ ତାର ୧୮ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ପାଳନ କରିଛି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରିବାରେ ଏକ ଅଗ୍ରଣୀ ଭୂମିକା ନେଇ ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ସରକାରୀ, ସରକାରୀ ଓ ବେସରକାରୀ ଉଦ୍ୟୋଗର ମାନ୍ୟତା ପାଇପାରିଛି। ଏହି ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟବକ୍ତା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଚେନ୍ନାଇ ଆପୋଲ ହସ୍ପିଟାଲ କର୍କଟ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ଼ା, ରାକେଶ ଜଲାଲି, ନିର୍ମଳା ଟ୍ରଷ୍ଟର ପ୍ରତିଷ୍ଠାତା ନୃସିଂହ ଚରଣ ଧୀର ଯୋଗଦେଇ ସ୍ୱର୍ଣ୍ଣ ହସ୍ପିଟାଲ୍‌ର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପବ୍ଲିକ ପରିବର୍ତ୍ତନର ସୂଚନା ଦେଇ ଏବି ପିଏମ୍‌ଜେଏୱାଇ-ଜିଜେଏୱାଇର ଭୂମିକା ବିଷୟରେ ପ୍ରକାଶ କରିଥିଲେ। ସ୍ୱର୍ଣ୍ଣ ହେଲଥ୍ କେୟାରର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ା. ପ୍ରୀୟବ୍ରତ ଧୀର ହସ୍ପିଟାଲ ସମ୍ବନ୍ଧରେ ସୂଚନା ଦେଇ ଆଗତ ଦିନମାନଙ୍କର ହସ୍ପିଟାଲର ଅତ୍ୟାଧୁନିକ ଚିକିତ୍ସା ଉପକରଣ ଉପଲବ୍ଧ ହେବ ବୋଲି ସୂଚନା ଦେଇଥିଲେ। ଅଲ୍ ଇଣ୍ଡିଆ କ୍ରିଟିକାଲ୍ କେୟାର୍ ର୍‍ୟାଙ୍କିଂ ସର୍ଭେ-୨୦୨୪ ସର୍ବେକ୍ଷଣରେ ସ୍ୱର୍ଣ୍ଣ ହସ୍ପିଟାଲର କର୍କଟ ବିଭାଗ ଓଡ଼ିଶାରେ କ୍ରମାଗତ ୭ମ ଥର ପ୍ରଥମ ସ୍ଥାନ ଏବଂ ପୂର୍ବ ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହାର ସ୍ତ୍ରୀ ଏବଂ ପ୍ରସୂତୀ ବିଭାଗ ଓଡ଼ିଶାରେ ପ୍ରଥମ ଏବଂ ପୂର୍ବ ଭାରତରେ ଦ୍ୱିତୀୟ ସ୍ଥାନ ମଣ୍ଡନ କରିଛି। ସ୍ୱର୍ଣ୍ଣ ହସ୍ପିଟାଲ୍ ଦ୍ୱାରା ପରିଚାଳିତ ସ୍ୱର୍ଣ୍ଣ ଫାର୍ମାସୀ ଏହାର ବିଭିନ୍ନ ଶାଖା ମାଧ୍ୟମରେ ଡ଼ାକ୍ତରଙ୍କ ପରାମର୍ଶ, ଯୋଗ୍ୟତାପ୍ରାପ୍ତ ଫାର୍ମାସୀଷ୍ଟଙ୍କ ଦ୍ୱାରା ଔଷଧ ବିତରଣ, ହୋମ୍ ଡ଼େଲିଭରି ଏବଂ ହୋମ୍ କଲେକ୍ସନ୍ ଆଦି ସେବା ଯୋଗାଇଥାଏ। ଏହି ଅବସରରେ ହସ୍ପିଟାଲ ଖ୍ୟାତନାମା କର୍କଟ ବିଶେଷଜ୍ଞ ଓ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ଼ା ଘନଶ୍ୟାମ ବିଶ୍ୱାସ, ନିର୍ଦ୍ଦେଶକ ସତ୍ୟବ୍ରତ ଧୀର ଏବଂ ଦେବବ୍ରତ ଧୀର, ନିର୍ଦ୍ଦେଶକ ସିଏ ବିଧୁ ଭୂଷଣ ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣ ହେଲଥ୍ କେୟାର୍‌ର ଗ୍ରୁପ୍ ସିଇଓ ଡ଼ା. ଅନୁଜ ତ୍ରିପାଠୀ ଉପସ୍ଥିତ ରହିବା ସହିତ ପରିଚାଳନା କରିଥିଲେ। ମଞ୍ଚେଶ୍ୱରଠାରେ ସ୍ୱର୍ଣ୍ଣ ଅପ୍‌ଟିମୁମ୍ ହେଲ୍‌ଥ୍ କେୟାର ନାମରେ ନୂତନ ହସ୍ପିଟାଲ୍ ଆଗାମୀ ସ୍ୱର୍ଣ୍ଣ ଗ୍ରୁପ୍ ହସ୍ପିଟାଲ୍ ଓଡ଼ିଶା ତଥା ପୂର୍ବ ଭାରତରେ ସବୁଠାରୁ ବଡ଼ ଚେନ୍ ହସ୍ପିଟାଲ୍‌ରେ ରେଳକୁଞ୍ଜ ଅଡ଼ିଟୋରିୟମ୍, ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହର ମନୋରଞ୍ଜନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ପ୍ରତିଷ୍ଠିତ ବଲିଉଡ୍ ଖ୍ୟାତିସମ୍ପୂର୍ଣ୍ଣ ଗାୟକ ଅଭିଜିତ୍ ଘୋଶାଲ୍ ଏବଂ ହାସ୍ୟ ଅଭିନେତା ବିଜୟ ଇଶ୍ୱର ପାୱାର (ଭି.ଆଇ.ପି.) ତତ୍‌ସହିତ ପ୍ରସିଦ୍ଧ ଓଡ଼ିଆ ସିନେତାରକା ସବ୍ୟଶାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ । ଏହା ସହିତ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମଧ୍ୟ ଯୋଗ ଦେଇଥିଲେ।

## ସିଆଇଆଇ ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର,୩।୨/ଏନ୍ଏନ୍ଏସ୍:** ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଡ ପ୍ରଦୀପ୍ତ ମହାନ୍ତି ଯୋଗଦେଇ ସଂସ୍କାର, ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଷ୍ଟାର୍ଟଅପ୍ ଏବଂ ଏମ୍‌ଏସ୍‌ଏମ୍‌ଇପାଇଁ ସହାୟତା ଉପରେ ମତ ରଖିଥିଲେ। ତେବେ ସିଆଇଆଇ ଦ୍ୱାରା ଆୟୋଜିତ ବଜେଟ୍ ଅଧିବେଶନରେ ପ୍ରମୁଖ ଦିଗ ଉପରେ ଆଲୋକପାତ କରି ଏହାକୁ ପ୍ରଗତିଶୀଳ ଏବଂ ଅଭିବୃଦ୍ଧିଭିତ୍ତିକ ବୋଲି ବର୍ଣ୍ଣନା କରିଥିଲେ। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଶଶୀ ଶେଖର ମହାନ୍ତି ମୋଦୀ ୩.୦ ବଜେଟକୁ ପରିବର୍ତ୍ତନଶୀଳ ଓ ନିଯୁକ୍ତିଭିତ୍ତିକ ବୋଲି ବର୍ଣ୍ଣନା କରିଥିଲେ। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ପଟ୍ଟନାୟକ ଅର୍ଥନୈତିକ ସଶକ୍ତୀକରଣ ଉପରେ ନିଜର ମତବ୍ୟକ୍ତ କରିଥିଲେ।

## ବୈକୁଣ୍ଠଧାମ ଉଚ୍ଛେଦ ମାମଲା: ମାମଲା ପ୍ରତ୍ୟାହାର କଲେ ଆବେଦନକାରୀ

**କଟକ,୩।୨/ଏନ୍ଏନ୍ଏସ୍:** ବୈକୁଣ୍ଠଧାମ ସେବାଶ୍ରମ ଟ୍ରଷ୍ଟ ଖଣ୍ଡଗିରି ଆଶ୍ରମ ଉଚ୍ଛେଦକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ସୋମବାର ପ୍ରତ୍ୟାହାର କରାଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରି ବିଭାଗ ପକ୍ଷରୁ ଆଶ୍ରମକୁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ହାଇକୋର୍ଟଙ୍କୁ ପୂର୍ବ ଶୁଣାଣିରେ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଉପରୋକ୍ତ ସତ୍ୟପାଠ ଦାଖଲ ପରେ ହାଇକୋର୍ଟ ଆଶ୍ରମ ଉଚ୍ଛେଦ ଉପରେ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଥିଲେ। ରହିତାଦେଶ ହଟିବା ପରେ ପ୍ରଶାସନ ପକ୍ଷରୁ ଆଶ୍ରମକୁ ଉଚ୍ଛେଦ କରାଯାଇସାରିଛି। ଆଶ୍ରମ ନାଁରେ ହୋଇଥିବା ବେଆଇନ ନିର୍ମାଣ ସମ୍ପର୍କରେ ତଦନ୍ତ କରି ବିଡିଏ ଓ ବିଏମ୍‌ଏସିର ମିଳିତ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଶ୍ରମ ଉଚ୍ଛେଦ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ବିରୋଧ କରି ଆଶ୍ରମ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା।

ନିତିଦିନ NITIDIN



## ମା' ବୈଷ୍ଣବୀ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଓଡ଼ଗାଁ,୩।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟବର୍ତ୍ତି ବାୟାପଲ୍ଲୀ ଗ୍ରାମରେ ଥିବା ଆରାଧ୍ୟା ଦେବୀ ମା' ଆଙ୍କୁଲେଇ ପୀଠରେ ବୈଷ୍ଣବୀ ଦେବୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି ।ଚଳିତମାସ ୧ ତାରିଖରେ ମଙ୍ଗଳାରୋପଣ ଓ କଳସ ଯାତ୍ରା ହୋଇଥିଲା । ଏଥି ପାଇଁ ପୂର୍ବାହ୍ନରେ ନିକଟସ୍ଥ ଦୁଆଣ୍ଟ ନଦୀରୁ ନୂତନ କଳସୀରେ ଗ୍ରାମର ମହିଳା ଓ ପୁରୁଷ ଉପବାସ ରହି ଜଳନେଇ ମନ୍ଦିର ପରିସରରେ ପ୍ରସ୍ତୁତ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ରବିବାର ସଂଧ୍ୟାରେ ଏହାର ପୂର୍ଣ୍ଣାହୂତି ହୋଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଗ୍ରାମସଭାପତି ବିଜୟ କୁମାର ପାତ୍ର, ସମ୍ପାଦକ ମନୋଜ କୁମାର ପାତ୍ର,ମୁଖ୍ୟ ଉପଦେଷ୍ଟା ତ୍ରିନାଥ ଦୋରା, ସରପଞ୍ଚ ଶ୍ରୀମତୀ ଶିବାନୀ ସାହୁ, ଯୁବ ସମାଜସେବୀ ପ୍ରଭାତ କୁମାର କର, ସହଯୋଗୀ ସନ୍ତୋଷ କୁମାର ପାତ୍ର, ରାଜେନ୍ଦ୍ର କୁମାର ପାତ୍ରଙ୍କ ସହିତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ମା'ବୈଷ୍ଣବୀ ଦେବୀଙ୍କ ଏହି ଦୁଇଦିନାତ୍ମକ କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି ଦିବସରେ ଘୃତଯଜ୍ଞ, ଅର୍ଣ୍ଣ ଯଜ୍ଞ, ନାମ ଯଜ୍ଞ ସହିତ ରାମ ନାଟକ ଦର୍ଶକ ମାନଙ୍କ ମନୋରଂଜନ ପାଇଁ ଆୟୋଜନ କରାଯାଇ ଥିଲା । ପ୍ରତିଷ୍ଠା ଯଜ୍ଞରେ ନିକଟବର୍ତ୍ତି ବ୍ରାହ୍ମଣ ଶାସନରୁ ସାତଜଣ ନୈଷ୍ଠିକ ବ୍ରାହ୍ମଣ ଏହି ଯଜ୍ଞରେ ବେଦପାଠ, ମନ୍ତ୍ରପାଠ ଏବଂ ଘୃତାହୂତି ପ୍ରଦାନ କରିଥିବା ବେଳେ ପ୍ରତିଦିନ ମା'ବୈଷ୍ଣବୀ ଦେବୀଙ୍କ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରତ୍ୟହ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

## ମାରୁତି ଭବନରେ ଶ୍ରୀରାମ ଚରିତ ପାରାୟଣ ଆରମ୍ଭ

**ସାଲେପୁର,୩।୨/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ରାଘବପୁର ଠାରେ ଥିବା ହନୁମାନ ମନ୍ଦିର ପରିସରରେ ୪୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପାଞ୍ଚ ଦିନ ଧରି ଏକବିଂଶ ତମ ବାର୍ଷିକ ଶ୍ରୀରାମ ବିଷ୍ଣୁ ମହାଯଜ୍ଞ ଆରମ୍ଭ ହୋଇଯାଇଛି । ଫେବ୍ରୁଆରୀ ଦୁଇ ତାରିଖରେ ଅଧିବାସ ଏବଂ ତିନି ତାରିଖ ରୁ ସାତ ତାରିଖ ପର୍ଯ୍ୟନ୍ତ ନବମ ଦିନ ଧରି ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଏବଂ ଫେବ୍ରୁଆରୀ ୭ରୁ ୧୧ତାରିଖ ପାଞ୍ଚ ଦିନ ଧରି ଶ୍ରୀରାମ ବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ରାଘବପୁର ସ୍ଥିତ ମାରୁତି ଭବନ ପରିସରରେ ଅନୁଷ୍ଠିତ ହେବ । ଗତକାଲି ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ତିଥିରେ ପବିତ୍ର ଗୁପ୍ତ ଗଙ୍ଗା ଚିତ୍ରୋତ୍ପଳା ନଦୀରୁ ପୂଜାର୍ଚ୍ଚନା କରିବା ପରେ ଘଣ୍ଟ ଘଂଟା ଖୋଳ ତାଳ ସହିତ କଳସ ରେ ଜଳ ଆଣି ମନ୍ଦିରରେ ସ୍ଥାପନ କରାଯାଇଥିଲା । ଆଜି ଠାରୁ ନବମ ଦିନ ପର୍ଯ୍ୟନ୍ତ ପ୍ରତେକ ଦିନ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହେବ । ଏଥିରେ ବ୍ୟାସ ରୂପେ ରବିନାରାୟଣ ଦାଶ ଓ ଧାରକ ମାନଙ୍କ ସହିତ ଶ୍ରୀରାମ ଚରିତ ମାନସ ପାଠ କରୁଛନ୍ତି । କର୍ତ୍ତା ରୂପେ କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ ଓ କର୍ତ୍ତି ରୂପେ ସଂଯୁକ୍ତା ଆଚାର୍ଯ୍ୟ କାର୍ଯ୍ୟ ନିର୍ବାହ କରୁଛନ୍ତି । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରୁଥିବା ଜଣାଯାଇଛି ।

## ମା'କାଳୀଙ୍କ ନାମରେ ନୂତନ ଗେଟ୍ ଲୋକାର୍ପିତ

**ଚାରିଛକ,୩।୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଭୋଦର ପଞ୍ଚାୟତର ଭୋଦର ଗ୍ରାମରେ ଦୀର୍ଘ ଦିନ ହେବ ମା' କାଳୀଙ୍କ ପୂଜା ପାଳିତ ହୋଇଆସୁଛି । ସେହି ଉଦେଶରେ ଭୋଦର ଗ୍ରାମ ପ୍ରବେଶ ପଥ ଗାଁ ମୁଣ୍ଡରେ ମା କାଳୀଙ୍କ ନାମରେ ଏକ ନୂତନ ଗେଟ୍ ସ୍ଥାନୀୟ ସରପଞ୍ଚ ଚାରୁ ଲତା ବେହେରାଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି । ଚାରିଛକ-ନିଆଳି ରାସ୍ତା ର ପୁରୁଣା ଫାଣ୍ଡିଛକ ନିକଟ ଭୋଦର୍ ଗାଁ ମୁଣ୍ଡରେ ସ୍ୱର୍ଗତ କାହ୍ନୁ ଚରଣ



ଦାଶଙ୍କ ସ୍ମୃତିରେ ତାଙ୍କ ପୁତ୍ର ଇଂ ବିଶ୍ୱଜିତ ଦାଶ ଏହି ନୂତନ ଗେଟ ନିର୍ମାଣ ଲାଗି ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଆଜି ଏହି ଲୋକାର୍ପଣ ଉତ୍ସବରେ ସମାଜସେବୀ ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ଇଂ ବିଶ୍ୱଜିତ ଦାଶ, ଇଂ ଉମା ଶଙ୍କର ଦଳାଇ, ସୁଜିତ ଦାଶ, କ୍ୟାପଟେନ ଶୈଳେନ୍ଦ୍ର ବେହେରା, ଆଶୁତୋଷ ଘୋଷାଲ, ୱାର୍ଡ ସଭ୍ୟା ସବିତା ରାଣୀ ସିଂହା, ସର୍ବେଶ୍ୱର ବାରିକ, ସମାଜସେବୀ ସନାତନ ପାତ୍ର, ସୁରେନ୍ଦ୍ର ମହାପାତ୍ର, ପ୍ରଶାନ୍ତ କୁମାର ବେହେରା ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ, ଦେବ ପ୍ରସାଦ ଦାଶ, ଗଦାଧର ଦାଶଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତଥିଲେ ।

# ମା' ଭଗବତୀଙ୍କ ପୀଠରେ ପହଞ୍ଚିଲା ଶ୍ରୀଜଗନ୍ନାଥ ମହୋତ୍ସବର ପ୍ରଥମ ନିମନ୍ତ୍ରଣ

**ବାଣପୁର,୩।୨/ଏନ୍‌ଏନ୍‌ଏସ୍:** ଚତୁର୍ଦ୍ଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରକୁ ଯବନମାନଙ୍କ ବାରମ୍ବାର ଆକ୍ରମଣ କାଳରେ ଦାରୁ ବ୍ରହ୍ମଙ୍କୁ ବିଭିନ୍ନ ସ୍ଥାନରେ ରଖି ଗୋପନ ଲୀଳା ପ୍ରକାଶ କରାଯାଇଥିଲା । ଆକ୍ରମଣପୂର୍ବରୁ ଡ଼ଗରମାନଙ୍କଠାରୁ ସୂଚନା ପାଇଁ ଗଜପତି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ପାଇକ ସୈନ୍ୟ ଓ ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିଳାଦ୍ରୀ ମଣ୍ଡପରୁ ଓଲାଗି କରାଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୋପ୍ୟ କରାଯାଇଥିବାର କଥା ମାଦଳାପାଞ୍ଜିରୁ ଜଣାପଡ଼େ । ସେହି ଅନୁସାରେ ପ୍ରଭୁ ଦାରୁ ବ୍ରହ୍ମଙ୍କୁ ୭ ଥର କେବଳ ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୀଳାଖେଳା କରାଯାଇ ଥିବାର ସ୍ମୃତି ଏବେ ମଧ୍ୟ ରହିଛି ଓଚିଲିକାର ଗୁରୁବାଇ, ଚଢ଼େଇ ହଗା, ନଇରୀର ହରିହରେଶ୍ୱର ମନ୍ଦିର, ଚିଲିକାର କାଙ୍କଣକୁଦ, ଗବପଦର, ନିଳାଦ୍ରୀ ପ୍ରସାଦ ର ଘଞ୍ଚ ଅରଣ୍ୟ, ଅନ୍ଧାରୀ ମହିମ, ( ବର୍ତ୍ତମାନ ଅଳନ୍ଦା ନିକଟବର୍ତ୍ତି ଅନ୍ଧାରି ପାହାଡ ବୋଲି କେତେକ ଗବେଷକ କହନ୍ତି) ସାହାସପୁର, ବଡ଼ହନ୍ତୁ ଆଡ଼ ଇତ୍ୟାଦି ସ୍ଥାନ ପ୍ରଭୁଙ୍କ ଗୋପନ ରହଣି ସ୍ଥଳ ଭାବରେ ପରିଚିତ ହୋଇ ପରବର୍ତ୍ତୀକାଳରେ ଲୀଳାକ୍ଷେତ୍ରର ମାନ୍ୟତା ଲାଭ କରିଛି । ବିଶେଷକରି ଚିଲିକାର ନଇରୀ ବଉଳା ବନ୍ଧ ଉପକଣ୍ଠରେ ଥିବା ଚିଲିକା ଜଳଘେରି କାଙ୍କଣକୁଦ ଯାହା କାଙ୍କଣ ଶିଖରୀ ଭାବରେ ପରିଚିତ ସେହିଠାରେ ଦାରୁ ବିଗ୍ରହମାନଙ୍କୁ ୪ମାସ ଧରି ରଖାଯାଇ ମଣୋହିରେ କାଙ୍କଣ ଫଳ ଲାଗି କରାଯାଇଥିବାର କଥା ସେଠାର ମାଟିତଳୁ



ମିଳିଥିବା ପ୍ରଭୁଙ୍କ ସେବାରେ ଲାଗିଥିବା ବିଭିନ୍ନ ଦ୍ରବ୍ୟରୁ ଜଣାପଡ଼େ । ଏପରିକି ଗଜପତି ମହାରାଜା ଦିବ୍ୟସିଂହ ଦେବ, ଦଇତାପତି ସେବକ, ପୂଜାପଣ୍ଡା, ମହାସୁଆର, ପୁରୀର ମଠ ମନ୍ଦିରର ମହନ୍ତ, ଶ୍ରୀ ମନ୍ଦିର ପ୍ରଶାସନ, ସାଧୁ ସନ୍ଥ ଓ ଇତିହାସ ଗବେଷକମାନେ ମଧ୍ୟ ସେଠାରେ ପହଞ୍ଚି ସେହି ସ୍ଥାନକୁ ନିରୀକ୍ଷଣ କରି ପ୍ରଭୁଙ୍କ ପ୍ରଧାନ ଲୀଳାକ୍ଷେତ୍ର ଭାବରେ ମାନ୍ୟତା ପ୍ରଦାନକରିବା ପରେ ସେହିଦିନଠାରୁ ସେଠାରେ ସ୍ଥାନୀୟ ଜଗନ୍ନାଥ ପ୍ରେମୀଙ୍କ ସହଯୋଗରେ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି । ଚଳିତବର୍ଷ ୭ମ ମହୋତ୍ସବ ଚଳିତ ମାଘ ଶୁକ୍ଳ ନବମୀ ଗୁରୁବାର ୬ତାରିଖରୁ ଆରମ୍ଭ ହୋଇ ୯ତାରିଖ ରବିବାର ପର୍ଯ୍ୟନ୍ତ ଚାଲିବ । ଏଥି ନିମନ୍ତେ ଚିଲିକା ବାଣପୁର ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ସମିତି ଓ ଲୀଳକ୍ଷେତ୍ର କାଙ୍କଣ ଶିଖରୀ ଉନ୍ନୟନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶିଖରୀଠାରେ ୪ଦିନ ଧରି ମହାଯଜ୍ଞ, ସାଧୁସଂନ୍ଥ, ମଠାଧୀଶ, ଶ୍ରୀଜଗନ୍ନାଥଙ୍କ ପ୍ରମୁଖ ସେବକ, ଇତିହାସ ଗବେଷକ, କବି ସାହିତ୍ୟିକ, ରାଜନୈତିକ ନେତୃମଣ୍ଡଳୀଙ୍କ ସମାଗମ, ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବଚନ, ଭଜନ କୀର୍ତ୍ତନ ଇତ୍ୟାଦି ବିରାଟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଚଳିତ ବର୍ଷର ବିଶେଷ ଆକର୍ଷଣ କେବଳ ନିମ ଦାରୁରେ ନିର୍ମିତ୍ତ ଶ୍ରୀଜଗନ୍ନାଥଙ୍କ ୨୪ ବେଶର ଦାରୁ ବିଗ୍ରହ ସେଠାରେ ସ୍ଥାପନ କରାଯାଇ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ର ଶୁଭ ଉଦ୍‌ଘାଟନ ହେବ । ଶ୍ରୀପଞ୍ଚମୀରେ ଟ୍ରଷ୍ଟର ପ୍ରମୁଖ ଡ଼ା.ସୁଶାନ୍ତ କୁମାର ସାହୁ, ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ,ଶ୍ରଦ୍ଧାଳୁ ଚିନ୍ମୟ ଘଡ଼ାଇ ନିମନ୍ତ୍ରଣ ପତ୍ର ଧରି ବାଣପୁରର ଆରାଧ୍ୟା ଦେବୀ, ମଙ୍ଗଳମୟୀ ମା'ଭଗବତୀଙ୍କ ପୀଠରେ ପହଞ୍ଚି ମହୋତ୍ସବର ମଙ୍ଗଳ କାମନା ନିମନ୍ତ୍ତ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ନିମନ୍ତେ ଶରଣାପନ୍ନ ହୋଇ ଗୁଆନଡ଼ିଆ ମହାପ୍ରସାଦ ଦେଇ ନିମନ୍ତ୍ରଣ ଅନୁକୂଳ କରିଥିଲେ । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ପୂଜକ ସାଆନ୍ତ ପ୍ରକାଶ ମହାପାତ୍ର, ପାଳିଆ ମାଳି ସେବକ ସଂଜୟ ମହାପାତ୍ର, ପବିତ୍ର ନାୟକ ପ୍ରମୁଖ ନିମନ୍ତ୍ରଣଗ୍ରହଣ କରି ସ୍ୱୀକୃତ୍ତି ପ୍ରଦାନକରିବା ପରେ ଚିଲିକା ଓ ବାଣପୁର ମଣ୍ଡଳରେ ଥିବା ସମସ୍ତ ଶ୍ରୀଜଗନ୍ନାଥ ମନ୍ଦିରକୁ ଗୁଆନିମନ୍ତ୍ରଣ ଆରମ୍ଭ ହୋଇଥିଲା । ମହାଯଜ୍ଞର ପ୍ରଥମ ଦିନ ୬ ତାରିଖ ଗୁରୁବାର ଅଧିବାସ ଅବସରରେ ମା'ଙ୍କ ଆଜ୍ଞାମାଳ ସହିତ ଦୁଇମଣ୍ଡଳର ସବୁ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଥାଟ ପଟୁଆରରେ ବାହାରି କାଙ୍କଣ ଶିଖରୀରେ ପହଞ୍ଚିବାପରେ ମହାଯଜ୍ଞ ଆରମ୍ଭ ହେବ ବୋଲି ଟ୍ରଷ୍ଟର ପ୍ରମୁଖ ଡ଼ା ସାହୁ ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ଅଚାନକ ହାଇସ୍କୁଲ୍ ପରିଦର୍ଶନ



**ସାଲେପୁର,୩।୨/ଏନ୍‌ଏନ୍‌ଏସ୍:** ଆଜି କଟକ ଜିଲ୍ଲାପାଳ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ କୁ ଅଚାନକ ଗସ୍ତ କରିଥିବା ଜଣାପଡିଛି । ସାଲେପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସରିବା ପରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ସେହିଠାରୁ ସିଧା ଆସି ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ହଠାତ ପହଞ୍ଚିଥିଲେ । ଏହାପରେ ଜିଲ୍ଲାପାଳ ବିଦ୍ୟାଳୟ ପରିସର,ଶ୍ରେଣୀ ଗୃହ, ବିଜ୍ଞାନ ଗାର ବୁଲି ଦେଖିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକଙ୍କୁ ଗତ ମାଟ୍ରିକ ପରୀକ୍ଷାରେ କେତେଜଣ ଏ ୱାନରେ କୃତକାର୍ଯ୍ୟ ହୋଇଛନ୍ତି ପଚାରି ଜାଣିବାକୁ ପାଇଥିଲେ ଦୁଇ ଜଣ । ଏହା ଶୁଣି ଏତେ ବଡ଼ ପୁରୁଣା ବିଦ୍ୟାଳୟରେ ମାତ୍ର ଦୁଇ ଜଣ ଏ ୱାନ ପାଇଥିବା ରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ପ୍ରଧାନଶିକ୍ଷକଙ୍କୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଯେପରି ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଏ ୱାନ ପାଆନ୍ତି ସେ ବିଷୟରେ ତାଗିଦ କରିଥିଲେ । କଟକ ଜିଲ୍ଲାପାଳଙ୍କ ସହିତ କଟକ ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ଉପସ୍ଥିତ ଥିଲେ । ଜିଲ୍ଲାପାଳ ହଠାତ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ଦେଖି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ତତ୍ପର ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା ।

## ହିସାବରକ୍ଷକ, ସଂଯୋଜକଙ୍କ କାର୍ଯ୍ୟ ବନ୍ଦ୍ ଆନ୍ଦୋଳନ ଷଷ୍ଠ ଦିନରେ

**କଣାସ,୩।୨/ଏନ୍‌ଏନ୍‌ଏସ୍:** ଗତମାସ ୨୯ ତାରିଖରୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଆକାଉଣ୍ଟାଣ୍ଟ, କମ ସପୋର୍ଟ, ଷ୍ଟାପ(ହିସାବ ରକ୍ଷକ) ଓ ଏମଆଇଏସ କମ ପ୍ଲାନିଙ୍ଗ କୋଅଡିନେଟର (ସଂଯୋଜକ) ଅନିର୍ଦ୍ଧିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ୨୦୨୪-୨୫ ଶିକ୍ଷାବର୍ଷର ଗୁରୁତ୍ୱ ପୂର୍ଣ୍ଣ ସମୟରେ ଏହି କାର୍ଯ୍ୟ ବନ୍ଦ ଯୋଗୁଁ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ବନ୍ଦ ହୋଇଯାଇଛି । ଚଳିତବର୍ଷ ବିଜିଗଭ୍ ମାଧମରେ ସମସ୍ତ ଶିକ୍ଷାର ଅର୍ଥ ଦେଣ ନେଣ ପ୍ରକିୟା ଚାଲିଥିବାବେଳେ ହିସାବ ରକ୍ଷକଙ୍କ ମାନଙ୍କ ଆନ୍ଦୋଳନ ଗୁରୁତର ସମସ୍ୟା ସୃଷ୍ଟି କରିଛି । ସେମାନଙ୍କ ଅସହ ଯୋଗରୁ କାର୍ଯ୍ୟରତ ଶିକ୍ଷା ସହାୟକ (ସିମେଟିକ) ଓ ଗଣଶିକ୍ଷକମାନେ ଦୁଇ ମାସ ହେଲା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ବିଦ୍ୟାଳୟକୁ ଆସୁଥିବା ଉନ୍ନୟନମୂଳକ ତଥା ବିଭିନ୍ନ ଯୋଜନାର ଅର୍ଥ ଖର୍ଚ୍ଚ ପାଇଁ ନିର୍ଦ୍ଧିଷ୍ଟ ସମୟ ସିମା ନର୍ଦ୍ଧାରଣଷ କରାଯାଇଥିବା ବେଳେ ହିସାବ ରକ୍ଷକଙ୍କର କାର୍ଯ୍ୟ ବନ୍ଦ ଯୋଗୁଁ ବିଦ୍ୟାଳୟ ଗୁଡିକ ନାହିଁନଥିବା ସମସ୍ୟା ସମ୍ମୁଖୀନ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ, ୟୁଡାଇସିରେ ସଂଶୋଧନ ଓ ସମାପ୍ତି ସୂଚକ ଆବେଦନ ପ୍ରସ୍ତୁତି ତଥା ଅନ୍ୟ ପ୍ରଶାସନିକ କାର୍ଯ୍ୟ ସଂଯୋଜକଙ୍କ ଆନ୍ଦୋଳନ ଯୋଗୁଁ ଠପ ହୋଇଯାଇଛି । ସମଗ୍ର ଶିକ୍ଷାର ସଫଳ ରୁପାୟନରେ ସଂ ଯୋଜକ ଓ ହିସାବ ରକ୍ଷକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ସେମାନଙ୍କର ଦାବିଗୁଡିକ ପୂରଣ ପାଇଁ ସରକାର ଦୃଷ୍ଟିଦେବା ପାଇଁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

**ଉନ୍ନୟନମୂଳକ କାର୍ଯ୍ୟ ଠପ୍**

## ମୁଣ୍ଡମୁହାଣରେ ସଂକୀର୍ତ୍ତନ ମହୋତ୍ସବ

**ମୁଣ୍ଡମୁହାଣ, ୩।୨/ଏନ୍‌ଏନ୍‌ଏସ୍:** ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଘ ମାସ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ଠାରୁ ଷଷ୍ଠୀ ଦୁଇ ଦିନ ଧରି ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କର ଗୁଣ ସଂକୀର୍ତ୍ତନ ମହୋତ୍ସବ, ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୧୫ ଦଳ ସଂକୀର୍ତ୍ତନ ମଣ୍ଡଳୀ ଭାଗନେଇଥିଲେ । ମୁଣ୍ଡ ମୁହାଣ, ଯାଁଳା, ପାଟେଣାସାହି, କାଶିପୁରୁ, ପଳାସପୁରୁ, ପାଣିଓରା, ପିତାପଲ୍ଲୀ, ଗଙ୍ଗପଡ଼ା, ବଡ ତୋଟା, ଛେଲଦା, ତମାଣ୍ଡୋ, ଶାଣି କାଶିପୁରୁ ଇତ୍ୟାଦିରୁ ଯୋଗ ଦେଇଥିଲେ । ଏହାକୁ ପରିଚାଳନା କରିଥିଲେ ମୁଣ୍ଡମୁହାଣର ଗ୍ରାମବାସୀ ବୃନ୍ଦ । ଏହି ମେଳା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



## ସମାଜସେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୈଠକ

**କୁଆଁପାଳ,୩।୨/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ବିଶିଷ୍ଟ ସମାଜସେବୀ ପୋଡା ମରାଇ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ସ୍ୱର୍ଗତ ବିଶ୍ୱନାଥ ଖଟୁଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶିତ କରିବା ନିମନ୍ତେ ପ୍ରସ୍ତୁତି ବୈଠକ ପୋଡାମରାଇଠାରେ ଅନୁଷ୍ଠିତ ହୋଇଯାଇଛି । ପୋଡାମରାଇ ମଠ ମହନ୍ତ ସ୍ୱର୍ଗତ ବନମାଳୀ ଦାସଙ୍କ ଶ୍ରାଦ୍ଧ ଦିବସ ଦିନ ଏହି ସ୍ମରଣୀକା ଉନ୍ମୋଚନ ହେବା ନିମନ୍ତେ ପ୍ରସ୍ତୁତି ବୈଠକରେ ସ୍ଥିରୀକୃତ ହୋଇଥିଲା । ଯେଉଁମାନେ ବିଶ୍ୱନାଥ ଖଟୁଆଙ୍କ ଉଦ୍ଦେଶ୍ୟରେ ନିଜସ୍ୱ ଲେଖା ପଠାଇବେ ସେମାନେ ଫେବୃୟାର ମାସ ୧୫ ତାରିଖ ସୁଦ୍ଧା ଲେଖାପଠାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ମୋ- ୯୪୩୯୦୦୧୨୮୧ ନମ୍ବରରେ ଲେଖକମାନେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ଭଦ୍ରେଶ୍ୱର ଥାନାରେ ତ୍ରିନାଥ ମେଳା

**କୁଆଁପାଳ,୩।୨/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ପୂଜକ ଭାବେ ମଦନମୋହନ ମିଶ୍ର, କର୍ତ୍ତା ଭାବେ ପ୍ରୀତିରଂଜନ ରାୟ, କର୍ତ୍ତୀ ଭାବେ ଜ୍ୟୋସ୍ନାମୟୀ ରାୟ, ଅଂଶ ଗ୍ରହଣ କରି ପ୍ରଭୁ ତ୍ରିନାଥଙ୍କର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂ, ଏସ୍‌ଆଇ ଅନୀଲ କୁମାର ନାୟକ, କାମାକ୍ଷାପ୍ରସାଦ ନାୟକ, କନେଷ୍ଟବଲ ଅରକ୍ଷିତ ସେଠୀ, ସେକ୍ ସଲିମ୍, ଡ୍ରାଇଭର ପଂକଜ ସିଂ, ଦାମୋଦର ମହାରଣା, କୁଶେଇ ସେଠୀ, ମାନସ ରଂଜନ ସ୍ୱାଇଁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ବିଭିନ୍ନ ଥାନାର ଅଧିକାରୀ ଓ ଉଚ୍ଚ ପଦସ୍ଥ ପୁଲିସ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

## ଆଠଗଡ଼ ଥାନାରେ ପ୍ରଥମ ମହିଳା ଅଧିକାରିଣୀଙ୍କ ଦାୟିତ୍ୱଗ୍ରହଣ



**ଆଠଗଡ଼,୩।୨/ଏନ୍‌ଏନ୍‌ଏସ୍:** ଆଠଗଡ଼ ଅଞ୍ଚଳକୁ ଅପରାଧ ମୁକ୍ତ କରିବା ଏବଂ ଶାନ୍ତି ବଜାୟ ରଖିବା ହେବ ପ୍ରଥମ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜି ଅପରାହ୍ନରେ ଆଠଗଡ ଥାନାର ପ୍ରଥମ ମହିଳା ଅଧିକାରିଣୀ ଭାବେ ସୁମତି ମହାନ୍ତି ଯୋଗଦେଇ ପ୍ରକାଶ କରିଛନ୍ତି । ଶ୍ରୀମତୀ ମହାନ୍ତି ରାଜ୍ୟ ବିଭିନ୍ନ ଥାନା ମାନଙ୍କରେ ରହି ନିଜର ପରାକାଷ୍ଠା ପ୍ରତିପାଦନ କରିଛନ୍ତି । ସେ ଏହା ପୂର୍ବରୁ ଯାଜପୁର ଜିଲ୍ଲାରେ କାର୍ଯ୍ୟକରୀ ବହୁ ସୁନାମର ଅଧିକାରିଣୀ ହୋଇଥିଲେ । ଏବେ ଏଠାରେ ସକ୍ରିୟ ଥିବା ବିଭିନ୍ନ ବର୍ଗର ମାଫିଆ ମାନଙ୍କ ଦମନ ପାଇଁ ଅଧିକାରିଣୀଙ୍କ ଏକ ଅହ୍ୱାନ ହୋଇଛି । ଏହାସହିତ ଏହି ମାଫିଆମାନଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି । ଆଗକୁ ଅଧିକାରିଣୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଆଠଗଡ଼ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଗଣିତ ହେବ ବୋଲି ଏଠାକାର ବୁଦ୍ଧିଜୀବୀ ଆଶା ରଖିଥିବା ଜଣାଯାଇଛି ।

## ଓଲାଶୁଣି ମେଳାରୁ ବାଇକ୍ ଚୋରି, ଏତଲା ରଖୁନି ପୁଲିସ

**ମାହାଙ୍ଗା,୩।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଥାନା ଓ ବାଲିଚନ୍ଦ୍ରପୁର ଥାନା ସୀମାରେ ପାଳିତ ହେଉଥିବା ପ୍ରସିଦ୍ଧ ଓଲାଶୁଣି ମେଳାରେ ହୋଇଥିବା ଏକ ଘରୋଇ ବାଇକ୍ ଷ୍ଟାଣ୍ଡରୁ ସନ୍ଧ୍ୟା ୬ଟା ସମୟରେ ଏକ ମୋଟର ସାଇକେଲ ଚୋରି ହୋଇଥିବା ବେଳେ ଏଥିନେଇ ଉଭୟ ଥାନା ଚୋରି ଅଭିଯୋଗ ଗ୍ରହଣ କରୁନଥିବା ଜନୈକ ଗାଡି ମାଲିକ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ଗତକାଲି ଅପରାହ୍ନରେ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ମାହାଙ୍ଗା ଥାନା ଆନନ୍ଦପୁର ପଞ୍ଚାୟତ ଇନ୍ଦା ଗ୍ରାମର ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ ତାଙ୍କ ହିରୋ ସ୍ପ୍ଲେଣ୍ଡର ଗାଡି ମା' ମଙ୍ଗଳା ଷ୍ଟାଣ୍ଡରେ ରଖି ଟିକେଟ ନେଇ ଯାଇଥିଲେ । ତେବେ ଶ୍ରୀ ସ୍ୱାଇଁ ସନ୍ଧ୍ୟାରେ ଫେରି ନିଜ ଗାଡି ନଥିବା ଦେଖିଥିଲେ । ତେବେ ଷ୍ଟାଣ୍ଡ ଦାୟିତ୍ୱରେ ଥିବା ଲଳିତଗିରି ଗ୍ରାମର ଅନାମ ସିଂହଙ୍କୁ ଗାଡି ସଂପର୍କରେ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇନଥିଲେ । ଏହାପରେ ଷ୍ଟାଣ୍ଡରେ ଥିବା ଜଣେ ମହିଳା ଟିକେଟ ଦେଖିବାକୁ ନେଇ ଷ୍ଟାଣ୍ଡ ମଧ୍ୟରେ ଗାଡିକୁ ଖୋଜିଥିଲେ ଓ ନ ପାଇବାରୁ ଓଲଟା ତୁମେ ଗାଡି ଏଠାରେ ରଖିନାହଁ କହି ଫେରାଇ ଦେଇଥିଲେ । ଗାଡି ମାଲିକ ଶ୍ରୀ ସ୍ୱାଇଁ ତୁରନ୍ତ ଏ ସଂପର୍କରେ ନିକଟରେ ଥିବା ବାଲିଚନ୍ଦ୍ରପୁର ଥାନାର ଅସ୍ଥାୟୀ ଆଉଟ୍‌ପୋଷ୍ଟରେ ଜଣାଇଥିଲେ । କିନ୍ତୁ ଷ୍ଟାଣ୍ଡ ହୋଇଥିବା ସ୍ଥାନଟି ମାହାଙ୍ଗା ଅଞ୍ଚଳରେ ହୋଇଥିବାରୁ ତୁମେ ମାହାଙ୍ଗା ଥାନାରେ ଜଣାଅ ବୋଲି କହିଥିଲେ । ପରେ ଶ୍ରୀ ସ୍ୱାଇଁ ମାହାଙ୍ଗା ଥାନାରେ ପହଞ୍ଚି ଆଇଆଇସି ତପନ କୁମାର ରାଉତଙ୍କୁ ଗାଡି ଚୋରି ସଂପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ । କିନ୍ତୁ ଚୋରି ସ୍ଥଳଟି କେଉଁ ଥାନାର ତାହା ତଦନ୍ତ ପରେ ସ୍ପଷ୍ଟ ହେଲେ ଅଭିଯୋଗ ଗ୍ରହଣ କରାଯିବ ବୋଲି କହି ସେ ମଧ୍ୟ ଫେରାଇ ଦେଇଥିଲେ । ଏ ସଂପର୍କରେ ଆଇଆଇସି ତପନ କୁମାର ରାଉତଙ୍କୁ ଯୋଗାଯୋଗ କରିବାରୁ ଖୁବ୍‌ଶିଘ୍ର ସେ ସ୍ଥାନର ସରଜିମନ ତଦନ୍ତ କରାଯିବା ସହ ଆମ ଥାନାର ହୋଇଥିଲେ ଚୋରି ଅଭିଯୋଗ ଗ୍ରହଣକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

# ମୁଖ୍ୟ ରାସ୍ତା ଶୋଚନୀୟ, ତେଜୁଛି ଜନଅସନ୍ତୋଷ

**ଜଟଣୀ,୩।୨/ଏନ୍‌ଏନ୍‌ଏସ୍:** ପୌର ନିର୍ବାଚନର ଦୀର୍ଘ ୩ବର୍ଷ ବିତିଯାଇଥିଲେ ମଧ୍ୟ ଗ୍ରାମର ମୁଖ୍ୟରାସ୍ତାର ଦୟନୀୟ ଅବସ୍ଥା ସୁଧୁରି ପାରିଲାନାହିଁ । ସ୍ଥାନୀୟ ପ୍ରଶାସନର ଉଦାସୀନତା ଓ ନେତାଙ୍କ ଅପାରଗତା ପାଇଁ ଦୁର୍ଦ୍ଦିନ ଭୋଗୁଛନ୍ତି ଗ୍ରାମବାସୀ । ସୂଚନା ମୁତାବକ ଜଟଣୀ ପୌରପରିଷଦ ଅନ୍ତର୍ଗତ କୁଦିଆରୀ

**ଖୋଦ୍ ପୌରାଧ୍ୟକ୍ଷଙ୍କ ୱାର୍ଡରେ ବାଟ ହୁଡ଼ିଛି ବିକାଶ**

ବଜାର ଚାରିଛକଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଏହା ଏକ ଖୋର୍ଦ୍ଧା, ଜଟଣୀ, ପିପିଲି, ପୁରୀ ଓ କୋଣାର୍କକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ମୁଖ୍ୟରାସ୍ତାରେ ପ୍ରତିଦିନ ଶହଶହ ଭାରୀଯାନ ୩୦ରୁ ୬୦ ଟନ ପିଚୁ, ମେଣ୍ଟାଲ ଭର୍ତ୍ତି ହାଇୱା, ଟ୍ରାକ୍ଟର ସହ ମୋ ବସ ଯାତାୟାତ ସମୟରେ ପ୍ରବଳ



ଧୂଳି, ଧୂସର ଯୋଗୁଁ ରାସ୍ତାରେ ଯିବା ଆସିବା କରୁଥିବା ସାଧାରଣ ଲୋକେ ଅସ୍ତବ୍ୟସ୍ତ ସହ ଅଣ ନିଶ୍ୱାସ ହୋଇପଡୁଛନ୍ତି । ଏଥି ସଙ୍ଗେ ସଙ୍ଗେ କିଛି ସାଧାରଣ ଲୋକ ଶ୍ୱାସ ରୋଗରେ ପୀଡିତ ହୋଇଥିବା ନଜରକୁ ଆସିଛି । କହିବା ଅନୁଯାୟୀ କୁଦିଆରୀ ଗ୍ରାମବାସୀଙ୍କ ବିଶ୍ୱାସରେ ବିଷ ଭରିଛନ୍ତି ସ୍ଥାନୀୟ ଅଞ୍ଚଳର ନବ ନିର୍ବାଚିତ ପୌରାଧକ୍ଷ ମହାଶୟ । ବୁଦ୍ଧିଜୀବୀଙ୍କ ମତରେ ପୌରାଧକ୍ଷ କାର୍‌ରେ କାଚ ଦେଇ ଯାଉଥିବାରୁ ଧୂଳି ଧୂସର ଦେହରେ ଲାଗୁନି ତେଣୁ ରାସ୍ତା ଅବସ୍ଥା ଜାଣିବେ କେମିତି ବୋଲି କୁହନ୍ତି । ଅତି ଦୁଃଖର ବିଷୟ ରାସ୍ତା କାମ ପାଇଁ ଟେଣ୍ଡର ହୋଇ ଠିକାଦାର କାମ ନେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କାମ ଆରମ୍ଭ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ, ଗ୍ରାମରେ କହି ବୁଲୁଥିବା କୁଜି ନେତା, ସଂସଦ ପ୍ରତିନିଧି, ବିଧାୟକ ପ୍ରତିନିଧି ଏବଂ ପୂର୍ତ୍ତ ବିଭାଗର ପ୍ରଶାସନିକ ଅଧିକାରୀ ଏଥିପ୍ରତି ଧ୍ୟାନଦେଇ ଅତିଶୀଘ୍ର ଶୋଚନୀୟ ରାସ୍ତାର ଅବସ୍ଥା ସୁଧାରିବା ପାଇଁ ଧ୍ୟାନଦେବାକୁ ଅନୁରୋଧ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଆଇନଜୀବୀ ଅକ୍ଷୟ କୁମାର ସାହୁ ।

## ଅରୋମୀରା ଟ୍ରଷ୍ଟ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

**ଓଡ଼ଗାଁ,୩।୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୁରାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୋମୀରା ଟ୍ରଷ୍ଟ ତରଫରୁ ବାଣ୍ଟପୁର ପଞ୍ଚାୟତ ନେପାଳ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । କିଛି ଦିନତଳେ ଅସାବଧାନତା କାରଣରୁ ନେପାଳ ଗ୍ରାମର ଚାରିଟି ଘର ସଂପୂର୍ଣ୍ଣ ଭସ୍ମୀଭୂତ ହେବା ସହିତ ଦୁଇଟି ଘର ଆଂଶିକ ପୋଡ଼ି ଯାଇଥିଲା । ଅରୋମୀରା ଟ୍ରଷ୍ଟର ମ୍ୟାନଜିଂ ଟ୍ରଷ୍ଟି ତଥା ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କ୍ଷତିଗ୍ରସ୍ତ ସମସ୍ତ ୬ଟି ପରିବାରକୁ ଶାଢ଼ୀ, ଧୋତି, କମଳ, ଲୁଙ୍ଗି, ଗାମୁଛା ଇତ୍ୟାଦି ବଣ୍ଟନ କରିବା ସହିତ ଗାଁର ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖି କରିବା ନିମନ୍ତେ ଶିକ୍ଷଣ ଉପକରଣ ବଣ୍ଟନ ଏବଂ କୃମି ନାଶକରୁ ମୁକ୍ତି



ତଥା ସ୍ୱଚ୍ଛତା ପାଇଁ ପିଲା ଏବଂ ପରିବାର ବର୍ଗଙ୍କୁ ସଚେତନ କରିବା ସହିତ ହାତଧୁଆ ସାବୁନ ବଣ୍ଟନ କରାଯାଇଥିଲା । କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନପାଇଁ ପ୍ରଶାସନ ସହ ଆଲୋଚନା କରିବେ ବୋଲି ପରିବେଶବିତ୍ ଶ୍ରୀଚୌଧୁରୀ କହିଛନ୍ତି ।

ନିତି ଭାରତୀ

ସତ୍ୟକୁ ହଜାରେ ପ୍ରକାର ଭିନ୍ନ ଭିନ୍ନ ଉପାୟରେ କୁହାଯାଇପାରେ, ତଥାପି ପ୍ରତ୍ୟେକଟି କଥା ହିଁ ସତ୍ୟ ହେବ। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ମଙ୍ଗଳବାର, ୪ ଫେବୃଆରୀ, ୨୦୨୫

# ଶକ୍ତିର ନିର୍ମଳ ଉତ୍ସ: ବିବିଧ ବର୍ଣ୍ଣର ଉଦ୍‌ଜାନ

ବର୍ତ୍ତମାନର ଦ୍ରୁତ ବର୍ଦ୍ଧମାନ ଜାଗତିକ ଉଷ୍ମତାକୁ ପ୍ରାକ୍-ଶିଳ୍ପ ବିପ୍ଲବ କାଳ ତୁଳନାରେ ୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ବଢ଼ିବାକୁ ନଦେବା (ଉତ୍ତମ ହେବ ତାହାକୁ ୧.୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା) ଲାଗି ୨୦୫୦ ମସିହା ସୁଦ୍ଧା ସବୁଜ ଗୃହ ବାଷ୍ପମାନଙ୍କର (ବିଶେଷକରି ଅଙ୍ଗାରକାମ୍ଳର) ନିର୍ଗମନ ଶୂନ ସ୍ତରକୁ ଆଣିବା ଲାଗି ୨୦୧୫ ମସିହାରେ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ଜଳବାୟୁ ପରିବର୍ତ୍ତନ ଚୁକ୍ତିରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିବାକୁ ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ଜୀବାଶ୍ମ ଇନ୍ଧନ ବଦଳରେ ପୁନଃବିନିଯୋଗକ୍ଷମ ଅକ୍ଷୟ ଶକ୍ତିର ନିର୍ମଳ ଉତ୍ସଗୁଡ଼ିକ ଉପରେ ଅଧିକ ନିର୍ଭରଶୀଳ ହେବା। ସେଥିପାଇଁ ସୌରଶକ୍ତି, ବାୟୁଶକ୍ତି, ଭୂ-ତାପଜ ଶକ୍ତି, ନାଭିକୀୟ ସମାୟନ ଶକ୍ତି ଏବଂ



ରମେଶ ଚନ୍ଦ୍ର ପରିଡ଼ା

ସେହିଭଳି ଆହୁରି କିଛି ଉତ୍ସକୁ ଅଧିକରୁ ଅଧିକ ବିନିଯୋଗ କରିବା ଲାଗି ବିବିଧ ପ୍ରଯୁକ୍ତିବିଦ୍ୟାର ବିକାଶ ଚାଲିଛି। ଏହି ତାଲିକାରେ ଏବେ ସଂଯୁକ୍ତ କରାଯାଇଛି ଉଦ୍‌ଜାନକୁ। 'ଇଣ୍ଟରନ୍ୟାସନାଲ୍ ଏନର୍ଜି ଏଜେନ୍‌ସି' ଏହାର ବର୍ତ୍ତମାନର ବ୍ୟବହାର ବାର୍ଷିକ ୯୫ ମେଟ୍ରିକ୍ ଟନ୍‌ରୁ (୨୦୨୩ ମସିହା) ୨୦୩୦ ମସିହା ସୁଦ୍ଧା ୧୫୦ ମେଟ୍ରିକ୍ ଟନ୍‌କୁ, ୨୦୩୫ ମସିହା ସୁଦ୍ଧା ୨୧୬ ମେଟ୍ରିକ୍ ଟନ୍‌କୁ ଏବଂ ୨୦୫୦ ମସିହା ସୁଦ୍ଧା ୪୩୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ପୂରଣ କରିବା ଲାଗି ସାରା ବିଶ୍ୱର ବିଭିନ୍ନ ବିଜ୍ଞାନାଗାର ଭିନ୍ନ ଭିନ୍ନ ପଦ୍ଧତିର ବିକାଶ ଏବଂ ପ୍ରୟୋଗ ମାଧ୍ୟମରେ ଉଦ୍ୟମ ଚଳାଇଛନ୍ତି। ସେଗୁଡ଼ିକ ଉପରେ ନିର୍ଭର କରି ଏହି ରଙ୍ଗହୀନ, ଗନ୍ଧହୀନ ଓ ସ୍ୱାଦହୀନ ବାଷ୍ପକୁ ନାନା ଶ୍ରେଣୀରେ ବିଭକ୍ତ କରାଯାଇଛି ଏବଂ ବିବିଧ ରଙ୍ଗର ନାମରେ ନାମିତ କରାଯାଇଛି, ଯେପରିକି ନୀଳ, ଧୂସର, ପିଙ୍ଗଳ, ଗୋଲାପି, ସବୁଜ-ନୀଳ, ହଳଦିଆ, ସବୁଜ ଏବଂ ଶ୍ୱେତ।

**ନୀଳ ଉଦ୍‌ଜାନ:** ମୁଖ୍ୟତଃ ପ୍ରାକୃତିକ ବାଷ୍ପରୁ 'ଷ୍ଟିମ୍ ରିଫର୍ମି' (ଅତି ଉଚ୍ଚ ତାପରେ ଷ୍ଟିମ୍ ବା ବାମ୍ଫର ପ୍ରୟୋଗ) ପ୍ରକ୍ରିୟା ମାଧ୍ୟମରେ ଏହା ପ୍ରସ୍ତୁତ କରାଯାଏ। ଏଥିରେ ପ୍ରାକୃତିକ ବାଷ୍ପକୁ ଏକ ଉତ୍ପ୍ରେରକର ଉପସ୍ଥିତିରେ ଉଚ୍ଚ ତାପ ଓ ଉଚ୍ଚ ଚାପ ପ୍ରୟୋଗ କରି ଷ୍ଟିମ୍ (ବାମ୍ଫ) ସହିତ ମିଳିତ ହେବାକୁ ଦିଆଯାଏ। ଏ ପ୍ରକ୍ରିୟା ବେଶ୍ ଦକ୍ଷ। ଏଥିରୁ ଉଦ୍‌ଜାନ ୬୦ରୁ ୬୫ ଶତାଂଶ ଉତ୍ପନ୍ନ ହୁଏ। ତେବେ ତହିଁରେ ମିଶିଥାଏ ଅଙ୍ଗାରକାମ୍ଳ। ଏହାକୁ ତହିଁରୁ ଅଲଗା କରିବା ଲାଗି ଲୋଡ଼ା ହୁଏ ଅଙ୍ଗାରକକୁ ଧରି ସଞ୍ଚୟ କରିବା (କାର୍ବନ୍ କ୍ୟାପଚର୍ ଏଣ୍ଡ ଷ୍ଟୋରେଜ୍) ପ୍ରକ୍ରିୟାର। ଫଳରେ ତାହା ଖର୍ଚ୍ଚବହୁଳ ହୋଇପଡ଼େ।

**ଧୂସର ଉଦ୍‌ଜାନ:** ପ୍ରାୟତଃ ନୀଳ ଉଦ୍‌ଜାନ ଭଳି ପ୍ରାକୃତିକ ବାଷ୍ପ ବା ମିଥେନ୍‌କୁ ଷ୍ଟିମ୍ ରିଫର୍ମି କରି ଏହା ପ୍ରସ୍ତୁତ କରାଯାଏ। କିନ୍ତୁ ଏଥିରେ ଅଙ୍ଗାରକକୁ ଧରି ସଞ୍ଚୟ କରିବା ଲାଗି କିଛି ବ୍ୟବସ୍ଥା କରାଯାଏ ନାହିଁ। ଏଣୁ ପ୍ରତ୍ୟେକ ଟନ୍ ଉଦ୍‌ଜାନ ସହିତ ୬.୬ରୁ ୯.୩ ଟନ୍ ଅଙ୍ଗାରକାମ୍ଳ ଉତ୍ପନ୍ନ ହୋଇ ବାୟୁରେ ମିଶେ। ଅତଏବ, ଏ ପ୍ରକ୍ରିୟା ଅପେକ୍ଷାକୃତ ଶସ୍ତା ହେଲେ ବି ବେଶ୍ ପ୍ରଦୂଷଣକାରୀ।

**ପିଙ୍ଗଳ ଓ କଳା ଉଦ୍‌ଜାନ:** ଏ ଉଭୟ କୋଇଲାର ବାଷ୍ପୀକରଣ (ଗ୍ୟାସିଫିକେସନ୍) ଦ୍ୱାରା ପ୍ରସ୍ତୁତ କରାଯାଏ। ତେବେ ପ୍ରଥମଟି ପାଇଁ ପିଙ୍ଗଳ (ବାଦାମୀ) ରଙ୍ଗର 'ଲିଗ୍‌ନାଇଟ୍' କୋଇଲା ଏବଂ ଦ୍ୱିତୀୟଟି ପାଇଁ କଳା ରଙ୍ଗର 'ବିଟୁମିନସ୍' କୋଇଲା ବ୍ୟବହାର ହୁଏ। ଏ ପ୍ରକ୍ରିୟାରେ କୋଇଲାକୁ ଉଚ୍ଚ ତାପମାତ୍ରାରେ ବାୟୁ (ଅମ୍ଳଜାନ) କିମ୍ବା ଷ୍ଟିମ୍ (ବାମ୍ଫ) ସହିତ ପ୍ରତିକ୍ରିୟା କରାଯାଏ। ଏହାର ଦକ୍ଷତା ମାତ୍ର ୩୦ରୁ ୩୫ ଶତାଂଶ। ପୁନଶ୍ଚ, ଏଥିରୁ ବେଶ୍ ପରିମାଣରେ ଅଙ୍ଗାରକାମ୍ଳ, କାର୍ବନ୍ ମନୋକ୍‌ସାଇଡ୍, ମିଥେନ୍, ଜଳୀୟ ବାଷ୍ପ ଆଦି ନିର୍ଗତ ହେଉଥିବାରୁ ଏହା ପ୍ରଦୂଷଣକାରୀ ଅଟେ। ତେବେ ପାରମ୍ପାରିକ କୋଇଲା ଚାଳିତ ଶକ୍ତି ଉତ୍ପାଦନକାରୀ କେନ୍ଦ୍ର ତୁଳନାରେ ଏହା ଉତ୍ପାଦନ କରୁଥିବା କୋଇଲା ବାଷ୍ପୀକରଣ (ଗ୍ୟାସିଫିକେସନ୍) ପ୍ଲାଣ୍ଟଗୁଡ଼ିକରୁ ପ୍ରାୟ ୨୦ ଶତାଂଶ କମ୍ ନିର୍ଗମନ ଘଟେ। ଅନ୍ୟ ପକ୍ଷରେ, ଅଙ୍ଗାରକକୁ ଧରି ସଞ୍ଚୟ କରିବା (କାର୍ବନ୍ କ୍ୟାପଚର୍ ଏଣ୍ଡ୍ ଷ୍ଟୋରେଜ୍) ବ୍ୟବସ୍ଥା ବ୍ୟବହାର କରାଗଲେ ଏହା ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଏ।

**ଗୋଲାପି, ବାଇଗଣି ଏବଂ ଲାଲ୍ ଉଦ୍‌ଜାନ:** ଗୋଲାପି ଉଦ୍‌ଜାନ ଉତ୍ପନ୍ନ କରାଯାଏ ନାଭିକୀୟ ଶକ୍ତି ବ୍ୟବହାର ଦ୍ୱାରା ଜଳର ବିଦ୍ୟୁତ୍ ବଶ୍ଲେଷଣ ପଦ୍ଧତିରେ। ଏହାର ଆଉ ଦୁଇଟି ଅନୁରୂପ ହେଲେ ବାଇଗଣୀ ଏବଂ ଲାଲ୍ ଉଦ୍‌ଜାନ। ତେବେ ସେମାନଙ୍କ ମଧ୍ୟରେ ଫରକ ଏତିକି ଯେ ତହିଁରୁ ପ୍ରଥମଟିରେ ନାଭିକୀୟ ରିଆକ୍ଟର୍‌ର ନିର୍ଗତ ତାପ ବିନିଯୋଗ କରି ଜଳର ତାପ- ବିଶ୍ଳେଷଣ (ଥର୍ମୋଲିସସ୍) କରାଗଲା ବେଳେ ଦ୍ୱିତୀୟଟି ପାଇଁ ଉଭୟ ତାପ- ବିଶ୍ଳେଷଣ ଏବଂ ବିଦ୍ୟୁତ୍ ବିଶ୍ଳେଷଣ ପ୍ରକ୍ରିୟାର ଉପଯୋଗ କରାଯାଏ। ଏ ତିନୋଟିଯାକ ଉଦ୍‌ଜାନର ପ୍ରସ୍ତୁତି ପ୍ରକ୍ରିୟା ପରିବେଶ ପାଇଁ ଉତ୍ତମ। ଏଥିରୁ କୌଣସି ପ୍ରଦୂଷଣକାରୀ ନିର୍ଗମନ ଘଟେନାହିଁ ଏବଂ ଏଥିରେ ରିଆକ୍ଟରର ବଳକା ଶକ୍ତି ବ୍ୟବହାରରେ ଲାଗେ। ତେବେ ଏ ପ୍ରକ୍ରିୟା ଏବେ ପୂର୍ଣ୍ଣ ରୂପେ ବିକଶିତ ହୋଇପାରି ନାହିଁ।

**ସବୁଜ- ନୀଳ ଉଦ୍‌ଜାନ:** ଉଦ୍‌ଜାନମାନଙ୍କ ତାଲିକାରେ ଏହା ପ୍ରବେଶ କରିଛି ଅତି ନୂତନ ଭାବେ ଏବଂ ଯଥେଷ୍ଟ ରୂପେ ଏହାର ଉତ୍ପାଦନ ଏବେ ମଧ୍ୟ ସମ୍ଭବ ହୋଇ ପାରିନାହିଁ। ସେଥିପାଇଁ ନୂଆ ନୂଆ ପ୍ରଯୁକ୍ତିବିଦ୍ୟାର ପରୀକ୍ଷା ଚାଲିଛି। ବର୍ତ୍ତମାନ ମିଥେନ୍ ବା ପ୍ରାକୃତିକ ବାଷ୍ପରୁ 'ପାଇରୋଲିସସ୍' (ଅମ୍ଳଜାନର ଅନୁପସ୍ଥିତିରେ ତାପ ବିଶ୍ଳେଷଣ) ପଦ୍ଧତି ଅବଲମ୍ବନ କରି ଏହା ପ୍ରସ୍ତୁତ କରାଯାଉଛି। ଏଥି ସହିତ ଉପଜାତ ପଦାର୍ଥ ରୂପେ ଉତ୍ପନ୍ନ ହେଉଛି କଠିନ ଅଙ୍ଗାର, ଯାହାକି ପରିବେଶ ମଧ୍ୟକୁ ପ୍ରବେଶ ନକରି ଦୀର୍ଘଦିନ ଧରି ଗଚ୍ଛିତ ରଖାଯାଇପାରେ। ଏଣୁ ଭବିଷ୍ୟତରେ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ କରାଯାଇ ପାରିଲେ ଏହା ଏକ ଉପାଦେୟ କମ୍ ନିର୍ଗମନକାରୀ ଉଦ୍‌ଜାନ ରୂପେ ପରିଗଣିତ ହେବ। ଏଥିରୁ ଅଙ୍ଗାରକାମ୍ଳ କିମ୍ବା ଅନ୍ୟାନ୍ୟ ପ୍ରଦୂଷଣକାରୀ ବାଷ୍ପର ନିର୍ଗମନ ଘଟିବ ନାହିଁ। ପୁନଶ୍ଚ, ଏହା ମଧ୍ୟ କମ୍ ଶକ୍ତି ଆବଶ୍ୟକ କରିବ।

**ହଳଦିଆ ଉଦ୍‌ଜାନ:** ଜଳର ବିଦ୍ୟୁତ୍ ବିଶ୍ଳେଷଣ ଦ୍ୱାରା ଏହା ପ୍ରସ୍ତୁତ କରାଯାଏ। ଏଥିରେ ଉଭୟ ସୌର ଶକ୍ତି ଭଳି ପୁନଃନବୀକରଣଯୋଗ୍ୟ ଉତ୍ସ ସହିତ ଜୀବାଶ୍ମ ଇନ୍ଧନର ମଧ୍ୟ ବ୍ୟବହାର କରାଯାଏ। ଏହା ଅପେକ୍ଷାକୃତ କମ୍ ନିର୍ଗମନକାରୀ, କିନ୍ତୁ ଖର୍ଚ୍ଚରେ ବହୁଳ। ତେବେ ପ୍ରଯୁକ୍ତିବିଦ୍ୟାର ବିକାଶ ସଙ୍ଗେ ସଙ୍ଗେ ଏହା ଶସ୍ତା ହୋଇ ପାରିବ ବୋଲି ଆଶା।

**ସବୁଜ ଉଦ୍‌ଜାନ:** ଏହାକୁ 'ନିର୍ମଳ ଉଦ୍‌ଜାନ' ବୋଲି ମଧ୍ୟ କୁହାଯାଏ। କାରଣ, ବଳକା ସୌରଶକ୍ତି ବା ବାୟୁଶକ୍ତି ଭଳି ପୁନଃବିନିଯୋଗକ୍ଷମ ଉତ୍ସର ବିନିଯୋଗରେ ଉତ୍ପନ୍ନ 'ନିର୍ମଳ ବିଦ୍ୟୁତ୍'ର ଉପଯୋଗରେ ଜଳ ବିଦ୍ୟୁତ୍ ବିଶ୍ଳେଷଣ ମାଧ୍ୟମରେ ଏହା ଉତ୍ପନ୍ନ କରାଯାଏ। ଏଣୁ ଏଥିରୁ କେବଳ ଉଦ୍‌ଜାନ



ଓ ଅମ୍ଳଜାନ ନିର୍ଗତ ହୁଏ, ଅଙ୍ଗାରକାମ୍ଳ ଆଦୌ ହୁଏନାହିଁ। ତେବେ ଏ ପ୍ରକ୍ରିୟା ଖର୍ଚ୍ଚବହୁଳ ଏବଂ ଅପେକ୍ଷାକୃତ କମ୍ ଦକ୍ଷ ହୋଇଥିବାରୁ ଏବେ ଏହାର ବିଶେଷ ଉପଯୋଗ ହୋଇ ପାରୁନାହିଁ। ପ୍ରଯୁକ୍ତିବିଦ୍ୟାର ବିକାଶ ହୁଏତଃ ଏ ସମସ୍ୟାମାନ ଦୂର କରି ପାରିବ।

**ଶ୍ୱେତ ଉଦ୍‌ଜାନ:** ଅପେକ୍ଷାକୃତ ବିଳମ୍ବରେ ଦୃଷ୍ଟି ଆକର୍ଷଣ କରିଥିବା ଏହି ଉଦ୍‌ଜାନ ପ୍ରାକୃତିକ ଏବଂ ଭୂମି ତଳେ ଖଣିମାନଙ୍କରେ ଗଚ୍ଛିତ ଥାଏ। ବିଭିନ୍ନ ରାସାୟନିକ ସଂରଚନା ବିଶିଷ୍ଟ ଶିଳା ଖଣ୍ଡମାନଙ୍କ ମଧ୍ୟରେ ଆନ୍ତଃକ୍ରିୟା ଯୋଗୁଁ ଏହା ଉତ୍ପନ୍ନ ହୋଇଥିବାର ମନେ କରାଯାଏ। ଏହା ସଦୃଶ 'ସ୍ୱର୍ଣ୍ଣ ଉଦ୍‌ଜାନ' ବୋଲି କୁହାଯାଉଥିବା ଆଉ ଏକ ଉଦ୍‌ଜାନ ପରିତ୍ୟକ୍ତ ଖଣିମାନଙ୍କରେ ମିଳେ। ସମ୍ଭବତଃ ତାହା ବିବିଧ ସୂକ୍ଷ୍ମ ଜୀବମାନଙ୍କ ଦ୍ୱାରା ଉତ୍ପନ୍ନ ହୁଏ। ଏ ଉଭୟକୁ ଭୂମି ତଳୁ ଉତ୍ତୋଳନ କରାଯାଏ। ଏଥି ସହିତ ମିଥେନ୍ ଭଳି କେତେକ ବାଷ୍ପ ଉପଜାତ ପଦାର୍ଥ ଭାବେ ଥାଆନ୍ତି। ଏଣୁ ତହିଁରୁ ସେସବୁକୁ ଅଲଗା କରିବାକୁ ପଡ଼େ। ଏହା ଏକ ନିର୍ମଳ ଓ ପ୍ରାକୃତିକ ଉତ୍ସରୁ ମିଳୁଥିବାରୁ ଏହାକୁ ଭବିଷ୍ୟତର ଏକ ନିର୍ମଳ ଶକ୍ତିର ଉତ୍ସ ରୂପେ ଗଣନା କରାଯାଏ।

ବର୍ତ୍ତମାନ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର ଉଦ୍‌ଜାନ ମଧ୍ୟରୁ ସର୍ବାଗ୍ରେ ଅଛନ୍ତି ନୀଳ ଏବଂ ସବୁଜ। ତେବେ ଏଥିରୁ ଅଧିକ ମାତ୍ରାରେ ନିର୍ଗମନ ଘଟୁଥିବା ଦୃଷ୍ଟିରୁ ଦ୍ୱିତୀୟଟି ଅର୍ଥାତ୍ ତାହା କମ୍ କରୁଥିବା ସବୁଜ ଉପାଦାନ ଏହାର ସ୍ଥାନ ଖୁବ୍ ଶୀଘ୍ର ଅଧିକାର କରିବ ବୋଲି ମନେ କରାଯାଏ। ଅନ୍ୟ ପକ୍ଷରେ, ନୀଳ ଉଦ୍‌ଜାନ ତୁଳନାରେ ସବୁଜ ଉଦ୍‌ଜାନର ଉତ୍ପାଦନ ଖର୍ଚ୍ଚ ବହୁଳ (ଯଥାକ୍ରମେ କିଲୋଗ୍ରାମ ପ୍ରତି ୧.୯୦ରୁ ୩.୨୦ ଡଲାର ଏବଂ ୪.୮୦ରୁ ୭.୫୦ ଡଲାର)। ସେଥିପାଇଁ ଏବେ ବିଶ୍ୱରେ (୨୦୨୩ ମସିହାରେ) ଏ ଦୁଇଟିର ଉତ୍ପାଦନ ରହିଛି ଯଥାକ୍ରମେ ୪,୬୮୭.୩ ଏବଂ ୧୪୭.୬ କିଲୋଟନ୍।

ବର୍ତ୍ତମାନ ଏ ଦୁଇଟିକୁ ସ୍ଥାନାନ୍ତର କରିବାର ନୂତନ ସମ୍ଭାବନା ନେଇ ଅବତୀର୍ଣ୍ଣ ହୋଇଛି ଶ୍ୱେତ ଉଦ୍‌ଜାନ। ଭୂମି ତଳେ ଏହା ଗଚ୍ଛିତ ରହିଛି ଆଣବିକ ରୂପରେ ଏବଂ ଏକ ଆକଳନ ଅନୁସାରେ ଏହାର ପରିମାଣ ହେବ ପ୍ରାୟ ୫.୫ ଟ୍ରିଲିୟନ୍ ଟନ୍। ତହିଁରୁ ବାର୍ଷିକ ମାତ୍ର ୫୦୦ ନିୟୁତ ଟନ୍ ଆମ ଶକ୍ତି ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ। ଅତଏବ, ଏହା ଶହ ଶହ ବର୍ଷ ଧରି ସେ ଦାୟିତ୍ୱ ତୁଲାଇବାକୁ ସମର୍ଥ ହୋଇ ପାରିବ। ପୁନଶ୍ଚ, ଏଥିରେ ମିଶି ରହିଥିବା ସ୍ୱଳ୍ପ ପରିମାଣର ମିଥେନ୍ ଏବଂ ଜଳୀୟ ବାଷ୍ପକୁ ତହିଁରୁ ସହଜରେ ନିଷ୍କାସିତ କରାଯାଇ ପାରିବ। ଅନ୍ୟ ପକ୍ଷରେ, ଏହାର ଏକ ଅଂଶ ରୂପେ ପରିଗଣିତ 'ସ୍ୱର୍ଣ୍ଣ ଉଦ୍‌ଜାନ' ପରିତ୍ୟକ୍ତ ଖଣିମାନଙ୍କରେ ଉପଲବ୍ଧ ଥିବାରୁ ଏଥିରେ ଏ ଉପଦ୍ରବ୍ୟଗୁଡ଼ିକ ଟିକିଏ ଅଧିକ ମାତ୍ରାରେ ଥାଏ। ତେବେ ଅଙ୍ଗାରକୁ ଧରି ସଞ୍ଚୟ କରିବା ପଦ୍ଧତି (କାର୍ବନ୍ କ୍ୟାପଚ୍‌ର ଏଣ୍ଡ ଷ୍ଟୋରେଜ୍)ର ଉପଯୋଗରେ ତାହା ତହିଁରୁ ଅଲଗା କରାଯାଇ ପାରିବ।

ଏ ସମସ୍ତ କଥା ବିଚାରକୁ ନେଲେ ମନେହୁଏ ଯେ ସମ୍ଭବତଃ କୌଣସି ନା କୌଣସି ରୂପରେ ଉଦ୍‌ଜାନ ହିଁ ହୋଇ ପାରିବ ଆଗାମୀ କାଲିର ଅନ୍ୟତମ ମୁଖ୍ୟ ପ୍ରଦୂଷଣମୁକ୍ତ ନିର୍ମଳ ଶକ୍ତିର ଉତ୍ସ। ଅତଏବ, ତାହା ସଫଳତାର ସହ ଏହାର କ୍ରମବର୍ଦ୍ଧମାନ ଆବଶ୍ୟକତା ପୂରଣ କରିବା ଦିଗରେ ସହାୟକ ହୋଇ ପାରିବ।■

**ପ୍ରାକ୍ତନ ପ୍ରଫେସର, ଊଷା ନିବାସ**
**୧୬୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

# ବଜେଟ୍‌ରେ ଜନକଲ୍ୟାଣ

ସଂସଦରେ ଉପସ୍ଥାପିତ ହୋଇ ସାରିଥିବା ବଜେଟ୍‌ରେ ସମଗ୍ର ନିମ୍ନ ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଭାରତ ଏକ ଟିକସମୁକ୍ତ ଦେଶ ହୋଇ ଯାଇଥିବାର ଘୋଷଣାରେ ଆନନ୍ଦର ଢେଉ ସଂଚରି ଯିବା ଏକ ସ୍ୱାଭାବିକ ଘଟଣା। ତେବେ ଏଇ ଆଲୋଚନାରେ ସାମାନ୍ୟ ବିରାମ ଲାଗିବା ପରେ ଅମଲାତାନ୍ତ୍ରିକ ବଜେଟ୍ ଦସ୍ତାବିଜରେ ଅତି ଚତୁରତାର ସହିତ ଲୁଚା ଯାଇଥିବା ସଂଖ୍ୟାଗୁଡ଼ିକର ବିଶ୍ଳେଷଣ ସମାଜର ନିମ୍ନ ଶ୍ରେଣୀର ଲୋକମାନଙ୍କ କଲ୍ୟାଣ ପାଇଁ ସରକାର କେଉଁସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଅବହେଳା କରୁଛନ୍ତି, ତା'ର ଏକ ବିଷଣ୍ଣ ଚିତ୍ର ପ୍ରଦାନ କରିଥାଏ। ସାମ୍ପ୍ରତିକ ବର୍ଷରେ ନୀତି ନିର୍ଦ୍ଧାରକମାନଙ୍କୁ ଯାହା ଚିନ୍ତାଗ୍ରସ୍ତ କରି ରଖି ଆସିଛି, ତାହା ହେଉଛି ସ୍ଥୁଳ ଅର୍ଥନୀତି ସୂଚକର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ- କମିବାର ନାଁ ଧରୁ ନଥିବା ଖାଦ୍ୟ ମୁଦ୍ରାସ୍ଫୀତି। ଗରିବ ଲୋକମାନେ ସେମାନଙ୍କ ମାସିକ ଆୟର ପ୍ରାୟ ୭୦ ପ୍ରତିଶତ ଖାଦ୍ୟ ବାବଦରେ ଖର୍ଚ୍ଚ କରିଥାନ୍ତି। ସହରାଞ୍ଚଳରେ ବାସ କରୁଥିବା ଜଣେ ଗରିବ ଲୋକ ଖାଦ୍ୟ ଉପରେ ତାଙ୍କ ଆୟର ପ୍ରାୟ ୪୦ ପ୍ରତିଶତ ଖର୍ଚ୍ଚ କରୁଥିବା ବେଳେ ଗ୍ରାମାଞ୍ଚଳରେ ଜଣେ ବ୍ୟକ୍ତି ଖର୍ଚ୍ଚ କରିଥାନ୍ତି ହାରାହାରି ୪୮ ପ୍ରତିଶତ। ଆମଦାନୀ ମୁଦ୍ରାସ୍ଫୀତି, ବିଶେଷକରି ଅଶୋଧିତ ତୈଳ, ଡାଲିଜାତୀୟ ଶସ୍ୟ ଏବଂ ଖାଇବା ତେଲ ଖାଦ୍ୟ ମୁଦ୍ରାସ୍ଫୀତିକୁ ଟଙ୍କାର ମୂଲ୍ୟ ହ୍ରାସ ପାଉଥିବା ଯୋଗୁଁ ଅଧିକ ପ୍ରୋତ୍ସାହିତ କରିପାରେ, ଯାହା ବଜାରରେ ଦରଦାମ୍‌ରେ ସ୍ଥିରତା ରକ୍ଷା କରିବା ନିମନ୍ତେ ସରକାରୀ ହସ୍ତକ୍ଷେପ ଆବଶ୍ୟକ କରିପାରେ। ତଥାପି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଖାଦ୍ୟ ରିହାତି ପାଇଁ ଅନୁଦାନକୁ ୦.୮୯ ପ୍ରତିଶତ ହ୍ରାସ କରିଛନ୍ତି; ୨୦୨୪-୨୫ରେ ୨,୦୫,୨୫୦ କୋଟି ଟଙ୍କା ତୁଳନାରେ ୨୦୨୫-୨୬ରେ ଏହା ହୋଇଛି ୨,୦୩,୪୨୦ କୋଟି ଟଙ୍କା। ସେହିଭଳି ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ତାଙ୍କର ଅନୁଦାନରେ ମାତ୍ର ୦.୩୮ ପ୍ରତିଶତ ବୃଦ୍ଧି କରିଛନ୍ତି- ୨୦୨୪-୨୫ରେ ଏହାର ପରିମାଣ ୨,୬୫,୮୦୮ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ରେ ଏହାର ପରିମାଣ ହୋଇଛି ୨,୬୬,୮୧୭ କୋଟି ଟଙ୍କା। ମୁଦ୍ରାସ୍ଫୀତି ସହିତ ସମଯୋଜନ କରି ଦେଖିଲେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଏହି ଅନୁଦାନ ସଂକୁଚିତ ହୋଇଥିବା ଜଣାପଡ଼େ।

ଶିକ୍ଷା, ଯାହାକୁ ଭାରତୀୟମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ସୁନିଶ୍ଚିତ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ବିବେଚନା କରାଯାଇଥାଏ, ତାହା ମଧ୍ୟ ସମାନ ଅବସ୍ଥାକୁ ସାମ୍ନା କରିଛି। ଚଳିତ ଥରର ବଜେଟ୍ ଅନୁଦାନରେ ଏହା ମାତ୍ର ୨.୪ ପ୍ରତିଶତ ବୃଦ୍ଧିକୁ ପରିଲକ୍ଷିତ କରିଛି। ଗତ ଆର୍ଥିକ ବର୍ଷରେ ଏ ବାବଦରେ ଅନୁଦାନର ପରିମାଣ ୧,୨୫,୬୩୮ କୋଟି ଟଙ୍କା ଥିବା ବେଳେ ସେହି ତୁଳନାରେ ଚଳିତ ବଜେଟ୍‌ରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି ୧,୨୮,୬୫୦ କୋଟି ଟଙ୍କା, ଅର୍ଥାତ୍ ମାତ୍ର ୩,୦୧୨ କୋଟି ଟଙ୍କା ଅଧିକ। ମୁଦ୍ରାସ୍ଫୀତି ସହିତ ସମଯୋଜନ କରି ଦେଖିଲେ ଏହା ଏକ ନକାରାତ୍ମକ ଅଞ୍ଚଳ ଭିତରକୁ ପ୍ରବେଶ କରିଯାଏ, ଯାହା ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନମାନଙ୍କୁ ପାଣ୍ଠି ପାଇଁ ଆତୁର ହେବା ଅବସ୍ଥାକୁ ନେଇଯିବା ବେଳେ ଏ କ୍ଷେତ୍ରରେ ଚୀନ୍‌ର ଆହ୍ୱାନକୁ ମୁକାବିଲା କରିବା ନିମନ୍ତେ ସେମାନଙ୍କୁ ଅସମର୍ଥ କରିଦେବା ଭଳି ଅବସ୍ଥାରେ ପକାଇବ। ସାମାଜିକ କଲ୍ୟାଣ ନିମନ୍ତେ ଅନୁଦାନ ୬.୨୮ ପ୍ରତିଶତ ବୃଦ୍ଧି କରାଯାଇଛି (୬୦,୦୫୨ କୋଟି ବନାମ ୫୬,୫୦୧ କୋଟି ଟଙ୍କା), ଏବଂ ସ୍ୱାସ୍ଥ୍ୟ ପାଇଁ ବୃଦ୍ଧି କରାଯାଇଛି ୧୦.୧୧ ପ୍ରତିଶତ (୯୮,୩୧୧ କୋଟି ବନାମ ୮୯,୨୮୭ କୋଟି ଟଙ୍କା), ଯାହା ଉଣା ଅଧିକେ ମୁଦ୍ରାସ୍ଫୀତିର ପ୍ରଭାବକୁ ଭରଣା କରିବାରେ ସକ୍ଷମ ହେବାର ସମ୍ଭାବନା ବହନ କରୁଛି। ଦେଶର ଉତ୍ତର ପୂର୍ବ ଅଞ୍ଚଳ, ଯାହାର ବିକାଶ ବିଜେପି ନେତୃବର୍ଗଙ୍କ ପାଇଁ ଶୀର୍ଷ ସ୍ଥାନରେ ରହିଛି, ତାହା ମଧ୍ୟ ଏହି ଅଞ୍ଚଳର ବିକାଶ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ମାତ୍ର ୫,୯୧୫ କୋଟି ଟଙ୍କାର ଅନୁଦାନ ଲାଭ କରି ଅବହେଳିତ ହୋଇଥିବା ମନେହୁଏ, କାରଣ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅଞ୍ଚଳ ପାଇଁ ଅନୁଦାନର ପରିମାଣ ଥିଲା ୫,୯୦୦ କୋଟି ଟଙ୍କା। ଅର୍ଥାତ୍ ଏହି ଅଞ୍ଚଳ ପାଇଁ ବିକାଶ ଅନୁଦାନରେ ତୁଳନାତ୍ମକ ଭାବେ ବୃଦ୍ଧି ଘଟିଛି ମାତ୍ର ୦.୨୫ ପ୍ରତିଶତ।

ନରେନ୍ଦ୍ର ମୋଦୀ ସରକାରଙ୍କର ପ୍ରାଧାନ୍ୟ ସର୍ବାଗ୍ରେ କୃଷି ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ଉପରେ ରହି ଆସିଥାଏ ବୋଲି କୁହାଯାଇଥାଏ। ଅଥଚ ଚଳିତ ଥରର ବଜେଟ୍‌ରେ ଏହା ମାତ୍ର ୧୨.୯ ପ୍ରତିଶତ ଅନୁଦାନ ବୃଦ୍ଧିକୁ ପରିଲକ୍ଷିତ କରିଛି; ଅବଶ୍ୟ କୃଷକମାନଙ୍କ ପାଇଁ ଅର୍ଥମନ୍ତ୍ରୀ ସରକାର କରିଥିବା ଅନେକ ସଂଖ୍ୟକ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ତେବେ ବୈଜ୍ଞାନିକ ବିଭାଗଗୁଡ଼ିକ ନିମନ୍ତେ ଅନୁଦାନ ପ୍ରଦାନ କ୍ଷେତ୍ରରେ ଦେଖିବାକୁ ମିଳିଛି ସର୍ବବୃହତ୍ ଲମ୍ଫ। ଏଥିପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି ୭୦.୦୮ ପ୍ରତିଶତ: ୨୦୨୪-୨୫ରେ ଅନୁଦାନର ପରିମାଣ ୩୨,୭୩୬ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ରେ ଏହାର ପରିମାଣ ହୋଇଛି ୫୫,୬୭୯ କୋଟି ଟଙ୍କା। ଗବେଷଣାକୁ ସହାୟତା ପ୍ରଦାନ କରିବା ନିମନ୍ତେ ସରକାରଙ୍କ ସମର୍ଥନ ବୃଦ୍ଧି ପାଇବା ଅବଶ୍ୟ ଏକ ପ୍ରଶଂସନୀୟ ନିଷ୍ପତ୍ତି, ବିଶେଷକରି ସମଗ୍ର ବିଶ୍ୱ ନୂତନ ପ୍ରଯୁକ୍ତିକୁ ଆପଣାଉଥିବା ପରିପ୍ରେକ୍ଷୀରେ ଏହା କରାଯିବା ଅପରିହାର୍ଯ୍ୟ। ଅପର ପକ୍ଷରେ ସହରାଞ୍ଚଳ ବିକାଶ ପାଇଁ ଅନୁଦାନ କ୍ଷେତ୍ରରେ ବୃଦ୍ଧି ଘଟିଛି ୧୭.୨ ପ୍ରତିଶତ। ୨୦୨୪-୨୫ରେ ଏଥିପାଇଁ ପରିମାଣ ୮୨,୫୭୭ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ରେ ଏହା ହୋଇଛି ୯୬,୭୭୭ କୋଟି ଟଙ୍କା ଯାହା ଆପାତତଃ ଉତ୍ତମ ବୋଲି କୁହାଯାଇ ପାରିବ। ଶକ୍ତି କ୍ଷେତ୍ରରେ ମଧ୍ୟ ଅନୁଦାନର ପରିମାଣରେ ୧୮ ପ୍ରତିଶତ ବୃଦ୍ଧି କରାଯିବା କେତେକାଂଶରେ ଉତ୍ତମ ବୋଲି କୁହାଯାଇ ପାରିବ, କିନ୍ତୁ ଗରିବ ଲୋକମାନଙ୍କ ଉପରେ ଚାପକୁ କମାଇବା ପାଇଁ ଏହା ବାସ୍ତବ କ୍ଷେତ୍ରରେ ସହାୟକ ହେବା ସର୍ବାଦୌ କାମ୍ୟ।■

# ଓଡ଼ିଆ ଅସ୍ମିତାର ପ୍ରତୀକ: ମଧୁବାବୁ

ମଧୁସୂଦନ ଦାସ ଓଡ଼ିଆ ଜାତିର; ଓଡ଼ିଆ ଅସ୍ମିତା (ସ୍ୱାଭିମାନ)ର ପ୍ରତୀକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ। ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଉତ୍କଳ ଗୋରବ ମଦୁସୂଦନ ଦାସ ଜନ୍ମଗ୍ରହଣ କରିଥିଲେ। ମାତା ପାର୍ବତୀ ଦେବୀ ଓ ପିତା ଚୌଧୁରୀ ରଘୁନାଥ ଦାସଙ୍କ କୋଳ ମଣ୍ଡନ କରିଥିଲେ ଉତ୍କଳ ଗୌରବ ମଧୁବାବୁ। ମଧୁବାବୁଙ୍କ ପ୍ରଥମ ନାମ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ। ପରେ ତାଙ୍କ ବାପା ମାଆ ତାଙ୍କ ନାମକୁ ବଦଳାଇ ମଧୁସୂଦନ ରଖିଥିଲେ। ଗାଁ ମାଟିବଂଶ ଅବଧାନଙ୍କ ଚାଟଶାଳୀରୁ ଶିକ୍ଷା ଆରମ୍ଭ କରିଥିଲେ। ଗାଁ ଚାଟଶାଳୀରେ



ଡାକ୍ତର ଗୋକୁଳାନନ୍ଦ ରାଉତ

ପାଠ ଶେଷ କରି ସତ୍ୟଭାମାପୁର ଗ୍ରାମରୁ କଟକ ଆସି ସ୍କୁଲ ପାଠ ଶେଷ କଲେ। କଠିନ ପରିଶ୍ରମ କରି ମଧୁସୂଦନ ଦାସ ବି.ଏ. ପାସ୍ କଲେ। ମଧୁବାବୁ ହେଉଛନ୍ତି ପ୍ରଥମ ଓଡିଆ ବି.ଏ., ପ୍ରଥମ ଓଡ଼ିଆ ଏମ୍.ଏ. ଓ ପ୍ରଥମ ଓଡ଼ିଆ ବି.ଏଲ୍. ଡିଗ୍ରୀ ଲାଭକାରୀ। ମଧୁବାବୁ ବାଲେଶ୍ୱରରେ ବର୍ଷଟିଏ ଶିକ୍ଷକତା କରିଥିଲେ। ପରେ ଉଚ୍ଚଶିକ୍ଷା ପାଇଁ କଲିକତା ଯାଇଥିଲେ। ଉଚ୍ଚଶିକ୍ଷା ପରେ କଲିକତାରେ ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହୋଇଥିଲେ। ବି.ଏଲ୍. ଡିଗ୍ରୀଲାଭ ପରେ ପ୍ରଥମେ କଲିକତାରେ ଓକିଲାତି ଆରମ୍ଭ କରିଥିଲେ। ନିଜର ଜ୍ଞାନ ଓ କୌଶଳ ଦ୍ୱାରା କଲିକତାରେ ନାମଜାଦା ଓକିଲ ହୋଇ ପାରିଥିଲେ। ନିଜ ମାତୃଭୂମି ଓଡ଼ିଶାର ଡାକରା ଆସିବାରୁ ଓଡ଼ିଶା ଫେରି ଆସିଥିଲେ। ପତ୍ନୀ ବିୟୋଗ ପରେ ଏକାକୀ ଜୀବନ କଟାଉ ଥିଲେ। ଓଡ଼ିଶାକୁ ଫେରିବା ପରେ ସେପ୍ଟେମ୍ବର ୧୨ ତାରିଖ, ୧୮୮୧ ମସିହାରେ ମଧୁବାବୁ କଟକ ଅଦାଲତରେ ଓକିଲାତି ଆରମ୍ଭ କଲେ। ଓଡ଼ିଶାରେ ବଙ୍ଗାଳୀ ଓକିଲମାନଙ୍କର ବେଶ୍ ପ୍ରାଧାନ୍ୟ ଥିଲା। ସେମାନେ ମଧୁବାବୁଙ୍କୁ ବାର୍ ଆସୋସିଏସନରେ ସଭ୍ୟ ରୂପେ ଗ୍ରହଣ କରି ନଥିଲେ। ତତ୍‌କାଳୀନ ଜଜ୍ ସାହେବ ତାଙ୍କୁ ରୁମ୍ ପାଖ ଏକ କୋଠରିରେ ଅଫିସ କରିବାକୁ ଛାଡ଼ି ଦେଇଥିଲେ। କଲିକତାରେ ରହୁଥିବା ବେଳେ ଓଡ଼ିଆମାନଙ୍କର ଶିକ୍ଷା ପାଇଁ ଏକ ନୈଶବିଦ୍ୟାଳୟ ସ୍ଥାପନ କରିଥିଲେ। ଓକିଲ ମହଲରେ ତାଙ୍କୁ ଅନେକ ପରିହାସର ସାମ୍ନା କରିବାକୁ ପଡୁଥିଲା। କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି ଅନେକ ଜଟିଳ ସମସ୍ୟାର ସମାଧାନ କରି ସେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଓଡ଼ିଶାର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ଦିବ୍ୟସିଂହଙ୍କୁ ନିର୍ବାସନ ଦଣ୍ଡରୁ ମୁକୁଳାଇବା ପାଇଁ ସୂର୍ଯ୍ୟମଣି ପାଟମହାଦେଈଙ୍କ ତରଫରୁ ମକଦ୍ଦମା ଲଢ଼ି ଜୟଲାଭ କରିଥିଲେ।

ରାଜ୍ୟରେ ଚମଡ଼ା ଶିଳ୍ପର ବିକାଶ ପାଇଁ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା କରି ଅନେକ ନିଯୁକ୍ତି ସୃଷ୍ଟି କରିଥିଲେ। ମଧୁସୂଦନ ଓଡ଼ିଆ ଜାତିର ନବନିର୍ମାତା ଥିଲେ। ଊନବିଂଶ ଶତାବ୍ଦୀ ଥିଲା ଓଡ଼ିଆମାନଙ୍କର ଦୁର୍ଦ୍ଦିନର ସମୟ। ମାତୃଭୂମି ଓ ମାତୃଭାଷାର ଦୁର୍ଦ୍ଦଶା ତାଙ୍କୁ ବ୍ୟଥିତ କରୁଥିଲା। ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ନାନା ବିରୋଧ ସତ୍ତ୍ୱେ ମଧୁସୂଦନ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କଲେ। ପ୍ରତିଟି ଓଡ଼ିଆ ପ୍ରାଣରେ ଜାତୀୟତାବୋଧର ସଞ୍ଚାର କଲେ। ୧୯୦୫ରୁ ମଧୁସୂଦନ ଦକ୍ଷିଣ ଓଡ଼ିଶାର ମିଶ୍ରଣ ପାଇଁ ତତ୍ପର ହୋଇ ଉଠିଥିଲେ। ମଧୁବାବୁ ଓଡ଼ିଶାର ପ୍ରଥମ ଓକିଲ, ଆଇନଜୀବୀ ଏବଂ ଆଇନଜ୍ଞ ଥିଲେ। ମକଦ୍ଦମା ଜିତି ଓଡ଼ିଶାର କୋଣ ଅନୁକୋଣରେ ମଧୁ ବାରିଷ୍ଟର ଭାବରେ ପରିଚିତ ଥିଲେ। ସେଥିପାଇଁ ପିଲାମାନଙ୍କୁ ଗୀତଟିଏ ଶିଖା ଯାଉଥିଲା- ଭଲ ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି ଏବଂ ମଧୁବାବୁ ସଙ୍ଗେ ଲଢ଼ିବି।

ଉତ୍କଳ ସମ୍ମିଳନୀର ପୁରୋଧା ମଧୁବାବୁ ଥିଲେ। ତାଙ୍କର ମାନବଧର୍ମୀ ଚିନ୍ତାଧାରା ଯୋଗୁଁ ଜାତିର ଜନକ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ନିଜ ଜୀବନର ଜଣେ ପଥପ୍ରଦର୍ଶକ ଭାବରେ ଗ୍ରହଣ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଉତ୍କଳ ମାଟିରେ ଓଡ଼ିଆ ପ୍ରାଣରେ ନୂତନ ଚେତନା ଓ ନୂତନ ସ୍ପନ୍ଦନ ଭରି ଦେଇଥିଲେ। ୧୯୦୩ ଜାନୁଆରୀ ମାସ ୬ ତାରିଖରେ ଯେଉଁ ସଭା ଉତ୍କଳ ସମ୍ମିଳନୀରେ ହୋଇଥିଲା, ସେଥିରେ ଉପକୂଳ ଓଡ଼ିଶା, ଗଡଜାତ ରାଜ୍ୟ ସମୂହ ଏବଂ ପଶ୍ଚିମ ଓଡ଼ିଶାକୁ ନେଇ ଏକ ଅନୁଷ୍ଠାନ ଗଠନ କରିବା ପାଇଁ ସିଦ୍ଧାନ୍ତ ହୋଇଥିଲା। ମଧୁସୂଦନ ଦାସଙ୍କ ଉଦ୍ୟମରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ, ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ପରି ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମାନଙ୍କୁ ନେଇ ୧୯୦୩ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ସ୍ୱୀକୃତି ନେଇ ଏକ ଅନୁଷ୍ଠାନ ଗଠନ କରିଥିଲେ। ଓଡ଼ିଶା ପ୍ରଦେଶର ଗଠନ



ଶ୍ରାଦ୍ଧବାର୍ଷିକୀ ଅବସରରେ

ଐତିହାସିକ ଘୋଷଣାନାମା ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ପ୍ରକାଶ ପାଇଥିଲା।

ଶିକ୍ଷା, ସଂସ୍କୃତି ଏବଂ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ମଧୁବାବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନାରୀ ଶିକ୍ଷାର ପ୍ରଚାର ପାଇଁ ମଧୁବାବୁ କଟକରେ ଶୈଳବାଳା ମହିଳା କଲେଜ ସ୍ଥାପନ କରିଥିଲେ। ଜଣେ ବିଚକ୍ଷଣ ଆଇନଜୀବୀ ଭାବରେ ସେ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ପରିଚିତ। ସେ ଓକିଲାତି କଲାବେଳେ ବିଲାତ ଯାଇଥିଲେ।

ଓଡ଼ିଶାର ନବଜାଗରଣ ପର୍ବରେ ମହାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଅବଦାନ ଅନିର୍ବଚନୀୟ, ବୌଦ୍ଧିକତାର ମାନଦଣ୍ଡରୁ ବହୁ ଊର୍ଦ୍ଧ୍ୱରେ। ପରୋପକାର, ଦୟା, କରୁଣା, ସେବା ଓ ମାନବୀୟ ମୂଲ୍ୟବୋଧ ସନାତନ ଧର୍ମର ଶ୍ରେଷ୍ଠ ସିଦ୍ଧାନ୍ତ ବୋଲି ସେ ବିଚାର କରୁଥିଲେ। ମଧୁବାବୁ ଓଡ଼ିଆ ଜାତିର ନବନିର୍ମାତା ଥିଲେ। ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ଘୋଷଣାନାମା ପ୍ରକାଶ କରିଥିଲେ। ୧୯୩୩ ମସିହା ଜୁଲାଇ ୩ ତାରିଖରେ ଲଣ୍ଡନରେ ଦାବିପତ୍ର ଉପସ୍ଥାପନ କରିଥିଲେ।

ମଧୁବାବୁ ଖଣ୍ଡ ଖଣ୍ଡ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଲଢ଼ିଥିଲେ। ଓଡ଼ିଆମାନଙ୍କର ଉନ୍ନତି ପାଇଁ ଶିକ୍ଷା, କୃଷି ଓ ଶିଳ୍ପର ବିକାଶ ଦିଗରେ ଉଦ୍ୟମ କରିଥିଲେ। ମଧୁବାବୁଙ୍କ ଚେଷ୍ଟାରେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଅଧିବାସୀ ଭାବେ ଅଧିକାର ଲାଭ କରି ଗର୍ବର ସହ ମୁଣ୍ଡ ଟେକି ବଞ୍ଚୁଛୁ। ମଧୁବାବୁଙ୍କ ପ୍ରଚେଷ୍ଟା ୧୯୦୩ରୁ ୧୯୩୪ ପର୍ଯ୍ୟନ୍ତ ସୁଦୀର୍ଘ କାଳ ପରିବ୍ୟାପ୍ତ ରହିଥିଲା। ମଧୁବାବୁ ଜଣେ ଶ୍ରେଷ୍ଠ ଆଇନଜୀବୀ ତଥା ଆଇନଜ୍ଞ ଥିଲେ। ଭାରତୀୟ ନାରୀମାନଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ କରାଇବା ପାଇଁ ଚେଷ୍ଟା କରିଥିଲେ। ଓଡ଼ିଶା ପ୍ରଦେଶ ଓ ଭାଷାର ଉନ୍ନତି ପାଇଁ ତାଙ୍କର ଉଦ୍ୟମ ସର୍ବଦା ପ୍ରଶଂସନୀୟ। ସେ ଥିଲେ ପ୍ରଥମ ବିଲାତ ଯାତ୍ରୀ। ଦୀର୍ଘଦିନର ଅବ୍ୟାହତ ଯାତ୍ରା ସତ୍ତ୍ୱେ ୮୬ ବର୍ଷ ବୟସରେ ସ୍ୱତନ୍ତ୍ର ପ୍ରଦେଶର କମନୀୟ ରୂପ ଦେଖିବା ପୂର୍ବରୁ ୧୯୩୪ ମସିହା ଫେବୃଆରୀ ୪ ତାରିଖ ଦିନ ମଧୁବାବୁ ଇହଧାମରୁ ବିଦାୟ ନେଇଥିଲେ।

ମଧୁବାବୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶପ୍ରେମୀ ନେତା ଥିଲେ। ସେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପବାଦୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଚିନ୍ତାନାୟକ, ଜନନାୟକ ଏବଂ ରାଷ୍ଟ୍ରନାୟକ ଥିଲେ। ମଧୁବାବୁ ଉତ୍କଳ ସମ୍ମିଳନୀ (୧୯୦୩), ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), ନିଖିଳ ଉତ୍କଳ ଛାତ୍ର ସଂଗଠନ (୧୯୦୩), କୃଷକମାନଙ୍କ ସୁରକ୍ଷା ଅନୁଷ୍ଠାନ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ, ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫) ତାରକସି ଶିଳ୍ପର ଉନ୍ନୟନଗାର (୧୯୦୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶୀ ସଂଗୀତ ଆସର (୧୯୧୨) ପ୍ରତିଷ୍ଠା କରିଥିଲେ। ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ତାଙ୍କରି ପ୍ରଚେଷ୍ଟାରେ ହୋଇଥିଲା। ଆମେ ସେଥିପାଇଁ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପାଖରେ ଚିର ଋଣୀ ଏବଂ କୃତଜ୍ଞ।

**ମୋ: ୯୪୩୭୦୩୧୧୩୭**

# ଅନନ୍ୟ ଜଣେ ପ୍ରବାସୀ ପ୍ରାବନ୍ଧିକ



ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ ମୂଳତଃ ଜଣେ ଇଞ୍ଜିନିୟର। ଓଡ଼ିଶାରେ, ଓଡ଼ିଆ ଘରେ ଜନ୍ମ। ପ୍ରବାସରେ ରୁହନ୍ତି। ସେ ଜଣେ ପ୍ରବାସୀ ପ୍ରାବନ୍ଧିକ ହିସାବରେ ଅନନ୍ୟ। ତାଙ୍କ ପ୍ରବନ୍ଧରେ ଓଡ଼ିଶାର କଳା, ସଂସ୍କୃତି, ଇତିହାସ ତଥା ରାଜନୀତି ଓ ପ୍ରଶାସନ ଭିତରେ ସାଧାରଣ ମଣିଷ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜନ୍ମମାଟିର ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ସହିତ ଆତ୍ମିକ ଭାବେ ପୂର୍ଣ୍ଣ ମାତ୍ରାରେ ସେ ଜଡ଼ିତ।

ଜଣେ ଅତ୍ୟନ୍ତ ସ୍ପଷ୍ଟବାଦୀ ଓ ନିର୍ଭୀକ ସ୍ତମ୍ଭକାର ଭାବରେ ସେ ସମଗ୍ର ଓଡ଼ିଶାରେ ସୁପରିଚିତ। ଓଡ଼ିଶାର ପ୍ରାୟ ସମସ୍ତ ଅଗ୍ରଣୀ ଖବରକାଗଜରେ ନିୟମିତ ଭାବେ ତାଙ୍କର ପ୍ରବନ୍ଧଗୁଡ଼ିକ ସ୍ତମ୍ଭଲେଖ ଭାବରେ ପ୍ରକାଶ ପାଇଛି। ସେ କେବଳ ନିଜ ମନକୁ ବୁଝାଇବା ବା ସମ୍ଭକାର ଭାବେ ଆତ୍ମବଡ଼ିମା ପ୍ରଦର୍ଶନ ପାଇଁ ଲେଖନ୍ତି ନାହିଁ, ବରଂ ଅଗଣିତ ପାଠକପାଠିକାଙ୍କ ମିଠା ଜୁଲମରେ ସେ ଲେଖି ଚାଲନ୍ତି



ଦିଲୀପ କୁମାର ବେଉରା

ତାଙ୍କର ପ୍ରତିଟି ଲେଖା। କାହାରି ଚାପ ଯୋଗୁଁ କଦାପି ନିଜର ମତ ବଦଳାଇବା ଲୋକ ସେ ନୁହନ୍ତି। ଯେଉଁମାନେ ଓଡ଼ିଶା ରାଜନୀତିର ଆଭ୍ୟନ୍ତରୀଣ ଗଭୀରତା, ସରକାରୀ ନୀତି ଇତ୍ୟାଦି ବୁଝିବାକୁ ଚାହାନ୍ତି, ସେମାନେ ଚାତକ ପରି ତାଙ୍କ ଲେଖାକୁ ଅନାଇ ବସିଥାନ୍ତି। ଜଣେ ବିଜ୍ଞ ବୁଦ୍ଧିଜୀବୀ ଭାବରେ ତାଙ୍କର ଚିନ୍ତା ଓ ଚେତନାକୁ ସାଧାରଣ ମଣିଷଙ୍କ ଭିତରେ ସେ ବାଣ୍ଟି ଦେଇଥାନ୍ତି।

ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ ସମ୍ଭବତଃ ଏକମାତ୍ର ପ୍ରବାସୀ ସ୍ତମ୍ଭକାର, ଯିଏ ଓଡ଼ିଶାର ସାଧାରଣ ଲୋକଙ୍କ ସମସ୍ୟା, ଏଠାକାର ଶିକ୍ଷା ବ୍ୟବସ୍ଥା ଏବଂ ସରକାରଙ୍କ ରାଜନୀତିକ ଏଜେଣ୍ଡାର ବିବରଣୀ ନିଖୁଣ ଭାବେ ଅନୁଧ୍ୟାନ କରୁଛନ୍ତି ଓ ମୁକ୍ତକଣ୍ଠରେ ନିର୍ଭୀକ ସମାଲୋଚନା ମଧ୍ୟ କରୁଛନ୍ତି। ସେ ଜଣେ ଅତ୍ୟନ୍ତ ତୀକ୍ଷ୍ଣ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି। ଓଡ଼ିଶାର ଜନସାଧାରଣଙ୍କ ଭିତରେ ଏକ ଭୟରହିତ ସୁନେଲୀ ସ୍ୱପ୍ନ ବୁଣିବାରେ ସେ ସତତଃ ପ୍ରୟାସୀ। ବର୍ତ୍ତମାନ ସମୟରେ ମୁଖ୍ୟସ୍ରୋତ ସାମାଜିକ ଗଣମାଧ୍ୟମରେ ମଧ୍ୟ ତାଙ୍କ ପରି କେହି ନିୟମିତ ନିରପେକ୍ଷ ବାର୍ତ୍ତାକାର ନାହାନ୍ତି। ଅଧିକନ୍ତୁ, ରାଜନେତା-ଆଧାରିତ ଏଜେଣ୍ଡା ପୂରଣ କରିବାରେ ସମ୍ପୃକ୍ତ ଅଧିକାଂଶ ଭାରତୀୟ ଗଣମାଧ୍ୟମକୁ ସେ 'କୋଳ ମାଧ୍ୟମ' ନାମ ଦେଇଛନ୍ତି, କାରଣ ଅଧିକାଂଶ ଭାରତୀୟ ରାଜନେତା ତଥା କର୍ପୋରେଟରଙ୍କ ଦ୍ୱାରା ପରିଚାଳିତ ଟିଭି ଚ୍ୟାନେଲ ଓ ଖବରକାଗଜ ଆଜି ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ମୁଖପାତ୍ର ଭଳି କାର୍ଯ୍ୟ କରିବା ଆରମ୍ଭ କରି ଦେଇଛନ୍ତି।

ଜଣେ ପ୍ରକାଶକ ଭାବେ ମୁଁ ଏହା କହୁନାହିଁ, ପ୍ରକୃତପକ୍ଷେ ଓଡ଼ିଶାର ତରୁଣଠାରୁ ପ୍ରବୀଣ ପର୍ଯ୍ୟନ୍ତ ତାଙ୍କର ଅଗଣିତ ପାଠକପାଠିକାଙ୍କର ମଧ୍ୟ ଏହି ମତ। ମାନନୀୟ ବଡ଼ଭାଇ ଡକ୍ଟର ରାଜେନ୍ଦ୍ର ନାରାୟଣ ଦାସ ଏକମାତ୍ର ବ୍ୟକ୍ତି, ଯିଏ ସୁଦୂର ଜର୍ମାନୀରେ ଥାଇ ମଧ୍ୟ ଠିକ୍‌ଠିକ୍ ତଥ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ କରନ୍ତି ଏବଂ ସେଠାରେ ଅନ୍‌ଲାଇନ୍‌ରୁ ପ୍ରତିଦିନ ସକାଳେ ପ୍ରାୟ ଛଅଟି ଓଡ଼ିଆ ଖବରକାଗଜ ନିୟମିତ ପଢ଼ନ୍ତି। ଓଡ଼ିଶାର ଅନେକ ବୁଦ୍ଧିଜୀବୀ, ସମାଜସେବୀ, ସାହିତ୍ୟିକ ଏବଂ ପ୍ରତିଶ୍ରୁତିବଦ୍ଧ ଯୁବ ଗୋଷ୍ଠୀ ସହିତ ସେ ନିୟମିତ ଭାବେ ଦୂରଭାଷରେ ବାର୍ତ୍ତାଳାପ ମଧ୍ୟ କରିଥାନ୍ତି।

ତାଙ୍କଦ୍ୱାରା ଲିଖିତ ୭ଟି ପୁସ୍ତକରେ ସ୍ଥାନିତ ସମସ୍ତ ପ୍ରବନ୍ଧ ଓଡ଼ିଶାର ପ୍ରତିଷ୍ଠିତ ଦୈନିକ ଖବରକାଗଜମାନଙ୍କରେ ପ୍ରକାଶ ପାଇ ସାରିଛି। ସେଗୁଡ଼ିକ ବିପୁଳ ପାଠକୀୟ ଆଦୃତି ଲାଭ କରି ସାରିଛି ଏବଂ ବୁଦ୍ଧିଜୀବୀ ତଥା ସରକାରଙ୍କ ପାଇଁ ଚିନ୍ତା ଉଦ୍ରେକକାରୀ ମଧ୍ୟ ହୋଇ ପାରିଛି। ତାଙ୍କର ଗଠନମୂଳକ ସମାଲୋଚନା ତଥା ମତାମତ ନିର୍ଦ୍ଦିଷ୍ଟ ଭାବରେ କୌଣସି ଏକ ବିଧି ବ୍ୟବସ୍ଥା ବିରୋଧରେ ନୁହେଁ, ଏହା ସମସ୍ତଙ୍କୁ ଯଥାର୍ଥ ପରାମର୍ଶ ପ୍ରଦାନ କରିଥାଏ। ତାଙ୍କର ପ୍ରତିଟି ଆଲୋଚନା ଓଡ଼ିଶାର ସକାରାତ୍ମକ ଉନ୍ନତି ସମ୍ବନ୍ଧରେ ଏକ ଏକ ସୁସନ୍ଦେଶ ବୋଲି ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ। ■

**ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର ବାରିକ ସାହି**
**ଅରୁଣୋଦୟ ନଗର, କଟକ**
**ମୋ: ୯୪୩୯୨୪୧୪୭୧**

ନିତିଦିନ NITIDIN



## ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ଘଟଣା

# ପୂର୍ବତନ ଜିଲ୍ଲାପାଳଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି

**ମାଲକାନାଗିରି,୩।୨/ଏନ୍‌ଏନ୍‌ଏସ୍:** ମାଲକାନାଗିରି ପୂର୍ବତନ ଜିଲ୍ଲାପାଳ ଓ ଅନ୍ୟ ତିନିଜଣଙ୍କ ନାମରେ ଜାମିନବିହୀନ ଗିରଫ ପରଓ୍ୱାନା ଜାରି କରିଛନ୍ତି ମାଲକାନଗିରି ଏସ୍‌ଡିଜେଏମ୍। ତତ୍କାଳୀନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ଘଟଣାରେ ବାରମ୍ବାର ନୋଟିସ୍ ଜାରି କରିବା ପରେ କୋର୍ଟରେ ହାଜର ହେଉନଥିବାରୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କର ଏହା ବଡ଼ ଫଇସଲା। ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରଓ୍ୱାଲଙ୍କ ସହ ଅନ୍ୟ ତିନିଜଣ ଅଭିଯୁକ୍ତ ହେଲେ ଭଗବାନ ପାଣିଗ୍ରାହୀ, ଭେଲି ସେଠୀ ବେନୁ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁ। ଏମାନେ ବିଭିନ୍ନ ଆଳ ଦେଖାଇ କୋର୍ଟରେ ହାଜର ହେଉନଥିଲେ। ସୂଚନା ଅନୁସାରେ, ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ହତ୍ୟା ମାମଲାରେ ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟ ବାରମ୍ବାର ନୋଟିସ୍ ଜାରି କରିବା ସତ୍ତ୍ୱେ ଶ୍ରୀ ଅଗ୍ରଓ୍ୱାଲ ହାଜର ନହେବାରୁ ଏହି ଗିରଫ ପରଓ୍ୱାନା ଜାରି ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ମାମଲାରେ ଶ୍ରୀ ଅଗ୍ରଓ୍ୱାଲ ନିଜର ସୁରକ୍ଷା ପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଫଳ ହୋଇଛନ୍ତି।

# ଆଜି ଓଡ଼ିଶା ଆସୁଛନ୍ତି ଷୋଡ଼ଶ ଅର୍ଥ କମିସନ

**ଭୁବନେଶ୍ୱର,୩।୨/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି ଷୋଡ଼ଶ ଅର୍ଥ କମିସନ। ସେ ୭ତାରିଖ ପର୍ଯ୍ୟନ୍ତ ରହିବେ। ଏହି ସମୟରେ ରାଜ୍ୟ ସରକାର କମିସନଙ୍କ ସମ୍ମୁଖରେ ୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିବେ। ଏହି ଦାବିକୁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିସାରିଛି। ପ୍ରାକୃତିକ ବିପର୍ଯ୍ୟୟ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କରାଯିବା ନେଇ ରାଜ୍ୟ ସରକାର ପ୍ରସ୍ତୁତ ହୋଇଛନ୍ତି। ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ପାଇଁ ଦାବି ହୋଇଆସୁଥିଲା। ଚଳିତଥର ଷୋଡ଼ଶ ଅର୍ଥ କମିସନରୁ ଓଡ଼ିଶା ସରକାର ଅଧିକ ଆଶା ରଖିଛନ୍ତି। ଗ୍ରାମାଞ୍ଚଳକୁ ଉନ୍ନତ କରିବା ପାଇଁ ସମସ୍ତ ଅଞ୍ଚଳରେ ନେଟ୍‌ଓ୍ୱର୍କ ସଂଯୋଗ ପରି କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ରଖିପାରନ୍ତି ସରକାର। ସୂଚନାଯୋଗ୍ୟ, ଅର୍ଥ କମିସନ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗବଣ୍ଟା ଅନୁପାତ ସ୍ଥିର କରିଥାନ୍ତି। ରାଜ୍ୟକୁ କେତେ ଗ୍ରାଣ୍ଟ୍ ଇନ୍ ଏଡ୍ ମିଳିବ ନିଷ୍ପତ୍ତି ନେଇଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ ରାଜ୍ୟକୁ ଆବଶ୍ୟକ ପଡ଼ିଲେ ସ୍ୱତନ୍ତ୍ର ଅନୁଦାନ ଦେବା ନେଇ ସୁପାରିଶ୍ କହିଥାନ୍ତି। ରାଜ୍ୟର ଦାବି ଅନୁଧ୍ୟାନ କରି ଅନୁଦାନ ପ୍ରଦାନ କରିବାରେ ଅର୍ଥ କମିସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଶାକୁ ...

ସମ୍ବଲପୁର ଏବଂ ରାଉରକେଲା ଭଳି ପ୍ରମୁଖ ଷ୍ଟେସନ୍‌ମାନଙ୍କ ସମେତ ସାରା ଓଡ଼ିଶାରେ ୫୯ଟି ଷ୍ଟେସନ୍‌ର ବିକାଶ କରାଯାଉଛି। ୧୮୯୮ କିଲୋମିଟର ରେଲଲାଇନ୍ ପାଇଁ କବଚ ସୁରକ୍ଷା ବ୍ୟବସ୍ଥାକୁ ମଞ୍ଜୁର କରାଯାଇଛି, ୬୪୫ କିଲୋମିଟର ପାଇଁ କାର୍ଯ୍ୟ ଏବଂ ଟେଣ୍ଡର୍ ପ୍ରକ୍ରିୟା ଜାରି ରହିଛି। ସୁରକ୍ଷା ବୃଦ୍ଧି ପାଇଁ ମୋଟ ୧,୦୦୦ ଲୋକୋମୋଟିଭ୍ ସିଷ୍ଟମ୍ ସହିତ ସଂଯୁକ୍ତ କରାଯିବ।

ରେଳମନ୍ତ୍ରୀ କହିଛନ୍ତି, ୨୦୧୪ରୁ, ୫୨୨ଟି ରେଳ ଫ୍ଲାଏଓଭର୍ ଓ ଅଣ୍ଡର୍-ବ୍ରିଜ୍ ନିର୍ମାଣ କରାଯାଇଛି। ଏହା ସହିତ, ୨୩୪ଟି ଷ୍ଟେସନ୍‌ରେ ଓ୍ୱାଇ-ଫାଇ, ୪୩ଟି ଲିଫ୍ଟ, ୧୮ଟି ଏସ୍କେଲେଟର୍ ସ୍ଥାପନ କରାଯାଇଛି। ୬ ବନ୍ଦେ ଭାରତ ଟ୍ରେନ୍ ଏବେ ସାରା ଓଡ଼ିଶାରେ ଚଳାଚଳ କରୁଛି। ସେସବୁ ୧୭ ଜିଲ୍ଲା ଓ ୨୫ ଅନନ୍ୟ ଷ୍ଟପେଜ୍‌କୁ ସଂଯୋଗ କରୁଛି। ଏଥିଯୋଗୁଁ ଯାତ୍ରୀମାନେ ଆଧୁନିକ, ଦ୍ରୁତଗତିର ଯାତ୍ରା କରିପାରୁଛନ୍ତି। ମାଲଦା ଟାଉନ୍ ଓ ବେଙ୍ଗାଲୁରୁ ମଧ୍ୟରେ ଚାଲୁଥିବା ଏକ ଅମୃତ ଭାରତ ଏକ୍ସପ୍ରେସ୍ ୫ ରାଜ୍ୟକୁ ସଂଯୋଗ କରୁଛି। କୋଲକାତାରୁ ଚେନ୍ନାଇ ପର୍ଯ୍ୟନ୍ତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଦ୍ରୁତଗତିରେ ଅଗ୍ରଗତି କରୁଛି, କୋଲକାତା ଏବଂ ଭଦ୍ରକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଧିକାଂଶ କାର୍ଯ୍ୟ ସମାପ୍ତ ହୋଇଛି। ତୃତୀୟ ଲାଇନ୍ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି ଏବଂ ଭବିଷ୍ୟତରେ ଚତୁର୍ଥ ଲାଇନ୍ କାର୍ଯ୍ୟ ପାଇଁ ପ୍ରକ୍ରିୟାକରଣ କରାଯିବ।

ବୈଷ୍ଣବ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାର ରେଳ ବିକାଶର ରୂପାନ୍ତରଣ ପାଇଁ ସେମାନଙ୍କର ଅକୁଣ୍ଠ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ। ଏହି ବିଶାଳ ପ୍ରକଳ୍ପ ପାଇଁ 'ଡବଲ୍ ଇଞ୍ଜିନ୍ ସରକାର' ମଡେଲ୍‌ର ଗୁରୁତ୍ୱାରୋପ କରିଥିଲେ।

### ରେଳବାଇ ବିକାଶକୁ...

ଚଳିତ ରେଳ ବଜେଟ୍‌ରେ ଓଡ଼ିଶାର ରେଳ କ୍ଷେତ୍ର ପାଇଁ ଯେଉଁ ଅନୁଦାନ ମିଳିଛି, ତାହା କଂଗ୍ରେସ ସରକାର ତୁଳନାରେ ହାରାହାରି ପ୍ରାୟ ୧୨.୫ ଗୁଣା ବୃଦ୍ଧି ଘଟିଛି। ପୂର୍ବୋଦୟ ମିଶନରେ ଏହି ରେକର୍ଡସଂଖ୍ୟକ ରେଳ ଅନୁଦାନ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀ ସୁବିଧାକୁ ଅଧିକ ସୁଗମ କରିବ ବୋଲି ସେ କହିଛନ୍ତି।

### ଡଲାର ତୁଳନାରେ...

ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ପ୍ରଥମେ ଭାରତ ମଧ୍ୟ ଏହି ତାଲିକାରେ ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭାରତକୁ ଏଥିରୁ ବାଦ୍ ଦିଆଯାଇଛି। ତେବେ ଟ୍ରମ୍ପଙ୍କ ଏପ୍ରକାର ବର୍ଦ୍ଧିତ ସୀମା ଶୁଳ୍କ ନୀତି ଯୋଗୁ ବିଶ୍ୱସ୍ତରରେ ଏକ ବଡ଼ ଧରଣର ବାଣିଜ୍ୟ ଯୁଦ୍ଧ ଆଶଙ୍କା ଦେଖାଦେଇଛି। ଏହାର ପ୍ରଭାବ ଭାରତୀୟ ମୁଦ୍ରା ଉପରେ ମଧ୍ୟ ପଡ଼ିଛି, ଯାହା ଫଳରେ ଟଙ୍କା' ଆଜି ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

### ଦିଲ୍ଲୀ ନିର୍ବାଚନ...

ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଏକଜିଟ୍ ପୋଲ୍ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏ ନେଇ ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି।

### ୧୧ ଜିଲ୍ଲାକୁ...

କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଏବଂ ଯାଜପୁର ଜିଲ୍ଲାକୁ ଘନକୁହୁଡ଼ି ନେଇ ସତର୍କତା ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ ମିଟର ତଳକୁ ଖସିଯିବ। କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ହେବାର ସମ୍ଭାବନା ରହିଛି।

### ୮୧% ମାମଲାର...

ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା କରିଥିଲେ। ଏକମାସ ଚିକିତ୍ସା ହୋଇ ଫେରିବା ପରେ ସେ ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖା କଲେ। ମୁଖ୍ୟମନ୍ତ୍ରୀ ଗୋଟିଏ ପିଲାର କଷ୍ଟ ଓ ତା ବାପା ମା'ଙ୍କ ଅସହାୟତାକୁ ହୃଦୟଙ୍ଗମ କରି ଅଭିଯୋଗ ପ୍ରକୋଷ୍ଠରେ ସିଙ୍ଗଲ୍ ଓ୍ୱିଣ୍ଡୋ ସିଷ୍ଟମ୍‌ରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ୍ ସହାୟତା ଅନୁମୋଦନ କରି ତୁରନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ। ଏଥିସହିତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଘର ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ହେରମ୍ବ ଗିରି ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ମୁଁ ଯେଉଁ ଆଶା ନେଇ ଆସିଥିଲି ସେହି ଆଶା ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଋଣ ମୁଁ କେବେ ଶୁଝି ପାରିବି ନାହିଁ। ସେହିପରି ଆଉ ଜଣେ ଥିଲେ ବଲାଙ୍ଗୀରର ରତନ କାଲଶେ। ତାଙ୍କ ୧୬ ବର୍ଷର ଭିନ୍ନକ୍ଷମ ପୁଅ ଆଲୋକ କାଲଶେକୁ ସାଙ୍ଗରେ ନେଇ ଆସିଥିଲେ। ପିଲାଟି ବସି ପାରୁନି କି ଚାଲିବୁଲି ପାରୁନି। ପିଲାର କଷ୍ଟ ଓ ତା' ବାପା ମୁହଁର ଦୁଃଖ ଦେଖି ତାକୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସପିଟାଲ୍ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଥିଲେ। ସିଏମ୍‌ଆରଏଫ୍‌ରୁ ସହାୟତା ପ୍ରଦାନ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶୁଣାଣି ବେଳେ ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଦିନରେ ଫେରି, ରାତିରେ ଚୋରି

**ସାଲେପୁର,୩।୨/ଏନ୍‌ଏନ୍‌ଏସ୍:** ଚିନ୍ତା ବଢ଼ାଇଲାଣୀ ବାହାର ରାଜ୍ୟର ଫେରିବାଲା। ଦିନରେ ଘର ଘର ବୁଲି ବିଭିନ୍ନ ପ୍ରକାର ଘରକାରଣା ଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ ପ୍ରଯ୍ୟନ୍ତ ବେପାର କରୁଥିବା ଫେରିବାଲା ମାନେ ବହୁ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହେଉଛି। କ୍ରାଇମ ରିପୋର୍ଟ ଅନୁସାରେ ଅଧିକାଂଶ ଚୋରି, ଡକାୟତି ଓ ରହାଜାନୀ ଭଳି ସଂଗୀନ କାର୍ଯ୍ୟକଳାପ ରେ ସେମାନେ ଧାରା ପଡୁଥିବା ଗଣ ମାଧ୍ୟମ ମାନଙ୍କରେ ପ୍ରକାଶ ପାଉଛି। ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ରେ ରାଜ୍ୟର ବିଭିନ୍ନ ଜିଲ୍ଲା ରେ ଏମାନଙ୍କ ସଂଖ୍ୟା ଏହି କିଛି ବର୍ଷ ହେବ ଅହେତୁଙ୍କ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ଟାର୍ଗେଟରେ ଗ୍ରାମାଞ୍ଚଳର ଗାଁ ଗଣ୍ଡା। ସାମ୍ପ୍ରତିକ ସ୍ଥିତି ରେ ଯଦି ଦେଖିବେ ବର୍ତ୍ତମାନ ସାଲେପୁର ଅଞ୍ଚଳରେ ପ୍ରତ୍ୟେକ ଗାଁ ରେ ଏକାଧିକ ଫେରିବାଲାମାନେ ବୁଲି ବେପାର କରୁଥିବା ଦେଖିବାକୁ ମିଳୁଛି। ନିଜ ଗାଡ଼ି ରେ ବିଭିନ୍ନ ପ୍ରକାର ଜିନିଷ ଧରି ଘର ଘର ବୁଲି ବିକୁଛନ୍ତି।ହେଲେ ଏମାନଙ୍କ ମୂଳ ଲକ୍ଷ ଜିନିଷ ବିକିବା ନୁହେଁ ବରଂ କେଉଁ ଘରେ କିଏ ଏକାକି ରହୁଛନ୍ତି, କାହା ଘର ତାଲା ପଡୁଛି କିଭଳି ଏଭଳି ଅନେକ କିଛି ଭିତ୍ତିରେ ଠାବ କରିଯାଉଛନ୍ତି। ମୌକା ଦେଖି ରାତିରେ ଆସି ତାଲା ପଡିଥିବା ଘରର ଗ୍ରୀଲ ଓ କବାଟ କାଟି

> **କାହାରି ପାଖରେ ନାହିଁ ଏମାନଙ୍କ ସ୍ଥାୟୀ ଠିକଣା ଓ ସବିଶେଷ ତଥ୍ୟ**

ଘରେ ଥିବା ସୁନା ରୁପା ଅଳଙ୍କାର ସହିତ ଦାମୀ ଜିନିଷ ଚୋରି କରୁଥିବା ଅଭିଯୋଗ ହେଉଛି। ପ୍ରଶାସନ କିମ୍ବା ପୋଲିସ ପାଖରେ ସେମାନଙ୍କ ସ୍ଥାୟୀ ଠିକଣା କି କୌଣସି ବାଓ ଡାଟା ନଥିବାରୁ ସେମାନେ ଗୋଟିଏ ଅଞ୍ଚଳରୁ ଆଉ ଗୋଟିଏ ଅଂଚଳକୁ ସେହି ଫେରିବାଲା ସାଜି ଖସି ଯିବାକୁ ସହଜରେ ସକ୍ଷମ ହେଉଛନ୍ତି। ଅନେକ ସମୟରେ ପୋଲିସ କୁ ସଫଳତା ମିଳୁଥିବା ବେଳେ ଅଧିକାଂଶ ସମୟରେ ପୋଲିସ ହାତ ଖାଲି ରହୁଛି। ଏବେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଲାଣି।ଏନେଇ ବୁଦ୍ଧିଜୀବି ମହାଲରେ ପ୍ରଶ୍ନ ଉଠିଛି। ଯେଉଁ ବାହାର ରାଜ୍ୟର ବୁଲା ବିକାଳୀ ମାନେ ଆସି ଏଠାରେ ବୁଲି ବିକୁଛନ୍ତି ସେମାନଙ୍କ ବିଷୟରେ କହିଁକି କୌଣସି ତଥ୍ୟ ପ୍ରଶାସନ ପାଖରେ ନାହିଁ। ଏ ଦିଗରେ କାହିଁକି କୌଣସି ପଦକ୍ଷେପ ଗ୍ରହଣ କରାଯାଉନି ସରକାରୀସ୍ତରରେ। ଦେଖିବାକୁ ଗଲେ ନିକଟ ଅତୀତରେ ସାଲେପୁର ଅଞ୍ଚଳରେ ଏକାଧିକ ଲୋକଙ୍କ ଘରେ ଗ୍ରୀଲ, କବାଟ, ଝରକା କାଟି ବହୁ ମୂଲ୍ୟର ସମ୍ପତି ଚୋରି ହୋଇଥିବା ନଜିର ରହିଛି। ସେମାନଙ୍କୁ ଧରିବା ରେ ପୋଲିସ ବିଫଳ ହେଉଛି। ତେବେ ପ୍ରଶାସନ ଯଦି ଏମାନଙ୍କ ବିଷୟରେ ସବିଶେଷ ତଥ୍ୟ ରଖିବା ସହିତ ଏମାନଙ୍କ ଉପରେ ଅଙ୍କୁଶ ନ ଲଗାଏ ତେବେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଆଲୋଚନା ହେଉଛି। ଏମାନେ କେଉଁଠୁ ଆସୁଛନ୍ତି, କେଉଁଠି ରହୁଛନ୍ତି ଏମାନଙ୍କ ଗତିବିଧି ଉପରେ ତୀକ୍ଷନ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଚର୍ଚ୍ଚା ହେଉଛି।

# 'ଶିଶୁ ପ୍ରତିଭାର ବିକାଶ ହିଁ ନିପୁଣ ମେଳାର ମୁଖ୍ୟ ଉଦ୍ଦେଶ୍ୟ'

**କୁଆଁପାଳ,୩।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ବଙ୍ଗୀରାଜ ଗୋପାଳପୁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଅଚ୍ୟୁତପୁର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାହାଙ୍ଗା ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟର ସ୍ତରରେ ନିପୁଣ ଭାରତ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସିଆରସିସି ସେକ୍ ସନଓ୍ୱର ଅଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିପୁଣ ଓଡିଶା ମେଳାର ଉଦ୍‌ଘାଟନ ଉତ୍ସବରେ ଏବିଇଓ ସବିତା ସ୍ୱାଇଁ ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ଦେଖାଦେଇଥିବା ଶିକ୍ଷାକ୍ଷେତ୍ରରେ ସମସ୍ୟା ସଂପର୍କରେ ଆଲୋକପାତ କରିବା ସହ ଛୋଟ ଛୋଟ ପିଲାମାନେ କିଭଳି ସଂଖ୍ୟାଜ୍ଞାନ ପରିବାରରୁ ଶିଖି ପାରିବେ ସେ ସଂପର୍କରେ ଆଲୋକପାତ କରିଥିଲେ। ଶିଶୁ ପ୍ରତିଭାର ବିକାଶ ହିଁ ନିପୁଣ ମେଳାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ରମାକାନ୍ତ ଦାସ, ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ରାଉତରାୟ, ନଳୀନିକାନ୍ତ ସାହୁ, ରାକେଶ ରଂଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିପୁଣ ଓଡିଶା ମେଳାର ଅଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ ମନଓ୍ୱର ଅଲୀ, ସଂଯୁକ୍ତା ନାଥଶର୍ମା, ପ୍ରସନ୍ନ କୁମାର ମହାନ୍ତି, ସରୋଜ ଘଡେଇ, ଦିବାକର ବେହେରା, ପ୍ରସନ୍ନ କୁମାର ଘଡେଇ, ଅର୍ଚ୍ଚନା ଜେନା, ଜ୍ୟୋତିରଂଜନ ନାଥଶର୍ମା, ରିଆକସନ ମଲିକ ସହଯୋଗ କରିଥିଲାବେଳେ ପ୍ରାରମ୍ଭରେ ଅରସ୍ମିତା ପ୍ରଧାନ ଓ ଆୟେସା ପ୍ରଧାନ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ମୌଳିକ ସ୍ୱାକ୍ଷରତାରେ ୯ଟି ପ୍ରକଳ୍ପ ସଂଖ୍ୟାଜ୍ଞାନ ସଂପର୍କିତ ୯ଟି ପ୍ରକଳ୍ପ, ସୃଜନଶୀଳତା ପାଇଁ ୯ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଙ୍ଗୀରାଜ ଗୋପାଳପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ବଲାଙ୍ଗା ଉଚ୍ଚମାଧ୍ୟମିକ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଯାପିତ

**ବଲଙ୍ଗା,୩।୨/ଏନ୍‌ଏନ୍‌ଏସ୍:** ବଲଙ୍ଗା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ବିଶେଷକରି କଲେଜରେ ଛାତ୍ରୀମାନେ କିପରି ନିଜର ସାହସ, କଳାକୌଶଳ ସହ ଶରୀର ଦକ୍ଷତା କୋଶଳ ଅବଲମ୍ବନ କରି ଆସନ୍ନ ବିପଦ ଓ ଅସାମାଜିକ ତତ୍ତ୍ୱର ମୁକାବିଲା କରିବା ପାଇଁ ସକ୍ଷମ ହେବେ ଓ ନିଜର ସମ୍ମାନ ନିଜେ ରକ୍ଷା କରି ପାରିବେ ସପ୍ତାହବ୍ୟାପୀ ଆତ୍ମରକ୍ଷା କୋଶଳ ପ୍ରଶିକ୍ଷଣ ଶିବିର ବଲଙ୍ଗା ଉଚମାଧ୍ୟମିକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପିତ ଉତ୍ସବରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ବଲଙ୍ଗା ଥାନାର ଉପ ଆରକ୍ଷୀ ଅଧିକାରୀ କେଦାର ଚନ୍ଦ୍ର ଦୋରା, ସନମ୍ମାନିତ ଅତିଥି ରୂପେ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଅଶୋକ କୁମାର ସୁବୁଦ୍ଧି, ସ୍ଥାନୀୟ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଦାଶ, ଓଡିଆ ବିଭାଗର ମୁଖ୍ୟ ମିଥୁନ କୁମାର ମଲ୍ଲିକ, ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ୧୭୨ରୁ ଉର୍ଦ୍ଧ ଛାତ୍ରୀଙ୍କୁ ଅତିଥିମାନେ ଉକ୍ତ ପ୍ରଶିକ୍ଷଣ ଭବିଷ୍ୟତରେ ନିରାପଦ ସ୍ୱାସ୍ଥ୍ୟପ୍ରଦ ତଥା ସୁରକ୍ଷିତ ଜୀବନଯାପନ ପାଇଁ ଏକମାତ୍ର ଜରୁରୀ ବୋଲି ମତାମତ ପ୍ରଦାନ କରିଥିଲେ। ସମୁଦାୟ ପ୍ରଶିକ୍ଷାର୍ଥୀଙ୍କମାନଙ୍କ ମଧ୍ୟରୁ ୬ ଜଣକୁ କୃତୀ ଛାତ୍ରଛାତ୍ରୀ ରୁପେ ଚୟନ କରାଯାଇଥିଲା। ଶିକ୍ଷାବିଭାଗର ବରିଷ୍ଠ ଅଧ୍ୟାପକ ନୀଳକଣ୍ଠ ମିଶ୍ର ତଥା ଶିକ୍ଷାନୁଷ୍ଠାନର ୟୁଥ୍ ରେଡ୍‌କ୍ରସ୍‌ର କାଉନସିଲର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଇଂରାଜୀ ବିଭାଗର ମୁଖ୍ୟ ପ୍ରମୋଦ କୁମାର ପ୍ରଧାନ, ଗଣିତ ବିଭାଗ ଅଧ୍ୟାପିକା ସୁମିତ୍ରା ସ୍ୱାଇଁ।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଅନ୍ତା,୩।୨/ଏନ୍‌ଏନ୍‌ଏସ୍:** ପାହାଳ ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମଦାରିଆ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ସାହାଣୀ ଗତ ଶୁକ୍ରବାର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଶନିବାର ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଉଥିଲା। ଉକ୍ତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ପ୍ରଜ୍ଞାପାରମିତା ଜେନା, ମୁଖ୍ୟବକ୍ତା ରବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ବାସନ୍ତୀ ଖଟୁଆ ଅଧ୍ୟକ୍ଷା, ବାଲିଅନ୍ତାପଞ୍ଚାୟତ ସମିତି, ମହେଶ୍ୱର ଦାସ ଜିଲ୍ଲା ପରିଷଦସଭ୍ୟ ୧୬ନଂ ଜୋନ୍ କୁନି ଦେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଲିଅନ୍ତା, ରମାମଣୀ ଦେଇ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରଶ୍ମିତା ସାହୁ, ପୂର୍ବତନ ସରପଞ୍ଚ ଜଗନ୍ନାଥପୁର ପଞ୍ଚାୟତ ବିଭୁତି ଭୂଷଣ ସାହୁ ସିଆର୍‌ସିସି ପଞ୍ଚବଟୀ ଉ.ପା କ୍ଲଷ୍ଟର ତନୁକା ଦାଶ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଦାରିଆପାଟଣା ଟିକିନା ସାହୁ ସଭାପତି ସ୍କୁଲ ପରିଚାଳନା କମିଟି ଜୟନ୍ତୀ ମହାନ୍ତି ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଲଖମାରେ ପରିପୂର୍ଣ୍ଣ ରାଜ୍ୟ ରାଜପଥ

# ମରାମତି ପାଇଁ ମିଳୁନି ଅନୁଦାନ



**ଓଡ଼ଗାଁ,୩।୨/ଏନ୍‌ଏନ୍‌ଏସ୍:** ନୟାଗଡ଼-ଓଡ଼ଗାଁ ରାଜ୍ୟ ରାଜପଥ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ନଷ୍ଟ ହେବାକୁ ବସିଛି। ମରାମତି ଅଭାବରୁ ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ଯାଉଛି। ନୟାଗଡ଼ ଠାରୁ ଓଡ଼ଗାଁ ୨୬ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଗତ କିଛିବର୍ଷ ପୂର୍ବେ ପୂର୍ତ୍ତ ବିଭାଗ ୨୬ କିଲୋମିଟର ରାସ୍ତା ନିର୍ମାଣପାଇଁ ପାଖାପାଖି ୨୬କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଗୋଟିଏ କିଲୋମିଟର ରାସ୍ତା ପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ତାହା ନଷ୍ଟ ହୋଇ ଖାଲଖମାରେ ପରିଣତ ହେଲାଣି। ଏହି ରାସ୍ତାଦେଇ ପ୍ରତିଦିନ ଦ୍ରୁତଗାମୀ ବସ୍, ମାଲବାହୀ ଟ୍ରକ୍, ଟ୍ରାକ୍ଟର, ହାଇଓ୍ୱା, ଭିଆଇପି କାର,ବୋଲେରୋ,ବାଇକ୍ ଆଦି ଚଳାଚଳ କରୁଛି।ବଡ଼କଥା ହେଉଛି ନୟାଗଡ଼ ଠାରୁ ଓଡ଼ଗାଁ ଆସିବାବେଳେ ପାଖାପାଖି ଏକ ଶହରୁ ଉର୍ଦ୍ଧ୍ୱ ହମ୍ପସ ରହିଛି। ଯଦି କେବେ ପ୍ରସୂତୀ କିମ୍ବା ଗର୍ଭବତୀ ମହିଳାଙ୍କୁ ନେଇ ଆମ୍ବୁଲାନ୍ସ ଯାଏ ତେବେ ଠିକ୍ ସମୟରେ ପହଞ୍ଚି ପାରୁନଥିବାରୁ ରୋଗୀ ଅକାଳରେ ମୃତ୍ୟୁବରଣ କରିଥାଏ। ସେତିକି ନୁହଁ ଅଧିକାଂଶ ସମୟ ସନ୍ଧ୍ୟା ସମୟରେ ଦୁର୍ଘଟଣା ଘଟି ଲୋକେ ବଡ଼ବଡ଼ ଦୁର୍ଘଟଣାର ଶିକାର ହୋଇଥାନ୍ତି। ପ୍ରଶାସନ ଓ ପୁଲିସ ସବୁ ଜାଣିଥିଲେ ମଧ୍ୟ ନା ହମ୍ପସ ଉଠୁଛି ନା ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତାରେ ଗାଡ଼ି ମୋଟର ଯିବା ଆସିବା କରିବାପାଇଁ ଗାଡ଼ି ମାଲିକମାନେ ସରକାରଙ୍କୁ କର ମଧ୍ୟ ଦେଉଛନ୍ତି।କିନ୍ତୁ ରାସ୍ତା ତିଆରି ହେବାର ନାଁ ଧରୁନି ବିଭାଗ। କେବେ ଏହି ରାସ୍ତା ତିଆରି ହେବ ଲୋକଙ୍କ ସମସ୍ୟା ପୂରଣ ହେବ ତାକୁନେଇ କଳ୍ପନା ଜଳ୍ପନା ଲାଗିଛି। ନୟାଗଡ଼ ଜିଲ୍ଲାପାଳ ଏଥିପତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବିହୋଇଛି।

# ଜଙ୍ଗଲ ଜମି ସୁରକ୍ଷା ଆମର ଦାୟିତ୍ୱ

**ଚୌଦ୍ୱାର,୩।୨/ଏନ୍‌ଏନ୍‌ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଆମ୍ବିଳିଝରୀ ଗ୍ରାମ ନୂଆସାହିରେ ଜଙ୍ଗଲ ଜମିର କିସମ ଶାରଦ ଦୁଇକୁ ପରିବର୍ତ୍ତନ କରାଯାଇ ଦଖଲକୁ ନେବା ଓ ପରବର୍ତ୍ତୀ ସମୟରେ ବିକ୍ରୟ କରାଯାଉଥିବାର ଜଣାଯାଇଛି। ଏହାର ପ୍ରତିବାଦ କଲେ ଗ୍ରାମବାସୀଙ୍କୁ ଜୀବନରୁ ମାରିଦେବାର ଧମକ ମିଳୁଥିବାର ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ ଆମ୍ବିଳିଝରୀ ଗ୍ରାମର ନୂଆସାହିରେ ଥିବା ଜଙ୍ଗଲ ଜମିକୁ ହଡ଼ପ କରିବା ପାଇଁ କିଛି ଜମି ଦଲାଲ ସରକାରୀ ଅଧିକାରୀଙ୍କ ସହ ମିଶି ଚକ୍ରାନ୍ତ କରୁଥିବା ଏବଂ ସ୍ଥାନୀୟ ପୋଲିସର ଧମକ ସହାୟତାରେ ଜଙ୍ଗଲ ଜମିକୁ ଶାରଦ ଦୁଇ ଦର୍ଶାଇବା ସହ ସିମେଣ୍ଟ ଖୁଣ୍ଟ ପୋତି ଦଖଲକୁ ନେଇଛନ୍ତି। ଏହାର ବିରୋଧରେ ଗ୍ରାମରେ ବସବାସ କରୁଥିବା ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ପରିବାର ମେଳି ବାନ୍ଧି ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଆଗକୁ ବାହାରିଛନ୍ତି। ଗ୍ରାମବାସୀଙ୍କ ଅନୁସାରେ ବର୍ଷ ବର୍ଷ ଧରି ଏହି ଜଙ୍ଗଲ ଉପରେ ସେମାନେ ନିର୍ଭର କରିଆସୁଥିବା ବେଳେ ଜଙ୍ଗଲ ସେମାନଙ୍କ ପାଇଁ ସବୁକିଛି। ସରକାର ବନବିଭାଗ ଦ୍ୱାରା ଆଞ୍ଚଳିକ ଆଦିବାସୀ ଜଙ୍ଗଲ ସୁରକ୍ଷା ସମିତି ଗଠନ କରାଇ ସେମାନଙ୍କୁ ଜଙ୍ଗଲ ଜମିର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବୀ କରିଛନ୍ତି। ତେବେ ଏହି ଜଙ୍ଗଲ ଜମିର କିସମକୁ ଶାରଦ ଦୁଇରେ କିପରି ପରିବର୍ତ୍ତନ କରାଗଲା ତାହାକୁ ନେଇ ପ୍ରଶ୍ନ କରି ତଦନ୍ତର ଦାବି କରିଛନ୍ତି ଶତାଧିକ ଗ୍ରାମବାସୀ। ଜଙ୍ଗଲ ଜମିର ସୁରକ୍ଷା ପାଇଁ ଯଦି ସେମାନଙ୍କ ଜୀବନ ଦେବାକୁ ପଡ଼ିବ ସେମାନେ ପଛଘୁଞ୍ଚା ଦେବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଆଠଗଡ଼,୩।୨/ଏନ୍‌ଏନ୍‌ଏସ୍:** ବଡ଼ଭୁଇଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବରାମ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଏନପିଏସ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଚାରୁଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସହଶିକ୍ଷା ଅଧିକାରୀ ଗଦାଧର ଲେଙ୍କା ଏବଂ ମୁକ୍ୟବକ୍ତା ଭାବେ ଓଷ୍ଟା ଢେଙ୍କାନାଳର ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କିଶୋର ଚନ୍ଦ୍ର ବେହେରା, ସଂପାଦକ ଦେବୀପ୍ରସାଦ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ଖଟୁଆ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଶ୍ରୀ ବେହେରାଙ୍କ ବିଦ୍ୟାଳୟ ପରିଚାଳନାରେ ଥିବା କାର୍ଯ୍ୟଦକ୍ଷତା ଛାତ୍ରବତ୍ସଳତା ପଭୃତି ଥିବା ଗୁଣ ଗାରିମା ଉପରେ ଅଲୋକପାତ କରିଥିଲେ। ପରେପରେ ଗ୍ରାମବାସୀ ଓ ବିଦ୍ୟାଳୟ ପକ୍ଷରୁ ଶ୍ରୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା।

# ମାହାଙ୍ଗାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସରସ୍ୱତୀ ପୂଜା

**ମାହାଙ୍ଗା,୩।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମଏସଡି କୋଚିଙ୍ଗ ସେଣ୍ଟରରେ ସରସ୍ୱତୀ ଅନୁଷ୍ଠିତ ହେଉଥିବାବେଳେ ଅନୁଷ୍ଠାନର ଶିକ୍ଷକ କୁଶଧ୍ୱଜ ସାହୁ, ଅମରେନ ଜେନା, କାଳନ୍ଦୀ ଚରଣ ସାହୁ, ସୁପ୍ରଭା ଦିଦିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଖୁଆପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଓଷଙ୍ଗ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, କମାଓଜା ପ୍ରାଥମିକ ବିଦ୍ୟାଳୟ, ଗୋକନ ନୋଡାଲ ଉପ୍ରା ଓ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ପ୍ରାଥମିକ ବିଦ୍ୟାଳୟ ଯଶୁଆପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟମେରିପୁର, ନାରୀଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସେମିଓଟିକ୍ସ କଂପ୍ୟୁଟର, କୁଆଁପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ମାହାଙ୍ଗାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପୂଜା ମଣ୍ଡପଗୁଡିକର ବିଭିନ୍ନ ରଙ୍ଗବେରଙ୍ଗର ତୋରଣ ସହ ଆଲୋକସଜ୍ଜା କରାଯାଇଥିବା ଦେଖିବାକୁ ମିଳିଛି।

# ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ

**ମୁଣ୍ଡମୁହାଣ,୩।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ଜୀବିକା ମିଶନ ଓ ମିଶନଶକ୍ତିର ଲକ୍ଷାଧିକ ଇସି ସଦସ୍ୟଙ୍କୁ ମୋହନ ସରକାର ରିଷ୍ଟ୍ରକ୍‌ଚରିଙ୍ଗ୍ ନାମରେ ବାହାର କରିବା ନିର୍ଦ୍ଦେଶ ପ୍ରତିବାଦରେ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା, ବାଲିପାଟଣା, ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ଼, ଚିଲିକା, ଜଟଣୀ, ଖୋର୍ଦ୍ଧା ଓ ଟାଙ୍ଗି ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟରତ ଇସି ସଦସ୍ୟମାନଙ୍କୁ ନେଇ ଓଗାଳପଡା ବାଟ ଭୁଆସୁଣୀ ମନ୍ଦିର ସମ୍ମୁଖ ପଡ଼ିଆରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ଆବାହକ ତଥା ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ଉପସଭାପତି ପୁଷ୍ପାଞ୍ଜଳୀ ଜେନା ରାଜ୍ୟ ସରକାର ଇସି ରିଷ୍ଟ୍ରକ୍‌ଚରିଙ୍ଗ ନାମରେ କାର୍ଯ୍ୟରତ ଇସିଙ୍କୁ ବାହାର କରିବାର ନିର୍ଦ୍ଦେଶ ପ୍ରତ୍ୟାହାର କରି ସମସ୍ତ ଇସିଙ୍କୁ ସ୍ଥାୟୀ ନିଯୁକ୍ତି ଦାବିନେଇ ଫେବୃଆରୀ ୭ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଇସି ସମାବେଶ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ୧୦ଦଫା ସମ୍ବଳିତ ଦାବିପତ୍ର ସମ୍ପର୍କରେ ସୁଚନା ଦେଇ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଗତ ୨୫ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱ ରୋଜଗାର ଯୋଜନା, ୨୦୧୧ମସିହାଠାରୁ ଏନ୍‌ଆରଏଲ୍‌ଏମ୍ କେନ୍ଦ୍ରୀୟ ସ୍କିମ ଅଧୀନରେ ଓଡ଼ିଶାର ମିଶନଶକ୍ତି ବିଭାଗ ୨୦୧୩ରେ ଗଠନ ପରେ ଏହା ମାଧ୍ୟମରେ ଲକ୍ଷାଧିକ ଇସି ନିଯୁକ୍ତି ପାଇ ରାଜ୍ୟରେ ୬ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ୭୦ଲକ୍ଷ ମହିଳାଙ୍କୁ ଜୀବିକା ଅର୍ଜନର ରାହା ଦେଖାଇଥିବା କହିଥିଲେ। ବର୍ତ୍ତମାନର ସରକାର ନିର୍ବାଚନ ପ୍ରତିଶ୍ରୁତି ଦେଇ ରାଜ୍ୟର ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ହଜାରେ ଟଙ୍କା ହାରରେ ଭତ୍ତା ଦେବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଳନରେ ବିଫଳ ସରକାର ରାଜ୍ୟର ୬ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକ, ଦେଢ଼ ଲକ୍ଷ ଇସି ସଦସ୍ୟ, ୭୦ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା ସିଆରପି ଏବଂ ଏମ୍‌ବିକେଙ୍କ ଉପରେ ଆକ୍ରମଣ କରି ସଫଳ ଜାତୀୟ ଗ୍ରାମୀଣ ଜୀବିକା ମିଶନକୁ ନୂଆ ସରକାର ଧ୍ୱଂସ କରିବାକୁ ଷଡ଼ଯନ୍ତ୍ର କରିଥିବା ଜୟନ୍ତ ଦାସ ସୂଚନା ଦେଇଥିଲେ। ସମସ୍ତ ଦାବି ତୁରନ୍ତ ପୂରଣ ନେଇ ଆସନ୍ତା ୧୩ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ଦିନଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ପାଇଁ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଆହ୍ୱାନ ଦେଇଛି। ଏହି ସମ୍ମିଳନୀରେ ଡିଏଲ୍‌ଏଫ୍ ର ଅଞ୍ଜୁମାନ ଆରା, କାଦମ୍ବିନୀ ମହାନ୍ତି, ବିଭିନ୍ନ ବ୍ଲକରୁ ସରୋଜିନୀ ମୁଦୁଲି, ସଂଗୀତା ଜେନା, ଟୁନୀ ପରିଡ଼ା, ମମତା ବଡ଼ଜେନା, ମିନତି ପ୍ରଧାନ, ରୀତା ଶ୍ରୀଚନ୍ଦନ, ରୁବିନା ସାହୁ, ରୀନା ସେଠୀ, ସୁପ୍ରଭା ମହାନ୍ତି, ବନବାସିନୀ ମଲ୍ଲିକ ପ୍ରମୁଖ ଉଦବୋଧନ ଦେଇ ସରକାର ତୁରନ୍ତ ଇସି ରିଷ୍ଟ୍ରକ୍‌ଚରିଙ୍ଗ୍ ବନ୍ଦ୍‌କରି ସ୍ଥାୟୀ ନିଯୁକ୍ତି କରିବାକୁ ଦାବି କରିଥିଲେ। ତେବେ ୭ ଫେବୃଆରୀ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକ୍ଷୋଭ ସଫଳତା ପାଇଁ ଓ ୧୩ ଫେବୃଆରୀ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ସଫଳତା ପାଇଁ ଆହ୍ୱାନ ଦିଆଯାଇଛି।

# ଅର୍ଥ ଲଗାଣକାରୀ ସଂଘ ପକ୍ଷରୁ ଘର ସିଲ୍



**କଣ୍ଟାପଡ଼ା,୩।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ଅଞ୍ଚଳର ଜଣେ ବ୍ୟକ୍ତି ଋଣ ଅର୍ଥ ପରିଶୋଧ କରିବାରେ ଖିଲାପ କାରଣରୁ ତାଙ୍କ ବନ୍ଧକ ଘର ସିଲ କରାଯାଇଥିବା ଜଣାପଡିଛି। ଏହି ସିଲ କରିବା ପାଇଁ ଆସିଥିବା ଅଧିକାରୀ କେଶବ ଚନ୍ଦ୍ର ପରୀଡାଙ୍କ ସୂତ୍ରରୁ ଜଣାପଡିଛି। ରାଜ୍ ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ଅଡଶପୁର ଅଞ୍ଚଳର ଭକ୍ତ ଚରଣ ପରିଡା ଗୋଟିଏ ଘରକୁ ବନ୍ଧକ ରଖି ପ୍ରାୟ ୬୯ଲକ୍ଷ ଟଙ୍କା ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିଃରୁ ୨୦୧୭ ମସିହାରେ ଋଣ ଆଣିଥିଲେ। ଏହି ଋଣର ପରିମାଣ ଏବେ ପ୍ରାୟ ୮୫ଲକ୍ଷରେ ପହଞ୍ଚିଛି। ବାରମ୍ବାର ନୋଟିସ ଦେବାପରେ ମଧ୍ୟ ସେ ଋଣ ପରିଶୋଧ ନକରିବାରୁ କଟକ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଜି ଏହି ଅର୍ଥ ଲଗାଣକାରୀ ସଂସ୍ଥା ଘରକୁ ସିଲ୍ କରିଛି। ଏହି ପଦକ୍ଷେପ ଗ୍ରହଣ କରାଯିବା ସମୟରେ କଟକ ସଦର ଆରକ୍ଷୀ ଅଧିକାରୀ କିରଣ ହେମ୍ବ୍ରମ୍, କଣ୍ଟାପଡା ଅତିରିକ୍ତ ତହସିଲଦାର ଆଦ୍ୟାଶା ପ୍ରିୟଦର୍ଶିନୀ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଘରେ ରହୁଥିବା କିଛି ଭଡ଼ାଟିଆ ଓ ଘର ମାଲିକଙ୍କୁ ବାହାର କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ନୃତ୍ୟ ସଙ୍ଗୀତ ବିଦ୍ୟାଳୟ ଉଦ୍‌ଘାଟିତ



**ଫୁଲନଖରା,୩।୨/ଏନ୍ଏନ୍ଏସ୍:** ସଦର ଥାନା ଅଧିନ ବ୍ରାହ୍ମଣଝରିଲୋଠାରେ ନୃତ୍ୟ, ସଂଗୀତ ଓ କଳାଭିତ୍ତିକ ନୂତନ ବିଦ୍ୟାଳୟ 'ଆରାଧ୍ୟା କଲଚରାଲ ଏକାଡ଼େମୀ' କାର୍ଯ୍ୟାରମ୍ଭ କରିଛି। ନିଆଳି ବିଧାୟକ ଇଂ.ଛବି ମଲିକ ଏହାକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଅଜୟକୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ବିଧାୟକ ଡାକ୍ତର ପ୍ରମୋଦକୁମାର ମଲିକ, ଆଇନଜୀବୀ ଉମାକାନ୍ତ ନନ୍ଦ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଆଇନଜୀବୀ ଅଭିରାମ ପାତ୍ର, ଶ୍ରୀସନ୍ନ୍ୟାସୀଜୀ, ସୁରେନ୍ଦ୍ରନାଥ ଛୋଟରାୟ, ଲଳିତକୁମାର ଦାଶ, ଆଇନଜୀବୀ କବିନାରାୟଣ ଜେନା, ସରପଞ୍ଚ ରୋହିଣୀ ଭୋଇ, ପ୍ରଦ୍ୟୁମ୍ନକୁମାର ପତି, ସାହିତ୍ୟିକ ଅକ୍ଷୟ ମହାନ୍ତି, କଳ୍ପତରୁ ଖୁଣ୍ଟିଆ, ସାଂସଦଙ୍କ ପ୍ରତିନିଧି ଦିଲୀପକୁମାର ପାତ୍ର, ମଣ୍ଡଳ ସଭାପତି ଧିରେନ୍ଦ୍ରକୁମାର ବାରିକ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କଣ୍ଟାପଡ଼ାର ସଭାପତି ପଦ୍ମନାଭ ମହାନ୍ତି, ସମ୍ପାଦକ ଇଂ.ଫଣିଭୂଷଣ ମହାନ୍ତି, ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, ମୁରବି ସନାତନ ପରିଜା, ପଣ୍ଡିତ ଅଜୟକୁମାର ପତି, ତ୍ରୈଲୋକ୍ୟ ମଙ୍ଗରାଜ, ସାମ୍ବାଦିକ ଅଜୟକୁମାର ଦାଶ, ଡଃ.ଭବାନୀଶଙ୍କର ପାତ୍ର, ଆଦିତ୍ୟ ଛୋଟରାୟ, ବିଷ୍ଣୁଚରଣ ନାୟକ, ସୁରନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହାସ୍ୟାଭିନେତା ବ୍ରଜ ସିଂ, ଅଭିନେତ୍ରୀ ବୁଲଟି ପ୍ରଧାନ, ଅଭିନେତା ଅଭିଷେକ ଜେନା, ହାସ୍ୟ କଳାକାର ଜିତେନ୍ଦ୍ର ଓଝା ଓ ବାସ୍ତୁଶିଳ୍ପୀ ଶ୍ରୀପତି ଆଚାର୍ଯ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଇଂ. ସେବକ ଶ୍ରୀକାନ୍ତ, ରାକେଶକୁମାର ହୋତା ଓ ସନ୍ତୋଷକୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ମ୍ୟାନେଜିଙ୍ଗ ଟ୍ରଷ୍ଟି ନିର୍ମଳାବାଳା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁସେତୁ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ



**ଖଣ୍ଡପଡ଼ା,୩।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗ୍ରାମକୁ ସଂଯୋଗ କରୁଥିବା ବିଜୁସେତୁ ମଦ୍ୟପ ମାନଙ୍କ ପାଇଁ ଆଡ୍ଡାସ୍ଥଳୀ ପାଲଟିଛି। ସେତୁ ସାରା ଦେଶୀ ବିଦେଶୀ ମଦ ବୋତଲ ସହ ପାଣି ବୋତଲ, ପାଉଚ ଏପରିକି ଖାଦ୍ୟ ସାମଗ୍ରୀ ଆଣିଥିବା ପଲିଥିନି ସବୁ କିଛି ଗଦା ହୋଇଛି। ସେତୁ ଉପରେ ଯେତିକି, ସେତୁ ତଳେ ତା'ଠାରୁ ଯଥେଷ୍ଟ ଅଧିକ ପରିମାଣର ମାଦକ ଦ୍ରବ୍ୟ ଓ ବୋତଲ ଆଦି ବିଛୁରିତ ହୋଇପଡିଛି। ସ୍ଥିତି ଏମିତି ହୋଇଛି କିବା ରାତି ଓ ଦିନରେ ଅସାମାଜିକ ତଥା ମଦ୍ୟପଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏଭଳି ସ୍ଥିତି ସେଠାରେ ଦେଖିବାକୁ ମିଳୁଥିଲେ ହେଁ ସ୍ଥାନୀୟ ପୁଲିସ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ, ଖଣ୍ଡପଡ଼ା ବ୍ଲକ୍‌ର ବୋଦସା ପଞ୍ଚାୟତରୁ ରାଣୀଛେଲ୍ଲୀ ପଞ୍ଚାୟତର କଳପଙ୍ଗି ଗ୍ରାମକୁ ବିଜୁ ସେତୁ ସଂଯୋଗ କରୁଛି। ଉକ୍ତ ସେତୁ ରାସ୍ତା ଦେଇ ମର୍ଦ୍ଦରାଜପୁର, ବୋଦସା, ରାଣୀଛେଲ୍ଲୀ, ବନମାଳୀପୁର ପଞ୍ଚାୟତ ସହ ଭାପୁର ବ୍ଲକର ଧାନଚେଙ୍ଗଡା ପଂଚାୟତର ହଜାର ହଜାର ଜନସାଧାରଣ ପ୍ରତ୍ୟେହ ଯାତାୟତ କରିଥାନ୍ତି। ମାତ୍ର ସନ୍ଧ୍ୟା ହେଲେ ଉକ୍ତ ସେତୁ ଉପରେ ଦଳ ଦଳ ହୋଇ ଅସାମାଜିକ ଓ ମଦ୍ୟପ ବ୍ୟକ୍ତିମାନେ ଆଡ୍ଡା ଜମାଇବା ସହ ନିଶା ସେବନ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ସୁତ୍ରରୁ ଜଣାପଡ଼ିଛି। ସେହିପରି ବୋଦସା ପଂଚାୟତରେ ଦେଶୀ, ବିଦେଶୀ ମଦର ଚୋରା କାରବାର ବେଧଡକ ଭାବେ ଚାଲିଥିବା ବେଳେ ବିଜୁ ସେତୁକୁ ମୁକ୍ତାକାଶ ବାରରେ ପରିଣତ କଲେଣି ଅସାମାଜିକ ଯୁବକମାନେ। ଫଳରେ ଉକ୍ତ ରାସ୍ତା ଦେଇ ଯିବାକୁ ସାଧାରଣ ଲୋକେ ଆଉ ସୁରକ୍ଷିତ ମଣୁ ନଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହେଁ ନିଶା ସେବନ କରିବା ପରେ ସେତୁ ଉପରେ ବର୍ଜ୍ୟବସ୍ତୁ ସବୁ ଗଦା ହେଉଥିବା ବେଳେ ସେତୁ ତଳକୁ ମଧ ମଦ ବୋତଲ ସହ ପ୍ଲାଷ୍ଟିକ ସାମଗ୍ରୀ ମାନ ଫୋପାଡି ଦେଉଛନ୍ତି। ବିଜୁ ସେତୁ ତଳେ ବିସ୍ତିର୍ଣ୍ଣ ଚାରଣ ଭୂଇଁ ଥିବାରୁ ଏକାଧିକ ପଂଚାୟତର ଗୋପାଳକ ଶ୍ରେଣୀର ଲୋକେ ଗୋରୁ ପଲ ନେଇ ଆସିଥାନ୍ତି। ମାତ୍ର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଉକ୍ତ ସ୍ଥାନରେ ଭର୍ତ୍ତିହୋଇ ରହିଥିବାରୁ ଚରାବୁଲା କରୁଥିବା ଗୋରୁ ଗାଈମାନେ ସେଗୁଡିକ ଖାଇବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଓ ଫତେଗଡ଼ ପୁଲିସର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଉକ୍ତ ସ୍ଥାନକୁ ଦିନ ବେଳେ ପୋଲିସ ପାଟ୍ରୋଲିଙ୍ଗରେ ଆସୁ ନଥିବା ଜଣାଯାଇଛି। ବିଭିନ୍ନ ସମୟରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ହେଉଥିବା କୁହାଯାଉଥିବା ବେଳେ ବାସ୍ତବରେ ଏହାର ବ୍ୟତିକ୍ରମ ଘଟୁଥିବା ଅଭିଯୋଗ ହେଉଛି। ଫଳରେ ଅସାମାଜିକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏ ନେଇ ଖଣ୍ଡପଡ଼ା ଏସଡିପିଓ ବିମଳ କୁମାର ବାରିକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ସୂଚନା ଦେଇଛନ୍ତି।

## ସେବା ମଞ୍ଚ ପକ୍ଷରୁ କମ୍ବଳ ବଣ୍ଟନ

**କୁଆଁପାଳ,୩।୨/ଏନ୍ଏନ୍ଏସ୍:** ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଅନୁଷ୍ଠାନର ଅଧ୍ୟକ୍ଷ ଡାକ୍ତର ସୂର୍ଯ୍ୟ ପ୍ରକାଶ ଶିବନାରାୟଣ ଚୌଧୁରୀଙ୍କ ତତ୍ତ୍ୱାବଧନାରେ କୁହୁଣ୍ଡା ପଞ୍ଚାୟତର କୁମୁଡାହାଟଠାରେ ଗରିବ ଆଦିବାସୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହସଂପାଦକ ମନୋଜ କୁମାର ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ଯୁଗ୍ମ ସଂପାଦକ ଶ୍ୟାମସୁନ୍ଦର ସ୍ୱାଇଁ, ପରକ୍ଷିତ ବେହେରା, ପ୍ରମୋଦ କୁମାର ସାହୁ, ରାଜୀବ ଲୋଚନ ନାୟକ, ରଶ୍ମିରଂଜନ ପ୍ରଧାନ, ପ୍ରଦୀପ୍ତ ରାଉତରାୟ, ଆର୍ତ୍ତତ୍ରାଣ ବିଶ୍ୱାଳ, ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ସମାଜରେ ଥିବା ଏହି ଗରିବ ଆଦିବାସୀ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପରେ ଓଳାଶୁଣୀ ଗୁମ୍ଫା ମେଳାରେ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ଏକ ଅସ୍ଥାୟୀ ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନ କରି ଡାକ୍ତର ଶିବନାରାୟଣ ଚୌଧୁରୀ ଜନସାଧାରଣଙ୍କର ସେବାରେ ଉକ୍ତ ଅନୁଷ୍ଠାନ କିଭଳି ତା'ର କାର୍ଯ୍ୟକ୍ରମ ଜାରୀ ରଖିଛି ସେ ସଂପର୍କରେ ମତବ୍ୟକ୍ତ କରିଥିଲେ।

**AFFIDAVIT**

By virtue of an affidavit sworn before Mamina Behera, dated 27.12.2024 I, Debukishore Behera, Address At/Po-Chudamani, Via- Basudevpur, Dist- Bhadrak, Pin-756125 declare that I have changed my son's / daughter's name from Rajkishore Behera to Debukishore Behera. Henceforth he/she shall be known Debukishore Behera for all purposes.

Debukishore Behera

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 03.02.2025 I, Jhunurani Behera, W/o Purnachandra Behera, resident of At-Hansapur, Pottlampur, Munishipentho, Chhatrapur, VTC : Munishipentho, P.O.-Municipentho, Dist.-Ganjam, PIN-761026, Odisha have changed my name from Jhunu Behera to **Jhunurani Behera**. Henceforth I shall be known as **Jhunurani Behera** for all purpose.

(Jhunurani Behera)

B-912

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
**INVITATION FOR BIDS (IFB)**

e-mail ID : supenger_rbjyp@yahoo.co.in, Phone No. 06854-231528

**Bid Identification No. C.C.E.J.C (R&B) - 12/2024-25**

No. 361 Date : 31.01.2025

1. Nature of the work : BUILDING WORKS
2. Total No. of works : 06 (Six) Nos.
3. Tender cost : Rs.1.42 to 3.57 Crs.
4. Period of completion : 08 (Eight) to 11 (Eleven) Calendar Months.
5. Cost of Bid document : Rs.10,000/-
6. Bid Security (EMD) : Rs.1.42 to 3.57 Lacs as per column no. 06 of IFB
7. Class of contractor : "B", "A" & "Special" Class as per cl no. 05 of TCN & according to Financial Eligibility
8. Date & time of availability of bid document in the portal : From 11.00 hours of 10.02.2025 to 17.00 hours of 24.02.2025
9. Last date / time for receipt of bids in the portal : 17.00 hours of 24.02.2025
10. Opening date of Bid : 10.00 hours of 25.02.2025
11. Name and address of the officer inviting bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd/-
Chief Construction Engineer
Jeypore (R&B) Circle, Jeypore

OIPR-34108/11/0019/2425

## ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ

**କାକଟପୁର,୩।୨/ଏନ୍ଏନ୍ଏସ୍:** ପୁରୀଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ପାଟସୁନ୍ଦର ପୁର ଉର୍ଣ୍ଣିତ ପ୍ରାଥମିକ ବିଦ୍ୟାଳୟ ର ୧୯୯୮ ମସିହା ସପ୍ତମ ଶ୍ରେଣୀ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ କୁଆମଚଣ୍ଡୀ ପୀଠରେ ପାଳିତ ହୋଇଯାଇଛି। ସୁଶାନ୍ତ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ପ୍ରଥମେ ଦିବ୍ୟଂଗତ ଛାତ୍ରମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପବିନ, ପ୍ରଦୀପ, ସୁରେଶ, ସରୋଜ, ଅଭିମନ୍ୟୁ, ଚଗଲା, କେଦାର, ପ୍ରମୋଦ,ଜ୍ୟୋତି, ପିଙ୍କିନା, ଟିକିନା, ଗୀତା, ଅନୁରାଧା, ପିଙ୍କି ପ୍ରମୁଖ ତିରିଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## କଣ୍ଟାପଡ଼ାରେ ଇସି ସଦସ୍ୟାଙ୍କ ଆନ୍ଦୋଳନ



**କଣ୍ଟାପଡ଼ା,୩।୨/ଏନ୍ଏନ୍ଏସ୍:** ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ବିରୋଧ କରି ସାରା ରାଜ୍ୟରେ ଜୀବିକା ମିଶନର ମା'ମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଆଜି କଣ୍ଟାପଡ଼ା ବ୍ଲକରେ ତାହା ଦେଖିବାକୁ ମିଳିଛି। ବ୍ଲକ ଅଞ୍ଚଳର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ନାରବାଜି କରିଥିଲେ। ସୂଚନାଯୋଗ୍ୟ ୨୦୧୫ ମସିହାରୁ ରାଜ୍ୟ ସରକାର ଜୀବିକା ମିଶନ ସୃଷ୍ଟି କରିବା ପରେ କଣ୍ଟାପଡା ବ୍ଲକରେ ଏହା ୨୦୧୮ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା। ସେ ସମୟରୁ ଅଞ୍ଚଳର ବହୁ ମହିଳା ବିନା ପାରିଶ୍ରମିକରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛନ୍ତି। ୨୦୨୨ ମସିହାରୁ ଏହି ମହିଳାମାନଙ୍କୁ ସରକାର ସ୍ୱଳ୍ପ ଭତ୍ତା ପ୍ରଦାନର ବ୍ୟବସ୍ଥା କରିଥିବା ବେଳେ ବର୍ତ୍ତମାନର ସରକାର ଏହି ମହିଳାମାନଙ୍କୁ ବାଦ୍ ଦେଇ ନୂତନ ଇସି ସଦସ୍ୟ ଚୟନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାହାକୁ ରାଜ୍ୟର ହଜାର ହଜାର ମହିଳାମାନେ ବିରୋଧ କରିଛନ୍ତି। ଆଜି କଣ୍ଟାପଡ଼ା ବ୍ଲକ ଇସି ସଂଘର ସଭାନେତ୍ରୀ ମିତାଲି ଦାଶଙ୍କ ନେତୃତ୍ୱରେ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ପ୍ରତିବାଦ କରିଥିଲେ। ପରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣ୍ଟାପଡ଼ା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

**AFFIDAVIT**

By virtue of an affidavit sworn before Executive Magistrate, Banpur No. 310/24.01.2025. I declare that I have changed the name of my son from Om Prakash Maharana to Susanket Maharana. Henceforth my son will be known as **Susanket Maharana** for all purposes.

**AFFIDAVIT**

I, Roquya Tanweer, D/o - Waris Tanweer resident of - Dewan bazar, PO - Buxi bazar, PS-Lalbag, Cuttack, Pin 753001, odisha declare by this affidavit no. C.F.No. 56/2024, dated 19.10.2024, that now onwards I shall be known as **RUQAIYA TANWEER.**

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

**NIT No.: ST_P_SER_2025-EIDS_CKP_1R, Dated 30.01.2025.** [illegible] Dy. Chief Signal & Telecom Engineer/ Works/ HQ/ Garden Reach, ଦକ୍ଷିଣପୂର୍ବ ରେଳପଥ, 3rd Floor, New Administrative Building, Garden Reach, Kolkata-700043 [illegible] www.ireps.gov.in [illegible]

(PR-1091)

O-1363

**Government of Odisha**
**"e" Procurement Notice**
**Bid Identification No. Online-11-of 2024-25**

E-Mail ID: rwd.padampur@yahoo.co.in, Ph.No. 9437255440

1. Name of the work : Road & Building works (As per Annexure- 'A')
2. Amount put to Bid Excluding GST: As per Annexure - 'A'
3. Class of contractor : "D" "C" & "B"
4. Date & time of availability of bid document in the portal : From dt.05.02.2025 at 10.00 AM
5. Last date & time for receipt of bids in the portal : Dt.12.02.2025 up to 05:00 PM
6. Last date of seeking clarification : Dt.11.02.2025 up to 5.00 PM
7. Date & time of bid opening : Dt.13.02.2025 at 11.00 AM
8. Name and address of the Officer Inviting Bid : Executive Engineer, R.W. Division, Padampur, At/Po-Padampur, Dist-Bargarh, Pin-76803

(1) Other details can be seen from DTCN available in website www.tendersodisha.gov.in

(2) Corrigendum if any shall only be published in the above website.

Sd/- Executive Engineer
Rural Works Division, Padampur

OIPR-25069/11/0023/2425

# ସରକାର ନିର୍ଦ୍ଧିଷ୍ଟ ଦରରେ ଖୋଲା ବଜାରରୁ ଧାନ କିଣିବାକୁ ଦାବି

**କୁଆଁପାଳ,୩।୨/ଏନ୍ଏନ୍ଏସ୍:** ଦୀର୍ଘ ବର୍ଷ ଧରି ସରକାର ସେବା ସମବାୟ ସମିତି ଅଧୀନରେ ଚାଷୀମାନଙ୍କଠାରୁ ଧାନ ମଣ୍ଡି ମାଧ୍ୟମରେ ଧାନ କ୍ରୟ କରୁଛନ୍ତି। ହେଲେ ପ୍ରକୃତ ଚାଷୀ ଏହାର ଫାଇଦା ପାଇ ପାରୁ ନାହିଁ। ବଡ ବଡ ଚାଷୀମାନେ ନିଜେ ଜମିକୁ ଚାଷ ନକରି ଭାଗଦାରୀଙ୍କୁ ଜମି ଭାଗ ଦେଇ ସେମାନଙ୍କଠାରୁ ପାଉଥିବା ଧାନକୁ ଧାନ ମଣ୍ଡିରେ ବିକ୍ରୟ କରୁଛନ୍ତି। ହେଲେ ଭାଗଚାଷୀ ନିଜର ଜମି ନଥିବାରୁ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି କରିବାରୁ ବଞ୍ଚିତ ହୋଇ ବିଭିନ୍ନ ଅଂଚଳର ଘରୋଇ ଧାନ ବେପାରୀଙ୍କୁ କୁଇଣ୍ଟାଲ ପିଛା ୧୮୦୦ ରୁ ୧୯୦୦ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ଅପରପକ୍ଷରେ ଧାନ ମଣ୍ଡି ବେପାରୀ, ବେପାରୀ ସେବାସମବାୟ ସମିତିର ସଂପାଦକ, ସଭାପତି ଓ ରାଜନୈତିକ ଦଳର ନେତାଙ୍କ କବ୍‌ଜାରେ ରହିଆସୁଛି। ବେପାରୀମାନେ କିଛି ଚାଷୀଙ୍କର ଟୁକନ ସଂଗ୍ରହ କରି ଏପରିକି ଜମି ନଥିବା ମହିଳାଙ୍କ ନାମରେ ୫ ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇ ଟୁକନ ସଂଗ୍ରହ କରି ମାହାଙ୍ଗା ଅଂଚଳରେ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଫଳରେ କ୍ଷୁଦ୍ରଚାଷୀ ଓ ଭାଗଚାଷୀମାନେ ଧାନମଣ୍ଡିରେ ଧାନ ବିକ୍ରୟ କରିପାରୁନାହାନ୍ତି। ସରକାର ଧାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୨୩୦୦ ଓ ପ୍ରୋତ୍ସାହନ ରାଶି ୮୦୦ ମୋଟ ୩୧୦୦ ଟଙ୍କା ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀମାନଙ୍କୁ ଦେଉଛନ୍ତି। ଚାଷୀଙ୍କ ନାମରେ ବେପାରୀ ଫାଇଦା ଉଠାଉଛନ୍ତି। ଧାନ କାରବାରରେ ବ୍ୟାପକ ଅନିୟମିତତା ହେଉଛି। ଭାଗଚାଷୀ ଓ କ୍ଷୁଦ୍ରଚାଷୀ ଚାଷରୁ ଉତ୍ପାଦିତ କରି ଚାଷ କରିଥାଆନ୍ତି। ବର୍ତ୍ତମାନର ରବି ଚାଷ ପାଇଁ ସାର, ବିହନ ଓ ହଳ ବାବଦ ଅର୍ଥ ପ୍ରଦାନ କରିବାକୁ ଯାଇ ବାଧ୍ୟ ହୋଇ ଧାନ ୧୮୦୦ ରୁ ୧୯୦୦ ଟଙ୍କାରେ ଖୋଲା ବଜାରରେ ବିକ୍ରି କରୁଛନ୍ତି। ଯାହାଫଳରେ କ୍ଷୁଦ୍ର ଓ ଭାଗ ଚାଷୀ ଯେଉଁ ଗରିବକୁ ସେହି ଗରିବ। ରାଜ୍ୟ ସରକାର, ଯୋଗାଣ ବିଭାଗ, ସମବାୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷୁଦ୍ର ଓ ଭାଗଚାଷୀଙ୍କ ପାଇଁ ଖୋଲା ବଜାରରେ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୨୮୦୦ ଟଙ୍କା ରଖିବାକୁ କ୍ଷୁଦ୍ର ଓ ଭାଗଚାଷୀଙ୍କ ମହଲରେ ଦାବି ହେଉଛି। ଅପରପକ୍ଷରେ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୬ କେଜି ଧାନ କାଟ୍ କରାଯାଉଥିଲା ବେଳେ ଏହି ଅର୍ଥକୁ ମିଲର, ରାଜନୈତିକ ନେତା, ପ୍ରଶାସନିକ ଅଧିକାରୀ, ଓ ସେବାସମବାୟ ସମିତିର କର୍ମଚାରୀଙ୍କ ଭାଗବାଣ୍ଟ କାହାର କେତେ ସେ ନେଇ ଚର୍ଚ୍ଚା ଯୋରଦାର ହୋଇଥିଲା ବେଳେ ପ୍ରତ୍ୟେକ ସେବା ସମବାୟ ସମିତିର ସଂପାଦକମାନଙ୍କର ଦୀର୍ଘ ୧୦ ବର୍ଷ ଧରି କେତେ ପରିମାଣର ସଂପତି ବଢିଛି ସେ ସଂପର୍କରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବା ନେଇ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ରାଜ୍ୟ ସରକାରଙ୍କଠାରେ ସର୍ବସାଧାରଣରେ ଦାବି ହେଉଛି।

B-900

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR

60Estg.No - 985 bbsrrandb03@yahoo.com Date - 30.01.2025

Government of Odisha "e"-Procurement Notice No (51 ) of 2024-25
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Building Works |
| 2 | Total No of works | 3nos. works |
| 3 | Estimated Cost | i)Rs. 14,47,600.00, ii)Rs.27,33,500.00, iii)Rs.29,03,200.00. |
| 4 | Class of Contractor | Sl No 1- "D" & "C" & Sl No 2 & 3 "C" & "B" Class Contractor |
| 5 | Period of Completion | SL No 1 & 2 = 2 (Two) Calendar Months., Sl No 3 = 3 (Three) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From **04/02/2025 at 4.00 P.M. to 12/02/2025 at 5.30 P.M.** |
| 8 | Last Date & Time for Receipt of bids in the Portal | **12/02/2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*

Superintending Engineer
BBSR (R&B) Division No.III, BBSR

OIPR-34089/11/0021/2425

n-206

DISTRICT PROJECT OFFICE,
SAMAGRA SHIKSHA, RAYAGADA DISTRICT

Old Revenue Colony, Behind Govt. Hospital, email - dpcrayagadaosa.osepa@nic.in

No. 350 XI/PED/35/2025 Dated : 01.02.2025

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key& Oral questions" for SA-II 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2024-25 for Class-I to VIII Students | Rs.1000/- (Rupees one thousand only) | Rs.24,000/- (Rupees Twenty Four Thousandonly) | 15.02.2025 by 5.00 PM | 18.02.2025 at 4.00 PM |

The detailed BID document is available in the website www.osepa.odisha.gov.in & www.rayagada.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd/- District Education Officer-cum-DPC
Samagra Shiksha, Rayagada

OIPR-27061/11/0005/2425

i-467

GOVERNMENT OF ODISHA
Panchayat Samiti, Dharamgarh
*E-Procurement Notice*
*Bid Identification No. PS- DHG-T- 2 /2024-25*

| | | | |
|---|---|---|---|
| 1 | No. of the work: | : | Building works 6 nos. |
| 2 | Estimated cost: | : | Rs. 18.33 to 20.27 Lakhs |
| 3 | Class of Contractor: | : | "C & D" |
| 4 | Period of completion: | : | 6 months |
| 5 | Date and time of availability of bid document in the portal: | : | 11.00 hrs of 03.02.2025 to 17.00 hrs of 18.02.2025 |
| 6 | Last date/Time for receipt of bid in the portal: | : | 17.00hour of 18.02.2025 |
| 7 | Name and address of the Officer Inviting Bid: | : | Block Development Officer, Dharamgarh |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 19.02.2025 at 11.00 AM in the Office of the Panchayat Samiti, Dharamgarh |

Further details can be seen from the e-procurement portal https://tendersodisha.gov.in

Sd/- Block Development Officer
Dharamgarh

OIPR-19176/11/0003/2425

**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**

At-Chandikhol, Po- Sunguda, Jajpur-754296, Tel. No. 0671-2444488, Email- serw_kpd@yahoo.com

Letter No. 169 Dt. 30.01.2025

**2nd Corrigendum Notice**

**2nd Corrigendum to Bid Identification No. Tender Online RCK-25/24 invited this office Letter No. 3489, Dt.23.12.2024**

The changes as detailed below are hereby made in the above N.I.T.
1. Clause no-06 of NIT modified below:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking tender clarification | | Date & Time of opening of tender | | | |
|---|---|---|---|---|---|---|---|---|---|
| | | To | | | | Technical Bid | | Financial Bid | |
| 1 | 2 | 4 | | 5 | | 6 | | 7 | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-25/24 | 07.02.2025 to 05.00 PM | 18.02.2025 to 05.00 PM | 06.02.2025 up to 2.00 PM | 17.02.2025 up to 2.00 PM | 10.02.2025 at 11.00 AM | 19.02.2025 at 11.00 AM | Will be intimated later | Will be intimated later |

All other conditions of NIT remain unaltered.

Sd/- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0028/2425 O-1407

# କଳାକାରଙ୍କୁ ସମ୍ବର୍ଦ୍ଧନା, ପାଲା ଏକାଡେମୀ ପ୍ରତିଷ୍ଠା ଦାବି



**ଖୋର୍ଦ୍ଧା,୩।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ମଣ୍ଡଳ ପାଲା ଗାୟକ ପରିଷଦ ତଥା ଗାୟକ ସମ୍ରାଟ ନରୋତ୍ତମ ମହାପାତ୍ରଙ୍କ ଶିଷ୍ୟ ପ୍ରଶିଷ୍ୟମାନଙ୍କ ପକ୍ଷରୁ କୁଦିଆରୀର ପାଲାପ୍ରେମୀ ପ୍ରକାଶ ଚନ୍ଦ୍ର ବରାଳଙ୍କ ଆବାହକତ୍ୱରେ ଗାୟକ ସମ୍ରାଟ ନରୋତ୍ତମ ମହାପାତ୍ରଙ୍କର ୯୫ତମ ଜୟନ୍ତୀ ଉତ୍ସବ କୁଦିଆରୀ ମହତାବ ନଗରଠାରେ କବି ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ବୋଲଗଡ଼ ଓ ଭୁବନେଶ୍ୱର ବ୍ଲକ୍ ଅଞ୍ଚଳର ବହୁ ପାଲା ଗାୟକ, ଦାସକାଠିଆ ଗାୟକ ଓ ଅନ୍ୟାନ୍ୟ କଳାକାରମାନେ ଯୋଗ ଦେଇଥିଲେ। ଏହି ସାରସ୍ୱତ ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି, ପ୍ରବଚକ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା, ଡ଼.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱତନ୍ତ୍ର ଅତିଥି ଓ ବରିଷ୍ଠ ପାଲାଗାୟକ ଲକ୍ଷ୍ମଣ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ପାଲା ଏକାଡେମୀ ପ୍ରତିଷ୍ଠା ପାଇଁ ସର୍ବଦା ଦାବି କରି ଆସିଥିବା ଗାୟକ ସମ୍ରାଟ ନରୋତ୍ତମ ମହାପାତ୍ରଙ୍କୁ ମନେ ପକାଇ ଆଜି ପାଇକ ଏକାଡେମୀ ଖୋଲିବା ନିମନ୍ତେ ଦାବି ଉପସ୍ଥାପିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଧିକ ସଂଖ୍ୟାରେ ପାଲା ସେମିନାର ଓ ପାଲା କର୍ମଶାଳା କରାଯିବା ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ନିଜ ପିତାମାତାଙ୍କ ଫଟୋ ରଖି ନିଜ ଗୃହରେ ଠାକୁର ପୂଜାଭଳି ପିତାମାତାଙ୍କ ପୂଜା କରିଆସୁଥିବା ପ୍ରକାଶ ଚନ୍ଦ୍ର ବରାଳଙ୍କୁ ଉପସ୍ଥିତ ଦର୍ଶକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ନରେନ୍ଦ୍ର ପାଟ୍ଟଶାଣୀ, ପୋଡ଼ାଡିହର ଚକ୍ରଧର ଦେବତା, ଗାୟକ ରମାକାନ୍ତ ମିଶ୍ର, କାଶୀନାଥ ଦାସ, ଡ. ସୁକାନ୍ତି ମହାପାତ୍ର, ଈଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର କୁମାର ପ୍ରଧାନ, କୈଳାସ ପ୍ରଧାନ, ବିଦ୍ୟାଧର ପ୍ରଧାନ, କୈଳାସ ଚନ୍ଦ୍ର ବଳିଆରସିଂହ, ବିଜୟ କୁମାର ରାଉତ ପ୍ରମୁଖ ୪୨ଜଣ ପାଲା ଗାୟକ ଦାସକାଠିଆ ଗାୟକ, ସଂକୀର୍ତ୍ତନ ଗାୟକ ଓ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପାଲା ଗାୟକ ରମେଶ ଚନ୍ଦ୍ର ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଗୁଡୁମର ପାଲାଗାୟକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ସଭା ଶେଷରେ ନରୋତ୍ତମ ମହାପାତ୍ରଙ୍କ ପଟ୍ଟଶିଷ୍ୟ ଗାୟକରତ୍ନ ଖଗେଶ୍ୱର ମାର୍ଥା ଧନ୍ୟବାଦ୍ ଦେଇଥିଲେ।

## କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

# 'ଭାରତୀୟ ସାହିତ୍ୟ ଦରବାରରେ କବି ସମ୍ରାଟଙ୍କୁ ଉପଯୁକ୍ତ ସ୍ଥାନ ମିଳିବା ଦରକାର'



**ଖୋର୍ଦ୍ଧା,୩।୨/ଏନ୍ଏନ୍ଏସ୍:** ନବୀନାବାଗସ୍ଥିତ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ୩୪୬ତମ ଜୟନ୍ତୀ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସମ୍ପାଦକ ନାରାୟଣ ଦାସ ସୂଚନା ପ୍ରସଙ୍ଗରେ କହିଲେ ଯେ ଉପେନ୍ଦ୍ର ଭଞ୍ଜଙ୍କର ଭାରତୀୟ ସଂସ୍କୃତି ଓ ହିନ୍ଦୁ ସନାତନ ପରମ୍ପରା ପ୍ରତି ଅତୁଟ ସମ୍ମାନ ତାଙ୍କ କାବ୍ୟ କବିତାରୁ ଜଣାପଡ଼େ। ସେ ଘୁମୁସର ରାଜଧାନୀ କୁଲାଡ଼ଗଡ଼ଠାରେ ୧୯୭୦ ଖ୍ରୀଷ୍ଟାବ୍ଦରେ ରାଜା ଧନଞ୍ଜୟ ଭଞ୍ଜଙ୍କର ନାତି ଓ ନୀଳକଣ୍ଠ ଭଞ୍ଜଙ୍କର ପୁତ୍ରଭାବେ ଜନ୍ମ ଗ୍ରହଣ କରିଥିଲେ। ସେ ବସନ୍ତ ପଞ୍ଚମୀ ତିଥିରେ ଜନ୍ମ ଗ୍ରହଣ କରିଥିବା ନେଇ ଅନେକ ମତ ଦିଅନ୍ତି। ଭଞ୍ଜନଗର, ବାଲିପଦର ସାହିତ୍ୟ ସଂସଦ ପକ୍ଷରୁ ମାଘ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଭଂଜ ଜୟନ୍ତୀ ପାଳିତ ହେଉଥିବାରୁ ଆମେ ଏହି ତିଥିରେ ଖୋର୍ଦ୍ଧାରେ ପାଳନ କରୁଛୁ।

ପ୍ରଫେସର ଡ଼. ଶରତଚନ୍ଦ୍ର ମହାପାତ୍ର କହିଲେ ଯେ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟ କାଳରୁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା। ସେ ଖୁବ୍ ଅଳ୍ପ ସମୟରେ ସଂସ୍କୃତ ସାହିତ୍ୟକୁ କରାୟତ କରିପାରିଥିଲେ। ବ୍ୟାକରଣ, କାବ୍ୟ ନାଟକ, ଅଳଙ୍କାର, ଜ୍ୟୋତିଷ, ଆୟୁର୍ବେଦ ବିଜ୍ଞାନ, ଦର୍ଶନ ଇତ୍ୟାଦି ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ହାସଲ କରିଥିଲେ। ସେ କହିଲେ ଯେ କାଳିଦାସ, ମାଘ, ଶ୍ରୀହର୍ଷ, ଭାରବୀଙ୍କ ପରି ସଂସ୍କୃତ ବ୍ୟତୀତ ଅନ୍ୟ ଭାଷାର କବି ତୁଳସୀ ଦାସ, କବିର, ସୁର ଦାସଙ୍କ ପରି ସେ ଜଣେ ସର୍ବଭାରତୀୟ କବି। ଆମରି ସତ୍ୟର ଡ଼. ପ୍ରମୋଦ ଚନ୍ଦ୍ର ଦାଶ କହିଥିଲେ ଯେ ସମଗ୍ର ଭାରତକୁ ନିଜ ମାନସ ଚକ୍ଷୁକୁ ଆଣି ଉପେନ୍ଦ୍ର ଭଞ୍ଜ ଯେଉଁ ସାରସ୍ୱତ ସୃଷ୍ଟି କରି ଯାଇଛନ୍ତି ତାକୁ ଭାରତୀୟ ସାହିତ୍ୟ ଦରବାରରେ ଉପଯୁକ୍ତ ସ୍ଥାନ ମିଳିବା ଦରକାର। ସେ କହିଲେ ଯେ ଉପେନ୍ଦ୍ର ଭଞ୍ଜ ଦୈବୀକୃପା ଲାଭ କରିଥିଲେ। ସେ ଲାବଣ୍ୟବତୀରେ ଲେଖିଛନ୍ତି 'ତାରକ ମନ୍ତ୍ର ପରସାଦେ, ମୋହର କବି ପଣ ଉଦେ।' ପ୍ରଫୁଲ୍ଲ କୁମାର ସାମନ୍ତରାୟ କହିଲେ ଯେ ବୈଦେହିଶ ବିଳାସ ଯଦି ସେ ସମୟରେ ଇଂରାଜୀରେ ଅନୁବାଦିତ ହୋଇଥାନ୍ତା ତେବେ ଉପେନ୍ଦ୍ର ଭଞ୍ଜ ନୋବେଲ ପୁରସ୍କାର ପାଇପାରିଥାନ୍ତେ।

ଅନ୍ୟମାନଙ୍କ ମଧ୍ୟରେ ଡ଼. ବୃନ୍ଦାବନ ପଣ୍ଡା, ଜ୍ଞାନ ରଞ୍ଜନ ଦାଶ, ରାଜେନ୍ଦ୍ର କୁମାର ନରେନ୍ଦ୍ର ବିକ୍ରମ କେଶରୀ ଚମ୍ପତି, ସମରଜିତ ପଟ୍ଟନାୟକ, ନଳିନୀ ଦାଶ, ବିଦ୍ୟାଧର ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଶାନ୍ତିଲତା ଦେବୀ ଓ ଡ଼. ଚପଳା କୁମାରୀ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଦିବ୍ୟଲୋଚନ ଭାରିମଲ୍ଲ, ରାଜକିଶୋର ବଳିଆରସିଂହ, ନୀଳାଦ୍ରି ନାଥ ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି, ଜ୍ୟୋତ୍ସ୍ନାରାଣୀ ମହାରଣା, ବଂଶୀଧର ଦାସ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ କବିତା ପାଠ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଜ୍ୟୋତିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀ ଉଦ୍‌ଘାଟିତ




**ପୁରୀ,୩।୨/ଏନ୍ଏନ୍ଏସ୍:** ପୁରୀର ସାଗର ତରଙ୍ଗ ହୋଟେଲରେ ଓଡ଼ିଶା ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ଆସୋସିଏସନ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଖୀ ସହେଲି ସମ୍ମିଳନୀ ସଫଳତାର ସହ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ୫୦ ଜଣ କିଶୋରୀ ଝିଅଙ୍କୁ ଏକତ୍ରିତ କରାଯାଇଥିଲା, ଯାହା ସେମାନଙ୍କୁ ସେମାନଙ୍କର ପ୍ରେରଣାଦାୟକ ଜୀବନ କାହାଣୀ, ଚ୍ୟାଲେଞ୍ଜ ଏବଂ ଆକାଂକ୍ଷା ବାଣ୍ଟିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ସମ୍ମିଳନୀ ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଅନନ୍ତ ନାରାୟଣ ସିଂହ ଲାଗୁରୀ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ ସେ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରଶଂସା କରିବା ସହ କିଶୋରୀ ଝିଅମାନଙ୍କ ଦ୍ୱାରା ପ୍ରଦର୍ଶିତ ସକାରାତ୍ମକ ପ୍ରତିକ୍ରିୟା ଏବଂ ନେତୃତ୍ୱ ଗ୍ରହଣ କରିବାର ଦକ୍ଷତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ କରିପାରିଛି ବୋଲି ଆଲୋକପାତ କରିପାରିଥିଲେ। ଓଡ଼ିଶାର ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ୍ ହାନଲନ୍ ଜୁନିଅର, କିଶୋରୀ ଝିଅମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର, ୟୁନିସେଫ୍ ଏବଂ ଆକ୍ସନ୍ ଏଡ୍ ମଧ୍ୟରେ ସହଯୋଗ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ପ୍ରତି ଶନିବାର ଆୟୋଜିତ ହେଉଥିବା ଅଦ୍ୱିକା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ଏବଂ ବାଲ୍ୟବିବାହକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ସହାୟକ ହୋଇଥାଏ। ଅଦ୍ୱିକା ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଅଦ୍ୱିକା କାର୍ଯ୍ୟକ୍ରମର ସଫଳତା ସୁନିଶ୍ଚିତ କରିବାରେ ତୃଣମୂଳ ସ୍ତରରେ କର୍ତ୍ତବ୍ୟନିଷ୍ଠଙ୍କ

### କିଶୋରୀଙ୍କୁ ସଶକ୍ତ ଓ ସମର୍ଥ କରିବା ଉପରେ ଗୁରୁତ୍ୱାରୋପ

ଝିଅମାନେ କେବଳ ଜୀବନ କୌଶଳ ହାସଲ କରୁନାହାନ୍ତି ବରଂ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ପ୍ରସ୍ତୁତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଧ୍ୟ ଭଲ ଭାବରେ ଅବଗତ ହେଉଛନ୍ତି। ଶ୍ରୀ ହାନଲନ୍ ମନ୍ତବ୍ୟ ଦେଇଥିଲେ ଯେ ୮.୩ ବିଲିୟନ କିଶୋରୀ ହେଉଛନ୍ତି ଓଡ଼ିଶାର ଆଗାମୀ ଦିନରେ ପରିବର୍ତ୍ତନର ନେତୃତ୍ୱ ନେବାରେ ମଶାଲବାହକ।

ୟୁନିସେଫ୍‌ର ଶିଶୁ ସୁରକ୍ଷା ବିଶେଷଜ୍ଞ ମାନ୍ନା ବିଶ୍ୱାସ ସମ୍ପ୍ରଦାୟ ନେତା ଭାବରେ କିଶୋରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅଦ୍ୱିକା କାର୍ଯ୍ୟକ୍ରମ ଏହି କିଶୋରୀ ପ୍ରତିଭାମାନଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଉପରେ ଆଲୋକପାତ କରିଥିଲେ। ଆକ୍ସନ୍ ଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, କିଶୋରୀଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସାମାଜିକ ପରିବର୍ତ୍ତନ ଆଣିବାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ବିଷୟରେ କହିଥିଲେ। ଏହି ଯୁବ ନେତାମାନେ କେବଳ ଶିଶୁ ଅଧିକାର ଏବଂ ସୁରକ୍ଷା ପ୍ରସଙ୍ଗ ବିଷୟରେ ସଚେତନତା ସୃଷ୍ଟି କରୁନାହାନ୍ତି ବରଂ ନିଜ ଅଞ୍ଚଳରେ ସ୍ଥାୟୀ, ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ସହକର୍ମୀ ଏବଂ ସମାଜକୁ ବ୍ୟାପକ ଭାବରେ ପ୍ରଭାବିତ କରୁଛନ୍ତି। ଏହି ସମ୍ମିଳନୀର ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ଥିଲା ଏକ ପ୍ରେରଣାଦାୟକ କାହାଣୀ ପୁସ୍ତକର ଉନ୍ମୋଚନ, ଯାହା ସାରା ରାଜ୍ୟରୁ ଆସିଥିବା ୫୦ ଜଣ କିଶୋରୀ ଚାମ୍ପିଅନଙ୍କ କାହାଣୀ ସହିତ ଏକ ଇନ୍‌ଫୋଗ୍ରାଫିକ୍ ବିବରଣୀ ଉନ୍ମୋଚିତ ହୋଇଥିଲା। ସମ୍ମିଳନୀରେ ଅନେକ କିଶୋରୀ ଅଂଶଗ୍ରହଣକାରୀ ଅଦ୍ୱିକା ଅଧିବେଶନରୁ ସେମାନଙ୍କର ବ୍ୟକ୍ତିଗତ ଜୀବନର ସଂଘର୍ଷର ଅଭିଜ୍ଞତା ବାଣ୍ଟିଥିଲେ ଏବଂ ଅନ୍ୟମାନଙ୍କର ବାଲ୍ୟ ବିବାହ ବିରୋଧରେ ଲଢ଼ିବାରେ ସେମାନଙ୍କର ପ୍ରୟାସ ବିଷୟରେ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ, ଉଚ୍ଚଶିକ୍ଷା ଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକଳାପରେ ନିୟୋଜିତ ହୋଇଛନ୍ତି। ଏହା ସେମାନଙ୍କ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ କରିବାରେ ସହାୟକ ହୋଇଛି। ସମ୍ମିଳନୀକୁ ଆକ୍ସନ୍ ଏଡ୍‌ର ଜାତୀୟ ମୁଖ୍ୟ ଘାସିରାମ ପଣ୍ଡା ପରିଚାଳନା କରିଥିଲେ। ତନୁପ୍ରଭା ବେଉରା, ଡିଏସ୍‌ଡବ୍ଲ୍ୟୁଓ, ପୁରୀ, ଓଡ଼ିଶା ସରକାର ଅତିଥି ଭାବରେ ଯୋଗ ଦେଇଥିଲେ। କିଶୋରମାନଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ପ୍ରେରଣା ଦେଇଥିଲେ। ଶେଷରେ ଆକ୍ସନଏଡ୍‌ର ଏମ୍ ଆଣ୍ଡ୍ ଇ ପରିଚାଳକ ସୌରିସ ବୋଷଙ୍କ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାର କିଶୋରୀମାନଙ୍କୁ ସଶକ୍ତ, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଉପକରଣ, ଜ୍ଞାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଏ।

# ଧବଳେଶ୍ୱର ସେତୁ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନବୀକରଣ ଦାବି

**କଟକ,୩।୨/ଏନ୍ଏନ୍ଏସ୍:** ସିଡିଏ ସେକ୍ଟର-୧୦ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଭାଙ୍ଗି ପଡ଼ିବାର ଆଶଙ୍କା ଥିବାରୁ ଏଥି ନେଇ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଧବଳେଶ୍ୱରକୁ ସଂଯୋଗ କରୁଥିବା ସେତୁଟି ମଧୁବାବୁଙ୍କ ନାମରେ ନାମିତ କରାଯିବା ପୂର୍ବକ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। ଏବେ ଏହି ପ୍ରତିମୂର୍ତ୍ତିର ପଛ ପାଖରେ ରଙ୍ଗ ଛାଡ଼ି ଫାଟ ସୃଷ୍ଟି ହୋଇଛି। ଏହା ବ୍ୟତୀତ ପ୍ରତିମୂର୍ତ୍ତି ନିମ୍ନ ଭାଗରେ ଥିବା ଫଳକଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବାରୁ ପ୍ରତିମୂର୍ତ୍ତି ମଣ୍ଡପ ଶ୍ରୀହୀନ ହୋଇପଡ଼ିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ, ସିଡିଏ କର୍ତ୍ତୃପକ୍ଷ ଓ କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ସୁଦୃଷ୍ଟି ପଡୁନାହିଁ କି ମରାମତି ଓ ମୂର୍ତ୍ତି ନବୀକରଣ ନିମନ୍ତେ ପଦକ୍ଷେପ ନିଆଯାଉ ନ ଥିବାରୁ ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ କ୍ଷୋଭ ପ୍ରକାଶ ସହ ଯେତେ ଶୀଘ୍ର ସମ୍ଭବ ଏହି ପ୍ରତିମୂର୍ତ୍ତିର ମରାମତି ଓ ନବୀକରଣ କରିବା ପାଇଁ ସେ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



**ଖୋର୍ଦ୍ଧା,୩।୨/ଏନ୍ଏନ୍ଏସ୍:** ଆଜି ଜିଲ୍ଲାପାଳ, ଖୋର୍ଦ୍ଧା ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୧୩୩ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୦୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୩ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ଥିଲା। ଏହି ଅଭିଯୋଗ ମଧ୍ୟରୁ ସ୍ଥଳବିଶେଷରେ ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ୩୦,୦୦୦ ଟଙ୍କା,୧୦,୦୦୦ ଟଙ୍କା ଏବଂ ୫୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ଜଣଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଆଜିର ମିଳିତ ଜନଶୁଣାଣି ଅବସରରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ଉପ-ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାନା ଜେନା, ତହସିଲଦାର ରଞ୍ଜନ ପାଣିଗ୍ରାହୀ, ଖୋର୍ଦ୍ଧା ବିଡିଓ କ୍ଷିରାବ୍ଧି ତନୟା ସାହୁ, ସିଡିଏମ୍‌ଓ, ଆସିଷ୍ଟାଣ୍ଟ କଲେକ୍ଟର ଓ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



**ପୁରୀ,୩।୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ଟି ଅଭିଯୋଗ ମିଳିଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୫୪ଟି, ଗ୍ରାମ ଅଭିଯୋଗ ୧୩ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୬ଟି ଓ ୨ଟି ରେଡକ୍ରସ୍‌ରୁ ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୧୮ଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ଆର୍‌ଆଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**କଟକ,୩।୨/ଏନ୍ଏନ୍ଏସ୍:** ରାଜସ୍ୱ ପରିଦର୍ଶକ (ରେଭେନ୍ୟୁ ସୁପରଭାଇଜର୍)ଙ୍କୁ ମାଡ଼ ମାରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁଁ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାକୁ ନେଇ ରାଜସ୍ୱ ନିରୀକ୍ଷକ (ଆରଆଇ) ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଗତ ଜାନୁୟାରୀ ୧୫ ତାରିଖରେ କଲ୍ୟାଣୀନଗର ସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ପରିଦର୍ଶକ ନବୀନ୍ଦ୍ର ମୁଣ୍ଡାଙ୍କୁ ପ୍ରମୋଦ ସାହୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବା ଘଟଣାକୁ ନେଇ ମଧୁପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତକୁ ଗିରଫ କରିବା ପରିବର୍ତ୍ତେ ପୁଲିସର କୋହଳ ମନୋଭାବ ଯୋଗୁଁ ରାଜସ୍ୱ ନିରୀକ୍ଷକ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ ସହ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ଏହି ଘଟଣାକୁ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳ, ଆର୍‌ଡିସି ଏବଂ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶେଷରେ ୧୮ ଦିନ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଅବସରରେ ସଂଘ ପକ୍ଷରୁ କଟକ ସଦର ତହସିଲ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସଭାପତି ସୁଚନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଅରୁଣ କୁମାର ବିଶ୍ୱାଳ, ରାଜସ୍ୱ ପରିଦର୍ଶକ ନବୀନ୍ଦ୍ର ମୁଣ୍ଡା, କାଳୀ ପ୍ରସାଦ ଦେହୁରୀ, ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ୍



### ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ବିଜୟୀ

**ଖୋର୍ଦ୍ଧା,୩।୨/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମ୍‌ରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଦ୍ୱାଦଶ ଦିବସ ଖେଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଇଗଲ କ୍ରିକେଟ କ୍ଲବ୍‌କୁ ୯ ୱିକେଟରେ ପରାସ୍ତ କରିଛି। ଟସ୍‌ରେ ବିଜୟ ହୋଇ ଇଗଲ୍ ଦଳ ପ୍ରଥମେ ବ୍ୟାଟିଂ କରି ୩୨ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୩୩ ରନ କରିଥିଲା। ଦଳ ପକ୍ଷରୁ ତୀର୍ଥଙ୍କର ସାହୁ ୩୭ ରନ୍ ଓ ଆଦିତ୍ୟ ୨୮ ରନ୍ କରିଥିଲେ। ଅଭିଜିତ ମହାନ୍ତି ୫ଟି ୱିକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ଦଳ ୧୫.୧ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ଆବଶ୍ୟକ ୧୩୪ ରନ୍ କରିଥିଲା। ଖୋର୍ଦ୍ଧା ପକ୍ଷରୁ ପ୍ରତ୍ୟକ୍ଷ ମହାନ୍ତି ଅପରାଜିତା ୫୫ ରନ୍ ଓ ଧରଣୀଧର ସ୍ୱାଇଁ ଅପରାଜିତ ୫୧ ରନ୍ ସଂଗ୍ରହ କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂହ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର୍ ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ବ୍ଲ୍ୟୁ ବାର୍ଡ କ୍ରିକେଟ କ୍ଲବ୍ ବନାମ ରାଇଜିଂଷ୍ଟାର୍ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ବାରବାଟୀ ମ୍ୟାଚ୍ ପାଇଁ ସିଏମ୍‌ସିର ପ୍ରସ୍ତୁତି

## ୨ ସ୍ଥାନରେ ଗାଡ଼ି ପାର୍କିଂ ବ୍ୟବସ୍ଥା

**କଟକ,୩।୨/ଏନ୍ଏନ୍ଏସ୍:** ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡ଼ିୟମରେ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିରେ ମ୍ୟାଚ୍ ଦେଖିବା ପାଇଁ ଆସିବାକୁ ଥିବା ପ୍ରାୟ ୫୦ହଜାର ଦର୍ଶକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଉଛି। ଦର୍ଶକମାନେ ବାଲିଯାତ୍ରା ତଳ ପଡ଼ିଆ ଓ ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ ଖ୍ରୀଷ୍ଟିୟାନ ପଡ଼ିଆରେ ଗାଡ଼ି ରଖିବେ। ଏହାର ପରିଚାଳନା ପାଇଁ ସିଏମ୍‌ସି ଟେଣ୍ଡର୍ ଆହ୍ୱାନ କରିଥିବାବେଳେ ଆଜିଠୁ ଷ୍ଟାଡ଼ିୟମ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସଫେଇ କାର୍ଯ୍ୟ ଜୋର୍‌ସୋର୍‌ରେ କରାଯାଉଛି ବୋଲି ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି। ଦୁଇ ବର୍ଷର ବ୍ୟବଧାନ ପରେ ବାରବାଟୀରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ହେଉଥିବାରୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଛି। ମ୍ୟାଚ୍ ଆୟୋଜନକୁ ନେଇ ଓସିଏ, ଜିଲ୍ଲା ପ୍ରଶାସନ ଓ କମିଶନରେଟ ପୁଲିସ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ସେହିଭଳି ମ୍ୟାଚ ଦେଖିବାକୁ ଆସୁଥିବା ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ସିଏମସି ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଗାଡ଼ି ପାର୍କିଂ ପାଇଁ ସିଏମସି ପକ୍ଷରୁ ଟେଣ୍ଡର୍ ଡକାଯାଇଛି। ତଳ ବାଲିଯାତ୍ରା ପଡ଼ିଆ ପାଇଁ ୩ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଖ୍ରୀଷ୍ଟିୟାନ ପଡ଼ିଆ ପାଇଁ ୭୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ସାଇକେଲ ପାର୍କିଂ ମୂଲ୍ୟ ୧୦ଟଙ୍କା, ୨ଚକିଆ ପାଇଁ ୫୦ଟଙ୍କା, କାର ଓ ଅଟୋ ପାଇଁ ୧୦୦ଟଙ୍କା ଏବଂ ବସ୍ ଓ ଟ୍ରକ୍ ପାଇଁ ୨୦୦ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୬ତାରିଖରେ ଟେଣ୍ଡର୍ ଖୋଲିବ ବୋଲି ସୂଚନା ମିଳିଛି।

# ଯାନବାହନ ଚଳାଚଳ ନିୟନ୍ତ୍ରଣ ବୈଠକ

**ପୁରୀ,୩।୨/ଏନ୍ଏନ୍ଏସ୍:** ପୁରୀ ସହରରେ ଯାନବାହାନ ଚଳାଚଳରେ ନିୟନ୍ତ୍ରଣ ରକ୍ଷା ସମ୍ପର୍କରେ ଏକ ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅନ୍ୟାନ୍ୟ ଆରକ୍ଷୀ ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ପୌର କର୍ତ୍ତୃପକ୍ଷ ଙ୍କ ସମେତ ଏଥି ସହ ସମ୍ପୃକ୍ତ ଥିବା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ନିଷ୍ପତି ନିଆଯାଇଛି ଯେ ଆସନ୍ତା ଫେବୃଆରୀ ୧ ରୁ ୨୦ ତାରିଖ ମଧ୍ୟରେ ସହରର ସମସ୍ତ ଅଟୋ ଚାଳକ ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ନିଜ ଗାଡ଼ିର ପଞ୍ଜିକରଣ କରାଇବେ। ଏହା ସହିତ ସେମାନେ ମୋଟର ଯାନ ସମ୍ବନ୍ଧିତ ସମସ୍ତ କାଗଜପତ୍ର ଧରି ଉପସ୍ଥିତ ରହିବେ। ଆସନ୍ତା ୧୦ ରୁ ୨୦ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ସମସ୍ତ ଅଟୋ ଚାଳକ ନିର୍ଦ୍ଧାରିତ ଦସ୍ତାବିଜ ଦେଇ ନିଜ ଗାଡ଼ିକୁ ପଞ୍ଜିକୃତ କରାଇବେ। ନଚେତ ସେହି ଗାଡ଼ିଗୁଡ଼ିକୁ ସହରରେ ଚଳାଚଳ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

## ଆଜିର ଇତିହାସ

- ୧୬୨୮-ଶାହାଜାହାଁଙ୍କୁ ଆଗ୍ରାର ସମ୍ରାଟ ଘୋଷିତ କରାଯାଇଥିଲା।
- ୧୮୮୧-ଲୋକମାନ୍ୟ ତିଲକଙ୍କ ସମ୍ପାଦନାରେ ଦୈନିକ ସମାଚାର ପତ୍ର 'କେସରୀ'ର ପ୍ରଥମ ଅଙ୍କ ଆସିଥିଲା।
- ୧୯୩୮-ଦେଶର ପ୍ରସିଦ୍ଧ କଥକ କଳାକାର ବିରଜୁ ମହାରାଜଙ୍କ ଜନ୍ମଦିନ।
- ୧୯୭୪-ପ୍ରସିଦ୍ଧ ଗଣିତଜ୍ଞ ସତ୍ୟେନ୍ଦ୍ର ନାଥ ବୋଷଙ୍କ ନିଧନ।
- ୧୯୭୬-ଲୋକସଭାକୁ ଏକ ବର୍ଷ ପାଇଁ ବୃଦ୍ଧି କରିଦିଆଗଲା।

## ଶ୍ରୀମଦ୍ ଭଗବଦ୍‌ଗୀତା



**କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା। (୭/୨୦)**

କିନ୍ତୁ ଯେଉଁମାନେ ପୁତ୍ରପ୍ରାପ୍ତି, ଧନ ପ୍ରାପ୍ତି ଭଳି ଅନେକ କାମନାକୁ ଚରିତାର୍ଥ କରିବା ପାଇଁ ଭୂତ, ପ୍ରେତ, ଯମ ସମ ବିଭିନ୍ନ ଦେବଦେବୀଙ୍କର ଉପାସନା କରନ୍ତି ଓ ସେମାନଙ୍କ ନିମନ୍ତେ ହୋମ, ଉପବାସ ପାଇଁ ନିୟମଗୁଡ଼ିକୁ ପାଳନ କରନ୍ତି ଏବଂ ସ୍ୱକୀୟ ପ୍ରକୃତିର ବଶବର୍ତ୍ତୀ ହେଇ ଏହିମାନଙ୍କ ନିକଟରେ ମନ ପ୍ରାଣ ଢାଳି ଦିଅନ୍ତି ସେମାନେ ହୃତଜ୍ଞାନ ହେଇଯାନ୍ତି। ଯାହାଫଳରେ ଏପରି ବ୍ୟକ୍ତି ନା ଏ କୁଳରେ ହୁଅନ୍ତି ନା ସେ କୁଳର। ଯେତେବେଳେ ବାସୁଦେବ ବା ସ୍ୱୟଂ ବ୍ରହ୍ମ ଜଗତ ସମେତ ସବୁ କିଛି ହେଇଛନ୍ତି ସେତେବେଳେ ଅନ୍ୟ ଦେବଦେବୀମାନେ ତାଙ୍କୁ ଛାଡି କେମିତି ବା ଭିନ୍ନ ହେଇପାରିବେ ? ସେମାନେ ଯେ ପରଂବ୍ରହ୍ମଙ୍କର ପରମ ଶକ୍ତି ଦ୍ୱାରା ଆଚ୍ଛାଦିତ। ଏଭଳି ପୂଜା କରୁଥିବା ବ୍ୟକ୍ତି ନିଶ୍ଚିତ ଭାବରେ ଅଜ୍ଞାନ। ସେମାନେ ଏକ ଓ ଅଦ୍ୱୈତ ବ୍ରହ୍ମ ବା ବାସୁଦେବଙ୍କୁ ଉପାସନା କରୁ ନଥିବାରୁ ସେମାନଙ୍କର ବିବେକ ବୁଦ୍ଧି ଭ୍ରଷ୍ଟ ବୋଲି ଜାଣିବ। ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ରୋଗ ଭଲ କରିବା, ମକଦ୍ଦମାରେ ଜିତିବା, ଜଳରେ ଚାଲିବା ଇତ୍ୟାଦି ଭଳି ଅଲୌକିକ ଶକ୍ତି ସଂସାରରେ ବୁଡି ରହିଥିବା ନିମ୍ନ ଚେତନାର ବ୍ୟକ୍ତିମାନଙ୍କୁ ସୁହାଏ। କିନ୍ତୁ ଯେଉଁମାନେ ପ୍ରକୃତ ଭକ୍ତ ସେମାନେ ଏଭଳି ଅସାର ଓ ଅସଭ୍ୟ ଜିନିଷ ପ୍ରତି ମନ ଦିଅନ୍ତି ନାହିଁ। ସେମାନେ କେବଳ ଈଶ୍ୱରଙ୍କର କରୁଣା ଓ ଦର୍ଶନ ପ୍ରାପ୍ତି କରିବା ଏବଂ ଈଶ୍ୱର ଉପଲବ୍ଧି ପାଇଁ ବ୍ୟାକୁଳ ହୁଅନ୍ତି। ତଦନୁସାରେ ନିଜର ଜ୍ଞାନ ଓ ବୁଦ୍ଧିକୁ ସେହି ପଥରେ ନିଅନ୍ତି।

## ଉତ୍କଳ ଗୌରବ



ମଧୁବାବୁ ଜଣେ ସ୍ୱପ୍ନଦର୍ଶୀ ତାରୁଣ୍ୟ ଥିଲେ। ତାଙ୍କ ସ୍ୱପ୍ନ ସବୁବେଳେ ବାସ୍ତବତାକୁ ଆଧାର କରି ଗତିଶୀଳ ଥିଲା। ସେ ସ୍ୱପ୍ନ ଥିଲା ନିଜ ପାଇଁ ଓ ଥିଲା ଜାତି ପାଇଁ। ଉତ୍କଳ ଗୌରବ ମଧୁସୂଦନ ଦାସ କେବଳ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର ଥିଲେ ତାହା ନୁହେଁ ତତ୍କାଳୀନ ଓଡ଼ିଶାରେ ଶିଳ୍ପ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ପ୍ରଦେଶ ନିର୍ମାଣ ଲାଗି ସେ ସ୍ୱପ୍ନ ଦେଖିଥିଲେ। ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ଆର୍ଟ ଓୟାର୍ସ ଥିଲା ତାଙ୍କ ଶିଳ୍ପସମୃଦ୍ଧ ଚେତନାର ପ୍ରୟୋଗଶାଳା। କୃଷ୍ଣପକ୍ଷ ଏକାଦଶୀ ତିଥି, ଏପ୍ରିଲ୍ ୨୮, ୧୮୪୮ ମସିହାରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଓଡ଼ିଶା ପ୍ରଦେଶର ଜନକ ଭାବରେ ପରିଚିତ ମଧୁବାବୁ ଯଥାର୍ଥରେ ଥିଲେ ଓଡ଼ିଆ ଜାତିର ମନ୍ତ୍ରଦାତା। ବହୁ କ୍ଷେତ୍ରରେ ପ୍ରଥମ ଓଡ଼ିଆ ଭାବେ ତାଙ୍କର ସ୍ୱୀକୃତି ଓ ସମ୍ମାନ ଥିଲା ସ୍ୱତନ୍ତ୍ର। ପ୍ରଥମ ଓଡ଼ିଆ ଓକିଲ ଭାବରେ ମଧୁବାବୁଙ୍କ ଓକିଲାତି ଜୀବନ ଯେତିକି ସଂଘର୍ଷମୟ ଥିଲା ସେତିକି ଥିଲା କୌତୂହଳପୂର୍ଣ୍ଣ। ୧୮୭୮ରେ ସେ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ କୋଲକାତାରେ ଓକିଲାତି ଆରମ୍ଭ କରିଥିଲେ। ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି ମଧ କୁହାଯାଉଥିଲା। ଏହା ବ୍ୟତୀତ ସେ ଥିଲେ ଇଂରାଜୀରେ ଏମ୍‌ଏ କରିଥିବା ପ୍ରଥମ ଓଡ଼ିଆ, ପ୍ରଥମ ଓଡ଼ିଆ ବିଏଲ୍, ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ ଓ ପ୍ରଥମ ଓଡ଼ିଆ ମନ୍ତ୍ରୀ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ଶାସନାଧୀନ କରିବା ସହ ସ୍ଥାନୀୟ ଶିଳ୍ପ, କଳା, କୃଷି ଓ ବାଣିଜ୍ୟ ଆଦିର ବିକାଶ, ଭାଷା, ସଂସ୍କୃତିର ସୁରକ୍ଷା ତଥା ଜାତୀୟତାବୋଧର ପ୍ରସାର ଥିଲା ଉତ୍କଳ ସମ୍ମିଳନୀର ଲକ୍ଷ୍ୟ। ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ଏହି ପ୍ରଚେଷ୍ଟାର ଫଳ ଥିଲା 'ଉତ୍କଳ ସମ୍ମିଳନୀ'। ୧୮୮୨ରେ ସେ ପ୍ରତିଷ୍ଠା କରିଥିଲେ 'ଉତ୍କଳ ସଭା'। ଜମିରେ ମାଲିକାନା ଓ ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦେଉଥିବା ମଧୁବାବୁ ଜୀବନରେ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ ମଧ ତାଙ୍କ ଶେଷ ଜୀବନ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଅତିବାହିତ ହୋଇଥିଲା। ରୋଗଶଯ୍ୟାରେ ରହି ଶେଷରେ ସେ ୧୯୩୪ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ବିଶ୍ୱ କ୍ୟାନ୍ସର୍ ଦିବସ



ଅନିୟମିତ ଖାଦ୍ୟପେୟ, ପ୍ରୋସେସ୍‌ଡ ଓ ଜଙ୍କ୍ ଫୁଡ୍‌ର ସେବନ, ପ୍ରଦୂଷଣ ଓ ଜୀବନଶୈଳୀର କାରଣ ଯୋଗୁ ବିଗତ ଏକ ଦଶକ ମଧ୍ୟରେ କେବଳ ଦେଶରେ ନୁହେଁ ବିଦେଶରେ ମଧ କ୍ୟାନ୍ସର୍‌ର ମାମଲା ବୃଦ୍ଧି ପାଇଛି। ଅନୁମାନ କରାଯାଉଛି ଯେ ୨୦୪୦ ପର୍ଯ୍ୟନ୍ତ ଆମ ଦେଶରେ କ୍ୟାନ୍ସର୍‌ର ମାମଲା ଦୁଇ ଗୁଣ ବୃଦ୍ଧି ପାଇବ। ଆମ ଦେଶ ସହିତ ପୂରା ଦୁନିଆରେ ବୃଦ୍ଧି ପାଉଥିବା କ୍ୟାନ୍ସର୍‌ର ମାମଲାଗୁଡ଼ିକ ପ୍ରତି ଲୋକଙ୍କୁ ଚେତାବନୀ ଦେବା ସହିତ କ୍ୟାନ୍ସର୍‌କୁ କିପରି ରୋକା ଯାଇପାରିବ ଏ ବିଷୟରେ ସଚେତନତା ବୃଦ୍ଧି କରେଇବା ପାଇଁ ଆଜିର ଦିନରେ ପୂରା ବିଶ୍ୱରେ ପାଳନ କରାଯାଏ କ୍ୟାନ୍ସର୍ ଦିବସ। ୪ ଫେବୃଆରୀ, ୨୦୦୦ରେ ପ୍ୟାରିସ୍ ଠାରେ 'ୱାର୍ଲଡ୍ ସମିଟ୍ ଏଗେନ୍‌ଷ୍ଟ କ୍ୟାନ୍ସର୍' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିବା ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର୍ ନିୟନ୍ତ୍ରଣ ସଂଘ କ୍ୟାନ୍ସର୍‌ର ରୋକଥାମ, କ୍ୟାନ୍ସର୍‌ର ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବା ଓ ଏହାର ଚିକିତ୍ସା ପ୍ରତି ଲୋକମାନଙ୍କୁ ସଚେତନ କରେଇବା ପାଇଁ ବର୍ଷରେ ଗୋଟିଏ ଦିନ ପାଳନ କରାଯିବା ଉଚିତ ବୋଲି ଘୋଷଣା କରିଥିଲା। କ୍ୟାନ୍ସର୍ ଏକ ଘାତକ ବେମାରୀ ଯେଉଁଥିରେ ପୂରା ଦୁନିଆରେ ଲକ୍ଷାଧିକ ଲୋକଙ୍କର ମୃତ୍ୟୁ ହେଉଛି। ୨୦୧୮ରେ କ୍ୟାନ୍ସର୍ କାରଣରୁ ପାଖାପାଖି ୯୦



ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହା ଶରୀରର କୌଣସି ଭାଗରେ ହୋଇପାରେ। ନିକଟରେ ଆସିଥିବା ଏକ ରିପୋର୍ଟ ଅନୁସାରେ ପୂର୍ବାପେକ୍ଷା ଏଥିରେ ୭୭ ପ୍ରତିଶତ ମାମଲା ବୃଦ୍ଧି ପାଇଛି। ପ୍ରତି ଲୋକଙ୍କୁ ଏଥିପାଇଁ ଅଧିକରୁ ଅଧିକ ସଚେତନ କରେଇବା ପାଇଁ ଆଜିର ଦିନରେ କ୍ୟାନ୍ସର୍ ଦିବସ ପାଳନ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଉଦ୍ୟମରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ୧୯୩୩ରେ ପ୍ରଥମ ଥର ଏହି ଦିବସ ପାଳନ କରାଯାଇଥିଲା।

**କ୍ୟାନ୍ସର୍‌ର ପ୍ରକାର**-କାର୍ସିନୋମା, ସାର୍କୋମା, ଲିମ୍ଫୋମା ବା ମାୟଲୋମା, ଲ୍ୟୁକୋମିଆ, ବ୍ରେନ୍, ସ୍ପାଇନାଲ୍ କର୍ଡର କ୍ୟାନ୍ସର୍। ଏହା ବ୍ୟତୀତ ଏହାର ପ୍ରକାର ମଧ୍ୟରେ ରହିଛି-ବ୍ଲଡ୍ କ୍ୟାନ୍ସର, ଲଙ୍ଗ୍ କ୍ୟାନ୍ସର, ସର୍ଭାଇକାଲ୍ କ୍ୟାନ୍ସର, ବ୍ରେଷ୍ଟ କ୍ୟାନ୍ସର ପରି ବିପଦଜନକ ପ୍ରକାର ଯେଉଁଗୁଡ଼ିକ ଲଗାତର ଲୋକମାନଙ୍କୁ ନିଜ ନିୟନ୍ତ୍ରଣ ମଧ୍ୟକୁ ନେଉଛି। ଅନେକ କ୍ୟାନ୍ସର୍ ଖରାପ ଜୀବନଶୈଳୀ ଯଥା- ମଦ୍ୟପାନ, ମୋଟାପଣ, ଖରାପ ଖାଦ୍ୟପେୟ ଓ ଶାରୀରିକ ଗତିବିଧିର ଅଭାବର କାରଣରୁ ହୋଇଥାଏ। ଅନ୍ୟ କିଛି ଲୋକ ଆନୁବଂଶିକ ଭାବରେ କ୍ୟାନ୍ସର୍ ପ୍ରତି ସମ୍ବେଦନଶୀଳ ଥାଆନ୍ତି ଯେଉଁମାନଙ୍କ ଭିତରେ ଏହି ରୋଗର ବିପଦ ଅଧିକ ରହିଥାଏ। ପ୍ରତିବର୍ଷ ପୂରା ବିଶ୍ୱରେ ୨.୨ ମିଲିଅନ ଲୋକ କ୍ୟାନ୍ସର ଯୋଗୁ ମୃତ୍ୟୁବରଣ କରୁଛନ୍ତି।

# ସପ୍ତର୍ଷିଙ୍କ ଦିବ୍ୟ ଭୂମିକା

**ହିନ୍ଦୁ ଧର୍ମରେ ସପ୍ତର୍ଷିଙ୍କର ରହିଛି ମହତ୍ତ୍ୱପୂର୍ଣ୍ଣ ସ୍ଥାନ। ଏହି ସାତ ଜଣ ଋଷିମାନେ ହେଲେ-କଶ୍ୟପ, ଅତ୍ରି, ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ, ଯମଦଗ୍ନି ଓ ଭାରଦ୍ୱାଜ। ଏମାନଙ୍କୁ ବେଦ ଓ ପୁରାଣଗୁଡ଼ିକରେ ଦିବ୍ୟ ଜ୍ଞାନ ଓ ତପସ୍ୟାର ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି। ସପ୍ତଋଷିମାନେ ନିଜ ନିଜର ତପସ୍ୟା ଓ ଦିବ୍ୟ ଶକ୍ତିଗୁଡ଼ିକ ଦ୍ୱାରା ବ୍ରହ୍ମାଣ୍ଡର ସନ୍ତୁଳନକୁ ବଜାୟ ରଖିଥାନ୍ତି। ହିନ୍ଦୁ ଗ୍ରନ୍ଥଗୁଡ଼ିକ ଅନୁସାରେ ଏମାନଙ୍କୁ ଅମର ଓ ସୃଷ୍ଟିଚକ୍ରର ପ୍ରତି ଯୁଗରେ ମାର୍ଗଦର୍ଶକ ଭାବରେ ବର୍ଣ୍ଣନା କରାଯାଇଛି। ସପ୍ତର୍ଷିମାନଙ୍କର ବର୍ଣ୍ଣନା ମହାଭାରତ, ରାମାୟଣ ଓ ଅନ୍ୟ ପୁରାଣମାନଙ୍କରେ ମିଳେ। ସପ୍ତର୍ଷିମାନେ ବ୍ରହ୍ମାଙ୍କ ମନରୁ ଉତ୍ପନ୍ନ ହୋଇଥିଲେ। କିନ୍ତୁ ଅନ୍ୟ କେତେକ ତଥ୍ୟ ଏମାନଙ୍କୁ ଦେବତା ଓ ଋଷିମାନଙ୍କର ସଂଯୁକ୍ତ ବଂଶଜ ଭାବରେ ମାନନ୍ତି। ଏକ ଅନ୍ୟ ମାନ୍ୟତା ଅନୁସାରେ ସପ୍ତର୍ଷି ପ୍ରତି ମନ୍ୱନ୍ତରରେ ବଦଳି ଥାଆନ୍ତି। ବର୍ତ୍ତମାନ ମନ୍ୱନ୍ତରରେ ଏହି ସାତ ଜଣ ଋଷି ଅଛନ୍ତି।**



- **କଶ୍ୟପ**-ଋଷି କଶ୍ୟପଙ୍କୁ ସମସ୍ତ ଦେବତା ଓ ମନୁଷ୍ୟମାନଙ୍କର ଜନକ ବୋଲି କୁହାଯାଏ। ସେ ଅଦିତିଙ୍କୁ ବିବାହ କରିଥିଲେ। ତାଙ୍କ ପୁତ୍ରମାନଙ୍କ ମଧ୍ୟରେ ଇନ୍ଦ୍ର, ଅଗ୍ନି ଓ ବରୁଣଙ୍କ ପରି ଦେବତା ସାମିଲ ଅଛନ୍ତି।
- **ଅତ୍ରି**-ସେ ବ୍ରହ୍ମାଜୀଙ୍କ ପୁତ୍ର ଥିଲେ। ପତ୍ନୀ ଅନୁସୂୟାଙ୍କ ସହିତ ତପୋବଳ ପାଇଁ ସେ ପ୍ରଖ୍ୟାତ। ତାଙ୍କ ପୁତ୍ର ଦତ୍ତାତ୍ରେୟଙ୍କୁ ତ୍ରିଦେବଙ୍କ ଅବତାର ବୋଲି କୁହାଯାଏ।
- **ବଶିଷ୍ଠ**-ଋଷି ବଶିଷ୍ଠ ରାଜା ଦଶରଥଙ୍କ କୁଳଗୁରୁ ଥିଲେ ଓ ସେ ରାମାୟଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପତ୍ନୀ ଅରୁନ୍ଧତୀଙ୍କ ସହିତ ତାଙ୍କୁ ଆଦର୍ଶ ଦମ୍ପତି ଭାବରେ ସମସ୍ତେ ଜାଣନ୍ତି।
- **ବିଶ୍ୱାମିତ୍ର**-ଋଷି ବିଶ୍ୱାମିତ୍ର ଜଣେ କ୍ଷତ୍ରିୟ ରାଜା ଥିଲେ ଯିଏ ନିଜ ତପସ୍ୟା ବଳରେ ବ୍ରାହ୍ମଣତ୍ୱ ପ୍ରାପ୍ତ କରିଛନ୍ତି। ସେ ଗାୟତ୍ରୀ ମନ୍ତ୍ରର ରଚନା କରିଥିଲେ ଓ ନିଜ କ୍ରୋଧ ପାଇଁ ବିଖ୍ୟାତ ଥିଲେ।
- **ଗୌତମ**-ଋଷି ଗୌତମ ନିଜ ପତ୍ନୀ ଅହିଲ୍ୟାଙ୍କ ସହିତ ଇନ୍ଦ୍ରଙ୍କ ଦ୍ୱାରା ହୋଇଥିବା ଛଳନାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ନ୍ୟାୟ ଓ ଧର୍ମର ପ୍ରତୀକ ଭାବରେ ସମସ୍ତେ ଜାଣନ୍ତି।
- **ଯମଦଗ୍ନି**-ଋଷି ଯମଦଗ୍ନି, ପର୍ଶୁରାମଙ୍କ ପିତା ଥିଲେ ଓ ତାଙ୍କ କ୍ରୋଧ ପାଇଁ ସେ ଥିଲେ ବିଖ୍ୟାତ।
- **ଭାରଦ୍ୱାଜ**-ଋଷି ଭାରଦ୍ୱାଜଙ୍କୁ ଆୟୁର୍ବେଦର ଜନକ ଭାବରେ ସମସ୍ତେ ମାନନ୍ତି ଓ ଚିକିତ୍ସା କ୍ଷେତ୍ରରେ ସେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ।

# ଆକାଶରୁ ବୁଢ଼ିଆଣୀ ବର୍ଷା



ଯଦି ଆକାଶରୁ ବୁଢ଼ିଆଣୀଙ୍କ ବର୍ଷା ହୁଏ ତେବେ ଏହାକୁ କରିସ୍ମା ବୋଲି କୁହାଯିବ। ବ୍ରାଜିଲରେ ସ୍ଥିତ ସାଓ ଥୋମେ ଦାସ ଲେଟ୍ରାସ ଠାରେ ଏହି ଆଶ୍ଚର୍ଯ୍ୟ ହେବା ପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ କୌଣସି ହରର୍ ଫିଲ୍ମ ଠାରୁ କମ୍ ନଥିଲା। ତେଣୁ ଏହି ଭାଇରାଲ୍ ଭିଡିଓଟି ଲୋକମାନଙ୍କ ମଧ୍ୟରେ ଜିଜ୍ଞାସା ସୃଷ୍ଟି କରିଛି ଓ କିଛି ଲୋକ ଏହାକୁ ପ୍ରକୃତିର ଅନୋଖା କରିସ୍ମା ବୋଲି କହିଛନ୍ତି। ଏହିପରି ଘଟଣା ପ୍ରତିବର୍ଷ ଡିସେମ୍ବରରୁ ମାର୍ଚ୍ଚ ମଧ୍ୟରେ ଗ୍ରାମୀଣ କ୍ଷେତ୍ରରେ ଦେଖିବାକୁ ମିଳେ। ପାଖାପାଖି ୫୦୦ ବୁଢ଼ିଆଣୀଙ୍କ ଏକ ଦଳ ଏପରି ଜାଲ ତିଆରି କରନ୍ତି ଯାହା ପୂରା ଆକାଶକୁ ଘୋଡ଼େଇଦିଏ। ଏହା ମଣିଷଙ୍କ ପାଇଁ ବିପଦଜନକ ନୁହେଁ। କିନ୍ତୁ ଏହି ଦୃଶ୍ୟ ଯେତିକି ଭୟଙ୍କର ସେତିକି ସାଧାରଣ। ବିଶେଷଜ୍ଞଙ୍କ ମୁତାବିକ ବୁଢ଼ିଆଣୀମାନେ ଏହିଭଳି ଭାବରେ ଆକାଶରୁ ତଳକୁ ପଡ଼ିବାର କାରଣ ସେମାନଙ୍କର ବିଶାଳ ଜାଲ ଯେଉଁଥିରେ ଶହ ଶହ ବୁଢ଼ିଆଣୀ ଏକା ସହିତ ପ୍ରଜନନ ପ୍ରକ୍ରିୟା କରୁଥାନ୍ତି। ଏହି ବୁଢ଼ିଆଣୀମାନେ ଖାସ୍ ପ୍ରକାରର ପ୍ରଜନନ କ୍ରିୟାରେ ସାମିଲ ହୋଇଥାନ୍ତି ଓ ଯେତେବେଳେ ଏହି ପ୍ରକ୍ରିୟା ଶେଷ ହୁଏ ସେମାନେ ନିଜକୁ ଜାଲରୁ ମୁକ୍ତ କରିଦିଅନ୍ତି। ଜାଲରୁ ମୁକ୍ତ ହେବା ପରେ ସେମାନେ ତଳକୁ ପଡ଼ନ୍ତି। ଏହା ବୁଢ଼ିଆଣୀମାନଙ୍କର ସାମୂହିକ ପ୍ରଜନନ ପ୍ରକ୍ରିୟା ଅଟେ। ମାଦା ବୁଢ଼ିଆଣୀ ସ୍ପର୍ମାଥେକା ନାମକ ଅଙ୍ଗରେ ଅନେକ ନର ବୁଢ଼ିଆଣୀଙ୍କ ବୀର୍ଯ୍ୟକୁ ଏକତ୍ରିତ କରି ରଖିଥାଏ ଯେଉଁଥିରେ ସେମାନେ ଅନେକ ଥର ଅଣ୍ଡା ଦେଇପାରନ୍ତି ଓ ନିଜ ପ୍ରଜାତିର ବିବିଧତାକୁ ବଢ଼ାଇ ଥାଆନ୍ତି। ମାଦା ବୁଢ଼ିଆଣୀମାନେ କେବଳ ଥରେ ନୁହେଁ ଅନେକ ଥର ନର ବୁଢ଼ିଆଣୀଙ୍କ ବୀର୍ଯ୍ୟକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସଞ୍ଚୟ କରି ରଖିପାରନ୍ତି। ଏଥିରୁ ସେମାନଙ୍କର ସନ୍ତାନମାନେ ଅଧିକ ମଜଭୁତ ହେବା ସହିତ ଓ ବିବିଧ ପ୍ରକାରର ହୋଇଥାନ୍ତି। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଓ ଏଥିରେ ମଣିଷଙ୍କ ପାଇଁ କୌଣସି ପ୍ରକାରର ବିପଦ ନଥାଏ।



## ସୁଟିଂରୁ ବ୍ରେକ୍ ନେଲେ
# ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରାଙ୍କ ନାମ ଦେଶର ଜଣାଶୁଣା ଅଭିନେତ୍ରୀମାନଙ୍କ ମଧ୍ୟରେ ରହିଛି ଯେଉଁମାନେ ଦେଶବିଦେଶରେ ଅପାର ପ୍ରସିଦ୍ଧି ହାସଲ କରିଛନ୍ତି। ପ୍ରିୟଙ୍କା ଜଣେ ଗ୍ଲୋବାଲ୍ ଷ୍ଟାର୍। ପ୍ରିୟଙ୍କା ଫ୍ୟାସନ୍, ବର୍ଫି, ମେରୀ କମ୍ ପରି ବଲିଉଡ୍ ଫିଲ୍ମଗୁଡ଼ିକରୁ ଜବରଦସ୍ତ ସଫଳତା ପାଇଥିଲେ। ବଲିଉଡ୍‌ରୁ ସଫଳତା ପାଇବା ପରେ ପରେ ପ୍ରିୟଙ୍କା ହଲିଉଡ୍ ଆଡ଼କୁ ମୁହାଁଇଥିଲେ। ସେଠାରେ ମଧ ପ୍ରିୟଙ୍କା ନିଜର ଅଲଗା ଏକ ଛାପ ଛାଡ଼ିଛନ୍ତି। ଅଭିନେତ୍ରୀଙ୍କ ପ୍ରଶଂସକମାନେ ସବୁବେଳେ ତାଙ୍କ ଫିଲ୍ମ ଅପେକ୍ଷାରେ ରହିଥାନ୍ତି। ଏବେ କିଛି ଦିନ ହେଲା ପ୍ରିୟଙ୍କା ତାଙ୍କର ଆଗାମୀ ଫିଲ୍ମର ସୁଟିଂ ପାଇଁ ବ୍ୟସ୍ତ ରହିଛନ୍ତି। ଏହା ମଧ୍ୟରେ ସେ ମୁମ୍ବାଇର ଏକ ବେସରକାରୀ ବିମାନବନ୍ଦରରେ ନଜର ଆସିଥିଲେ। ସେଠାରେ ତାଙ୍କର କାଜୁଆଲ୍ ଲୁକ୍‌କୁ ଦେଖିବା ପରେ ଦର୍ଶକମାନଙ୍କର ଉତ୍ସୁକତା ଆହୁରି ବୃଦ୍ଧି ପାଇଥିଲା। ଅଲ୍ ହ୍ୱାଇଟ୍ ଲୁକ୍‌ରେ ପ୍ରିୟଙ୍କା ଗ୍ଲାମରସ୍ ଓ ସୁନ୍ଦର ଲାଗୁଥିଲେ। ସେ ହ୍ୱାଇଟ୍ ସର୍ଟସ୍, ଟ୍ୟୁବ୍ ଟପ୍ ଓ ସାର୍ଟ ପିନ୍ଧିଥିଲେ। ଏହା ସହିତ ହ୍ୱାଇଟ୍ କ୍ୟାପ୍ ଓ ସନ୍ ଗ୍ଲାସେସ୍ ସହିତ ନିଜ ଲୁକ୍‌କୁ ପୂରା କରିଥିଲେ ପ୍ରିୟଙ୍କା। ରାଜାମୌଲୀଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'ର ସୁଟିଂ କରୁଛନ୍ତି ପ୍ରିୟଙ୍କା ଯେଉଁଥି ପାଇଁ ତାଙ୍କ ପ୍ରଶଂସକମାନେ ଖୁବ୍ ଖୁସି ଅଛନ୍ତି। ତାଙ୍କ ଭାଇ ସିଦ୍ଧାର୍ଥଙ୍କ ବିବାହ ପାଇଁ ମୁମ୍ବାଇରେ ପହଞ୍ଚିଥିଲେ ପ୍ରିୟଙ୍କା। ସିଦ୍ଧାର୍ଥ ଜଣେ ଫିଲ୍ମ ନିର୍ମାତା ଓ ଗତ ବର୍ଷ ନୀଲମ୍ ଉପାଧ୍ୟାୟଙ୍କ ସହିତ ତାଙ୍କର ଏନ୍‌ଗେଜମେଣ୍ଟ ହୋଇଥିଲା। ହୋଟେଲ୍ ମ୍ୟାନେଜମେଣ୍ଟ ପାଠ ପଢ଼ିଥିବାରୁ ସିଦ୍ଧାର୍ଥ ଏହା ପୂର୍ବରୁ ଶେଫ୍ ଭାବରେ କାମ କରୁଥିଲେ। ଏବେ ସେ ପର୍ପଲ୍ ପେବଲ୍ ପିକ୍‌ଚର୍ସର ମାଲିକ ଅଟନ୍ତି। ନୀଲମ୍ ମଧ ଜଣେ ଅଭିନେତ୍ରୀ ଓ ତେଲୁଗୁ, ତାମିଲ ଫିଲ୍ମରେ କାମ କରନ୍ତି। ୨୦୧୨ରେ 'ମିଷ୍ଟର ୭' ଜରିଆରେ ସେ ତାଙ୍କର ଅଭିନୟର କ୍ୟାରିୟର୍ ଆରମ୍ଭ କରିଥିଲେ।

# ଚୌରୀ ଚୌରା ଦିବସ

ଇଂରେଜ ଶାସିତ ଭାରତର ସଂଯୁକ୍ତ ରାଜ୍ୟରେ ସ୍ଥିତ ଗୋରଖପୁର ଜିଲ୍ଲାରେ ୧୯୨୨ ମସିହା ଆଜିର ଦିନରେ ଚୌରୀ ଚୌରା ଘଟଣା ଘଟିଥିଲା। ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିବା ପ୍ରଦର୍ଶନକାରୀଙ୍କ ଏକ ବଡ଼ ସମୂହ ସହିତ ପୋଲିସ୍‌ର ହୋଇଥିଲା ମୁହାଁମୁହିଁ ସଂଘର୍ଷ। ଏହାର ଫଳସ୍ୱରୂପ ପ୍ରଦର୍ଶନକାରୀମାନେ ପୋଲିସ୍ ଷ୍ଟେସନ ଉପରେ ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ। ଏଥିରେ ଥାନାକୁ ଅକ୍ତିଆର କରି ରଖିଥିବା ୨୨ ଜଣ ପୁଲିସ୍ ଅଧିକାରୀଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ୩ ଜଣ ସାଧାରଣ ନାଗରିକ ମଧ ମୃତ୍ୟୁବରଣ କରିଥିଲେ। ମହାତ୍ମା ଗାନ୍ଧୀ ଯିଏ ହିଂସାର ବିରୋଧୀ ଥିଲେ, ଏହି ଘଟଣାର ପ୍ରତ୍ୟକ୍ଷ ପରିଣାମ ଭାବରେ ୧୨ ଫେବୃଆରୀ, ୧୯୨୨ରେ ପୂରା ଦେଶରେ ଅସହଯୋଗ ଆନ୍ଦୋଳନକୁ ସମାପ୍ତ କରିବା ପାଇଁ ଘୋଷଣା କରିଥିଲେ। ଅନେକ ଲୋକଙ୍କୁ ଗାନ୍ଧିଜୀଙ୍କର ଏହି ନିର୍ଣ୍ଣୟ ଉଚିତ ଲାଗିଲା ନାହିଁ। ବିଶେଷ କରି କ୍ରାନ୍ତିକାରୀମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଏହି ଆନ୍ଦୋଳନର ବିରୋଧ କରିଥିଲେ। ଚୌରୀ ଚୌରା ଘଟଣାର ଅଭିଯୁକ୍ତମାନଙ୍କ ମକଦ୍ଦମା ଲଢ଼ିଥିଲେ ପଣ୍ଡିତ ମଦନ ମୋହନ ମାଲବୀୟ ଓ ଅଧିକାଂଶ ଲୋକଙ୍କୁ ବଞ୍ଚାଇବାରେ ସେ ସଫଳ ହୋଇଗଲେ। ଏଥିରେ ୧୫୧ ଜଣ ଲୋକ ଫାଶୀ ଦଣ୍ଡରୁ ମୁକ୍ତି ପାଇଥିଲେ। ବାକି ୧୯ ଜଣଙ୍କୁ ୨-୧୧ ଜୁଲାଇ ମଧ୍ୟରେ, ୧୯୨୩ରେ ଫାଶୀ ଦିଆଗଲା, ୧୪ ଜଣଙ୍କୁ ଆଜୀବନ କାରାବାସ ଓ ୧୦ ଜଣ ଲୋକଙ୍କୁ ଆଠ ବର୍ଷ ଲେଖାଏଁ ସଶ୍ରମ କାରାବାସ ହୋଇଥିଲା। ଏହାପରେ ଇଂରେଜ ସରକାର ମୃତ୍ୟୁବରଣ କରିଥିବା ପୁଲିସ୍‌ଙ୍କୁ ସ୍ମରଣ କରିବା ପାଇଁ ଗୋଟିଏ ସ୍ମାରକର ନିର୍ମାଣ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ସେଥିରେ 'ଜୟ ହିନ୍ଦ୍' ଲେଖାଯାଇ ଯୋଡ଼ି ଦିଆଗଲା। ସହିଦମାନଙ୍କ ପାଇଁ ମଧ ସହିଦ୍ ସ୍ମାରକ ସମିତିର ନିର୍ମାଣ କରାଯାଇଥିଲା। ଏହି ସ୍ମାରକରେ ଫାଶୀ ଦିଆ ଯାଇଥିବା ଲୋକମାନଙ୍କର ନାମ ଖୋଦିତ ହୋଇଛି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଖୁବ୍ ଭଲରେ ବିତିବ। ନିର୍ଣ୍ଣୟ ନେବାର କ୍ଷମତା ବଢ଼ିଆ ରହିବ। ନୂଆ କାମ ପ୍ରତି ରୁଚି ଜାଗ୍ରତ ହେବ। ଘର କିଣିବା ପାଇଁ ଲୋନ୍ ପାଇଁ ଆପ୍ଲାଏ କରିପାରନ୍ତି। ସନ୍ତାନ କାମରେ ଦୌଡ଼ାଦୌଡ଼ି କରିବାକୁ ପଡ଼ିପାରେ।

**ବୃଷ** - ସେୟାର ବଜାରରେ ନିବେଶ କରୁଥିବା ଲୋକମାନଙ୍କ ପାଇଁ ଦିନଟି ଲାଭଦାୟକ। ଜୀବନସାଥୀଙ୍କ ସହିତ କୌଣସି ଛୋଟ ବଡ଼ ବ୍ୟବସାୟ ଆରମ୍ଭ କରିପାରନ୍ତି। ବିଦ୍ୟାର୍ଥୀଙ୍କୁ ମାନସିକ ସ୍ତରରୁ ମୁକ୍ତି ମିଳିବ। କୌଣସି କାମକୁ ନେଇ ଅଣଦେଖା ନକରିଲେ ଭଲ।

**ମିଥୁନ** - ଦିନଟି ସାମାନ୍ୟ ରହିବ। କାମର ଗତି ଧୀମା ରହିବ। ପାରିବାରିକ ସମ୍ପର୍କରେ ମନୋମାଳିନ୍ୟ ଦୂର ହେବ। ମହିଳା ମିତ୍ରଙ୍କ ଠାରୁ ଦୂରରେ ରୁହନ୍ତୁ। ଅତିଥିଙ୍କ ଆଗମନରେ ଘରେ ବ୍ୟସ୍ତ ରହିବେ।

**କର୍କଟ** - ଦିନଟି ଉନ୍ନତି ଦେବ। ଯୋଗ୍ୟତା ଅନୁସାରେ କାମ ମିଳିଲେ ଖୁସିର ଠିକଣା ରହିବ ନାହିଁ। ବ୍ୟବସାୟିକ ଯାତ୍ରାରେ ଯିବାକୁ ପଡ଼ିପାରେ। ବସ୍ ଆପଣଙ୍କ ଉପରେ ଦାୟିତ୍ୱ ଦେଇପାରନ୍ତି। ପାରିବାରିକ ମାମଲାରେ ଚିନ୍ତାରେ ରହିବେ।

**ସିଂହ** - ଦିନଟି ମିଶ୍ରିତ ଫଳଦାୟୀ ରହିବ। ଯେଉଁ ଯୁବକମାନେ ରୋଜଗାରକୁ ନେଇ ଚିନ୍ତିତ ସେମାନଙ୍କୁ ଖୁସି ଖବର ମିଳିବ। ସାଙ୍ଗସାଥିଙ୍କ ସହିତ ମଉଜମସ୍ତି କରିବେ। ପ୍ରମୋଶନ ରାସ୍ତାରେ ଆସୁଥିବା ବାଧା ଦୂର ହେବ।

**କନ୍ୟା** - ଧାର୍ମିକ କାର୍ଯ୍ୟରେ ନାମ କରିବେ। ଆୟର କିଛି ଅଂଶ ଗରିବଙ୍କ କାମରେ ଲଗେଇବେ। କୌଣସି ମନୋରଞ୍ଜନ କାମରେ ସମ୍ମିଳିତ ହୋଇପାରନ୍ତି। କାମକୁ ନେଇ ଯୋଜନା ପ୍ରସ୍ତୁତ କରିବେ।

**ତୁଳା** - କାମରେ କିଛି ନୂଆ ସମସ୍ୟା ଆସିପାରେ। କାଲି କରିବି ବୋଲି କାମକୁ ଟାଳିପାରନ୍ତି। ବିରୋଧୀମାନଙ୍କର ଚାଲ୍ ବୁଝିବାକୁ ଚେଷ୍ଟା କରିବେ। ଦୀର୍ଘ କାଳୀନ ଯୋଜନାଗୁଡ଼ିକୁ ଗତି ମିଳିପାରେ। ନୂଆ ନିବେଶ କରିବା ପାଇଁ ଚିନ୍ତା କରିପାରନ୍ତି।

**ବିଛା** - ଦିନଟି ସୁଖମୟ ରହିବ। ଅନେକ ଖୁସି ଖବର ପାଇପାରନ୍ତି। ଭାବନାରେ ପ୍ରବାହିତ ନହେଲେ ଭଲ। ରୋଜଗାରର ଭଲ ଅବସର ପାଇବେ। ମନ ଚିନ୍ତିତ ରହିପାରେ। ପାରିବାରିକ ମାମଲାଗୁଡ଼ିକୁ ମିଶି ସମାଧାନ କରିପାରନ୍ତି।

**ଧନୁ** - କୌଣସି ନୂଆ ପ୍ରପର୍ଟି କିଣିପାରନ୍ତି। ନୂଆ ଚାକିରି ମିଳିପାରେ। କାମରେ ଢ଼ିଲା ନକଲେ ଭଲ। ଶୁଣିଥିବା କଥା ଉପରେ ଭରସା କରନ୍ତୁ ନାହିଁ। ପାରିବାରିକ ସମସ୍ୟାଗୁଡ଼ିକୁ ଘରେ ରହି ସମାଧାନ କରିପାରନ୍ତି।

**ମକର** - ଦିନଟି ମାନ-ସମ୍ମାନ ବୃଦ୍ଧି କରିବ। ଦାମ୍ପତ୍ୟ ଜୀବନରେ ଆସୁଥିବା ସମସ୍ୟାଗୁଡ଼ିକରୁ ମୁକ୍ତି ମିଳିବ। ଅନ୍ୟ ମାମଲାରେ କଥା କୁହନ୍ତୁ ନାହିଁ। ରାଜନୀତିରେ କାର୍ଯ୍ୟରତ ଲୋକମାନେ ଅନ୍ୟର ସମସ୍ୟାଗୁଡ଼ିକୁ ବୁଝିବେ।

**କୁମ୍ଭ** - ଦିନଟି ସମସ୍ୟାରେ ଭରି ରହିବ। କିଛି ନୂଆ ଲୋକଙ୍କ ସମ୍ପର୍କରୁ ଲାଭ ପାଇବେ। ପାରିବାରିକ ମାମଲାରେ ବ୍ୟସ୍ତତା ବଢ଼ିବ। ଜୀବନସାଥୀ ସହିତ ବୁଝାମଣା ଖରାପ ହୋଇପାରେ।

**ମୀନ** - ସ୍ୱାସ୍ଥ୍ୟ ନରମ-ଗରମ ରହିବ। ନିଜ ସୁଚିନ୍ତାରୁ ଲାଭ ଉଠାଇବେ। କାହା ଉପରେ ଅଧିକ ଭରସା ନକଲେ ଭଲ। ଅତ୍ୟଧିକ ଛଣାଛଣି ଖାଦ୍ୟରୁ ଦୂରରେ ରୁହନ୍ତୁ। ସାମାଜିକ କାମରେ ଆପଣଙ୍କ ପରିଚୟରେ ନିଖାର ଆସିବ।

# ତାଳଚେରରେ ବଢୁଛି ବେପରୁଆ ଗାଡ଼ି ଚାଳନା

**ତାଳଚେର,୩।୨/ଏନ୍ଏନ୍ଏସ୍:** ତାଳଚେର ଦିନକୁଦିନ ଜନବସତି ବୃଦ୍ଧି ହେବାରେ ଲାଗିଛି। ସେହି ଅନୁପାତରେ ଯାନବାହାନ ସଂଖ୍ୟା ମଧ୍ୟ ଆଶାତୀତ ବଢୁଛି। ଅନେକ ସମୟରେ ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣାମାନ ଘଟୁଛି। ସରକାର ୧୮ ବର୍ଷରୁ କମ୍ ବୟସ୍କ ଓ ବିନା ଲାଇସେନ୍ସରେ ଗାଡ଼ି ଚାଳନା ବନ୍ଦ କରିଥିବାବେଳେ ସଡ଼କ ସୁରକ୍ଷା ନିୟମକୁ ଲୋକେ ଏବେ ଭୁଲିଗଲେଣି। ସହରରେ କଲେଜ ପିଲାଙ୍କଠୁ ଆରମ୍ଭ କରି ସ୍କୁଲ୍ ପିଲାଯାଏଁ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଦେଖି ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏପରିକି ଛାତ୍ରଛାତ୍ରୀ ଗାଡ଼ି ଚଳାଇ ସ୍କୁଲ୍ ଓ କଲେଜ ଯାଉଥିବାବେଳେ ସ୍କୁଲ୍ କିମ୍ବା କଲେଜ କର୍ତ୍ତୃପକ୍ଷ ମଧ୍ୟ ଅଣଦେଖା କରୁଛନ୍ତି। ପରିବହନ ଓ ପୁଲିସ ବିଭାଗ ପକ୍ଷରୁ ଗାଡ଼ି ଚେକିଙ୍ଗ, ଜୋରିମାନା ଆଦାୟ ଓ ଲାଇସେନ୍ସ ରଦ୍ଦ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ବହୁ ସମୟରେ ଦେଖିବାକୁ ମିଳିଛି। ଘରୁ ପଦାକୁ ବାହାରିଲେ ବରିଷ୍ଠ ନାଗରିକ ଓ ମହିଳାଙ୍କୁ ଏହି ବେପରୁଆ ଗାଡ଼ି ଚାଳନାର ଭୟ ଘାରୁଛି।



ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରି ସହର ଭିତରେ ବିନା ହେଲମେଟ୍‌ରେ ବାଇକ୍ ଚଳାଇବା, ଭୁଲ୍ ରାସ୍ତାରେ ଯିବା ଓ ୨ରୁ ଊର୍ଦ୍ଧ୍ୱ ବାଇକ୍‌ରେ ନବସିବା ନିୟମ ଥିଲେ ସୁଦ୍ଧା କେହି ଏହାକୁ ଖାତିର୍ କରୁନାହାନ୍ତି। ଏପରି ଦ୍ରୁତ ଗତିରେ ଗାଡ଼ି ଚଳାଇ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। କଲେଜକୁ ବାଇକ୍ ନେଇ ଆସୁଥିବା ଛାତ୍ରଛାତ୍ରୀ ଲାଇସେନ୍ସ ନଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ କିମ୍ବା ପୁଲିସ ପକ୍ଷରୁ ଯାଞ୍ଚ କରାଯାଉ ନାହିଁ। ଟ୍ରାଫିକ୍ ସଚେତନତା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ସ୍ଥାନମାନଙ୍କରେ ଯାଞ୍ଚ କରାଯାଇ ଜୋରିମାନା ଆଦାୟ କରାଯାଉଥିଲେ ମଧ୍ୟ ଲୋକଙ୍କ

**ପରିବହନ ଓ ପୁଲିସ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଦାବି**

ମଧ୍ୟରେ ଟ୍ରାଫିକ୍ ସଚେତନତା ସୃଷ୍ଟି ହୋଇପାରୁ ନାହିଁ। ତେବେ ସମ୍ପ୍ରତି ଦ୍ରୁତଗାମୀ ବାଇକ୍ ଚାଳନା ପ୍ରତିହତ ସକାଶେ ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ପରିବହନ ସହ ପୁଲିସ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମିଶନଶକ୍ତି ବିଭାଗ ପୁନର୍ଗଠନକୁ ବିରୋଧ



**କାମାକ୍ଷାନଗର,୩।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ଗଠନ ନିଷ୍ପତ୍ତିକୁ କାମାକ୍ଷାନଗର ବ୍ଲକ୍ ଓଡ଼ିଶା ଜୀବିକା ମିଶନ ମହିଳା ଗୋଷ୍ଠୀ ବିରୋଧ କରିଛି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ସିଡିପିଓଙ୍କୁ ମଧ୍ୟ ଜୀବିକା ମିଶନ ମହିଳା ଗୋଷ୍ଠୀ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। କାମାକ୍ଷାନଗର ବ୍ଲକ୍ ଅଧୀନରେ ଥିବା ୨୨ଟି ପଞ୍ଚାୟତରେ ୩୫୮ ଜଣ ମହିଳା ଜୀବିକା ମିଶନ ମାଧ୍ୟମରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି। ଏହି ଜୀବିକା ମିଶନରେ କାର୍ଯ୍ୟ କରୁଥିବା ଜିପିଏଲ୍ଏଫ୍ ଓ ବିଏଲ୍ଏଫ୍ ସ୍ତରରେ ଇସିଙ୍କୁ ବନ୍ଦ କରିବା ପାଇଁ ସରକାର ନୋଟିସ୍ ଜାରି କରିଛନ୍ତି। ଫଳରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଜୀବିକା ମିଶନ ମାଧ୍ୟମରେ ଇସି ଭାବେ କାର୍ଯ୍ୟ କରୁଥିବା ମହିଳାମାନେ ନିଜ ଚାକିରିକୁ ନେଇ ସନ୍ଦେହ ଘେରରେ ଥିବାବେଳେ ମାନସିକ ଭାବେ ଯନ୍ତ୍ରଣା ପାଉଛନ୍ତି। ତେଣୁ ସରକାର ତୁରନ୍ତ ଏହି ନିଷ୍ପତ୍ତିକୁ ବନ୍ଦ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି।

# ସଫଳ ଯୁବ ଉଦ୍ୟୋଗୀ ଦେବଜୀତା ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା,୩।୨/ଏନ୍ଏନ୍ଏସ୍:** ଭୁବନେଶ୍ୱର ଜନତା ମଇଦାନରେ ଜାନୁଆରୀ ୨୮ ଓ ୨୯ ଦୁଇ ଦିନ ଧରି ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ବା ଶିଳ୍ପ ମହାକୁମ୍ଭ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟର ଶିଳ୍ପଦ୍ୟୋଗୀଙ୍କୁ ଉତ୍ସାହିତ କରିବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ମାତ୍ର ସଫଳ ଉଦ୍ୟୋଗୀ ଭାବେ ଦେବଜୀତା କାନୁନ୍‌ଗୋ ସମ୍ବର୍ଦ୍ଧିତ ହୋଇଛନ୍ତି। ଦେବଜୀତା ନିଜ ଘର ନିକଟରେ ନୃସିଂହନାଥ ଆସ୍(ପାଉଁଶ) ଇଟା କାରଖାନା ପ୍ରତିଷ୍ଠା କରି ଏହି ସଫଳତା ହାସଲ କରିଛନ୍ତି। ଦେବଜୀତା ରାଜ୍ୟ ସରକାରଙ୍କ ଦ୍ୱାରା ସଫଳ ଉଦ୍ୟୋଗୀ ଭାବେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୀତକାଳୀନ ଶିବିର



**ବାଲେଶ୍ୱର,୩।୨/ଏନ୍ଏନ୍ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ କ୍ୟାମ୍ପସ୍‌ରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଜାନୁଆରୀ ୨୭ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୭ ଜଣ ଛାତ୍ରଛାତ୍ରୀ ଓ ଜଣେ ପ୍ରାକ୍ତନ ଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ଦଳଗତ କାର୍ଯ୍ୟକଳାପ କରିଥିଲେ। ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସ୍‌କୁ ସ୍ୱଚ୍ଛ କରିବା, ଆନ୍ତର୍ଜାତିକ 'ଉନ୍ନତ୍ତୁମ୍' ଉତ୍ସବରେ ସେବାଦାନ, ଅତିଥି ସତ୍କାର, ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା, ଦକ୍ଷତା ବିକାଶ ଓ ସଚେତନତାଧର୍ମୀ କାର୍ଯ୍ୟକ୍ରମକୁ ୭ ଦିନ ଧରି ସୁଚାରୁ ଭାବେ ସମ୍ପାଦନ କରିବାରେ ଛାତ୍ରଛାତ୍ରୀମାନେ ସକ୍ଷମ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ଶ୍ରୀ ତ୍ରିପାଠୀ ସଭାପତିତ୍ୱ କରି ଶିବିରର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜାତୀୟ ସେବା ଯୋଜନାର ଗୁରୁତ୍ୱ ସହ ଉତ୍ସର୍ଗୀକୃତ ସେବାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ମେଡାଲ୍ ପ୍ରଦାନ କରିଥିଲେ। ଡ. ମିନତୀ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ୍ ଅଫିସର୍ ଡ. ପ୍ରତିମା ପ୍ରଧାନ ଶିବିର ସଂଯୋଜନା ବ୍ୟୁରୋର ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ପ୍ରୋଗ୍ରାମ୍ ଅଫିସର୍ ଡ. ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ବିଦାୟୀ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଉଣ୍ଡା,୩।୨/ଏନ୍ଏନ୍ଏସ୍:** ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ପେଡ଼ିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଅବସର ଗ୍ରହଣ କରିଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈବଲ୍ୟ କହଁର ଯୋଗଦେଇ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ସିଆର୍‌ସିସି ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, ଶୈଳବାଳା ସାହୁ, କୃଷିବିତ୍ କୈଳାଶ ଚନ୍ଦ୍ର ସାହୁ, ସଭାପତି କୃପାସିନ୍ଧୁ ସାହୁ, ବରିଷ୍ଠ ନାଗରିକ କୁଳମଣି ସାହୁ ଓ ଅବସରପ୍ରାପ୍ତ ଡାକ କର୍ମଚାରୀ ହୃଷୀକେଶ ପ୍ରଧାନ ଯୋଗ ଦେଇଥିଲେ। ମୋହନ ଚରଣ ଦେହୁରୀ, ସଚ୍ଚିଦାନନ୍ଦ ପ୍ରଧାନ, ସରିତା ନାୟକ ଓ ଆକାଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ପୈତୃକ ଘରକୁ ପାଛୋଟି ନିଆଯାଇଥିଲା।

# ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି



**ସୋର,୩।୨/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ କାଳୀପଡ଼ିଆ ନିକଟରେ ଆସନ୍ତା ଫେବୃଆରୀ ୧୧, ୧୨ ଓ ୧୩ ତାରିଖରେ ନୀଳାଚଳ ସାରସ୍ୱତ ସଂଘ ପୁରୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ୭୪ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ପାଇଁ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୋର ବିଧାୟକ ତଥା ଅଭ୍ୟର୍ଥନା କମିଟିର ସଭାପତି ମାଧବ ଧଡ଼ା, ସୋର ଅଞ୍ଚଳର ବୁଦ୍ଧିଜିବୀ, ଭାରପ୍ରାପ୍ତ ପୌରାଧ୍ୟକ୍ଷା ସସ୍ମିତା ଦାସ, ବ୍ଲକ୍ ଅଧ୍ୟକ୍ଷା ଅନୁସୂୟା ମଲିକ, ସୋରରେ କାର୍ଯ୍ୟରତ ସାମ୍ବାଦିକଙ୍କ ସମେତ ସ୍ଥାନୀୟ ରାଜନେତା ତଥା ବିଭିନ୍ନ ବିଭାଗର ସରକାରୀ ମୁଖ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀକୁ ସରସ ସୁନ୍ଦର କରିବା ପାଇଁ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରାକ୍ତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ରହି ସମ୍ମିଳନୀର ଉଦ୍ଦେଶ୍ୟ ଓ ସୋରବାସୀଙ୍କ ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପରେ ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ସମ୍ମିଳନୀର ସଫଳତା ପାଇଁ ସମସ୍ତଙ୍କ ମିଳିତ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏହି ସମ୍ମିଳନୀରେ ୧୦ରୁ ୧୨ ହଜାର ଭକ୍ତଙ୍କ ସମାଗମ ହେବ। ଏହି ପରିପ୍ରେକ୍ଷୀରେ ଭାରତ ବାହାରୁ ତଥା ଆମେରିକା, ଇଂଲଣ୍ଡ ଓ ବାଂଲାଦେଶରୁ ଭକ୍ତ ଭାଇ ଓ ମାଆମାନେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ ପୁରୀ ଗଜପତି ମହାରାଜ ତୃତୀୟ ଦିନ ସାଧାରଣ ସଭାରେ ପୌରୋହିତ୍ୟ କରିବେ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ସହିତ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଓ କ୍ରିୟାଯୋଗ ଆଶ୍ରମର ମୁଖ୍ୟ ପ୍ରଜ୍ଞାନାନନ୍ଦ ଗିରି ମହାରାଜ ଯୋଗଦେବେ ବୋଲି ସଦୟ ସମ୍ମତି ପ୍ରଦାନ କରିଛନ୍ତି । ସମ୍ମିଳନୀରେ ସୁରକ୍ଷା, ନିରାପତ୍ତା, ଯାନବାହାନ ରହଣୀ ଓ ସଫଳ ଆୟୋଜନ ସମ୍ବନ୍ଧରେ ଆଲୋଚନା ହୋଇଥିଲା।

# ବୃତ୍ତିଗତ ବିକାଶ ପାଇଁ ୫ ପ୍ରଧାନଶିକ୍ଷକଙ୍କ ମୁମ୍ବାଇ ଗସ୍ତ



**ଯାଜପୁର,୩।୨/ଏନ୍ଏନ୍ଏସ୍:** ବୃତ୍ତିଗତ ବିକାଶ ପାଇଁ ଯାଜପୁର ଜିଲ୍ଲାର ୫ଜଣ ପ୍ରଧାନଶିକ୍ଷକ ରାଜ୍ୟର ୩୦ ଜଣ ପ୍ରଧାନଶିକ୍ଷକଙ୍କ ସହ ମୁମ୍ବାଇ ପରିଭ୍ରମଣରେ ଯାଇଛନ୍ତି। ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ପାଇଁ ଫେବୃଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ମୁମ୍ବାଇସ୍ଥିତ ଟାଟାର ସାମାଜିକ ବିଜ୍ଞାନ ସଂସ୍ଥାରେ କର୍ମଶାଳାର ଆୟୋଜନ କରାଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୨୦୨୩ରେ ରାଜ୍ୟରୁ ଯେଉଁ ୩୦ ଜଣ ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିଥିଲା, ସେମାନଙ୍କୁ ସେଠାକୁ ପରିଭ୍ରମଣରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଯଯାତି କେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ପଣ୍ଡା, ରାମ ଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଷାରକାନ୍ତି ମିଶ୍ର, ରସୁଲପୁର ବ୍ଲକ୍ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଶମଣି ପଣ୍ଡା, ବରୀ ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମପୁରର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ଓ ବଡ଼ଚଣା ବ୍ଲକ୍ ଜହ୍ନଗିରି ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡ଼ିଛି।

# ଭାରସାମ୍ୟ ହରାଇ ଓଲଟିଲା ମିନିଟ୍ରକ୍



**ଢେଙ୍କାନାଳ,୩।୨/ଏନ୍ଏନ୍ଏସ୍:** ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟରାସ୍ତାର ବିଜାଡ଼ିହ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ପରିବା ବୋଝେଇ ମିନିଟ୍ରକ୍ ଓଲଟି ପଡ଼ିଥିବା ଜଣାପଡ଼ିଛି। ମାତ୍ର ଅଳ୍ପକେ ଗାଡ଼ି ମାଲିକ ଓ ଡ୍ରାଇଭର୍ ବର୍ତ୍ତି ଯାଇଛନ୍ତି। ତେବେ ମିନିଟ୍ରକ୍‌ଟି ପରିବା ନେଇ କଟକରୁ କାମାକ୍ଷାନଗର ସାପ୍ତାହିକ ହାଟକୁ ଯାଉଥିବାବେଳେ ଏକ ଗାଈ ପଲ ରାସ୍ତା ଉପରକୁ ଚାଲି ଆସିଥିଲେ। ଫଳରେ ଡ୍ରାଇଭର୍ ଜଣଙ୍କ ଗାଈ ପଲକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରି ଦେବାରୁ ଗାଡ଼ିଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

**ଶିକ୍ଷକ ବଦଳିକୁ ନେଇ ତାତିଲେ ଅଭିଭାବକ**

# ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ରାଜନଗର,୩।୨/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ବାଘମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ମାନସରନ ସାହୁଙ୍କୁ ଗରଦପୁର ବ୍ଲକ୍ ଅଣ୍ଡାଳୋ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହାକୁ ପ୍ରତିବାଦ କରି ଅଭିଭାବକମାନେ ଶିକ୍ଷକଙ୍କ ବଦଳି ବାତିଲ ପାଇଁ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୫୨ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ୧୩ ଜଣ ଶିକ୍ଷଥକ ଶିକ୍ଷୟିତ୍ରୀ ଆବଶ୍ୟକ ଥିବାବେଳେ ୯ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ସେଥିମଧ୍ୟରୁ ସହକାରୀ ଶିକ୍ଷକ ଶ୍ରୀ ସାହୁଙ୍କ ବଦଳି ଖବର ଜଣାପଡ଼ିବା ପରେ ଅଭିଭାବକମାନେ ତାତି ଉଠିଥିଲେ। ବ୍ଲକ୍ ସଦରମହକୁମାଠାରୁ ୪୨କିମି ଦୂରରୁ ଆସି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଶିକ୍ଷକ ଶ୍ରୀ ସାହୁଙ୍କ ବଦଳି ବାତିଲ ନହେଲେ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଅଭିଭାବକ ସତ୍ୟବ୍ରତ ପଣ୍ଡା, ସୁମିତ୍ରା ପ୍ରଧାନ, ସରସ୍ୱତୀ ବାରୁଇ, ମୁକ୍ତିପଦ ଖମାରୀ, ସୁବିମଳ ଜାନା, ସୁବୋଧ ଖଣ୍ଡା, ଶୁକଦେବ ପ୍ରଧାନ, ବିଭୂତି ମଣ୍ଡଳ, ଶିବଶଙ୍କର ମଣ୍ଡଳ, ଶମ୍ଭୁ ପଣ୍ଡା ଓ ଶଙ୍କର ସାସମଲ ପ୍ରମୁଖ ଶତାଧିକ ଅଭିଭାବକ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ଶିକ୍ଷାଧିକାରୀଙ୍କ ବଦଳି ତାଲିକାରେ ବାଘମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୨୬ ଓ ୪ ଜଣ ଶିକ୍ଷକ ଥିବା ଦର୍ଶାଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ କରାଇଛି। ବଦଳି ବାତିଲ୍ କରିବା ପାଇଁ ଅନୁରୋଧ କରିଛି ବୋଲି କହିଛନ୍ତି।



## ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କ ବିୟୋଗ



**କେନ୍ଦୁଝର,୩।୨/ଏନ୍ଏନ୍ଏସ୍:** ବୟସ୍କ ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଦଶରଥ ଗିରିଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଗିରି କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚକ ଗ୍ରାମରେ ୧୯୩୪ ମସିହାରେ ଜନ୍ମଗ୍ରହଣ କରି ୧୯୫୩ ମସିହାରେ କେନ୍ଦୁଝର ଜିଲ୍ଲା ବିଚାର ବିଭାଗରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଯୋଗଦେଇ ୧୯୯୪ ମସିହା ଅକ୍ଟୋବରରେ ଦୀର୍ଘ ୪୧ ବର୍ଷ ଚାକିରି କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ମିଷ୍ଟଭାଷୀ ଲୋକ ଥିଲେ। ସ୍ୱର୍ଗତ ଗିରିଙ୍କ ଦେହାନ୍ତରେ କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ସଂଘ ପକ୍ଷରୁ ଏକ ଶୋକସଭା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଅପହରଣ ପରେ ହତ୍ୟା ମାମଲାରେ ସିନ୍ ରିକ୍ରିଏସନ୍

**ବାରିପଦା,୩।୨/ଏନ୍ଏନ୍ଏସ୍:** ବାରିପଦାର ବହୁଚର୍ଚ୍ଚିତ ଜମି ବିକ୍ରି ଟଙ୍କା ଭାଗବାଣ୍ଟକୁ କେନ୍ଦ୍ର କରି ଅପହରଣ ଓ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ ହୋଇଛି। ରବିବାର ରାତିରେ ବେତନଟୀ ଥାନା ଅନ୍ତର୍ଗତ ଜାମଷୋଲ ସଂରକ୍ଷିତ ଜଙ୍ଗଲରୁ ସାଲଖୁ ମାର୍ଣ୍ଡିଙ୍କ ମୃତଦେହ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ତେବେ ଦୁଇ ମୁଖ୍ୟ ଅଭିଯୁକ୍ତ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ଦର୍ଶନ କୁମାର ଭୂୟାଁ ଓ ଝାଡ଼ଖଣ୍ଡର ବହଡ଼ାଗୋଡ଼ା ଥାନା ଅଞ୍ଚଳର ଅମରନାଥ ପଣ୍ଡା କିପରି ସାଲଖୁଙ୍କୁ ହତ୍ୟା କରିଥିଲେ ସେନେଇ ପୁଲିସ ସିନ୍ ରିକ୍ରିଏସନ୍ କରିଛି। ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଥିବାବେଳେ ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତକୁ ଭଞ୍ଜପୁର ଥାନା ପୁଲିସ ଖୋଜୁଛି।

ଦାମୋଦରପୁର ଅଞ୍ଚଳର ସାଲଖୁ ମାର୍ଣ୍ଡି ବାରିପଦାର ୱାର୍ଡ ନମ୍ବର ୧୯ ବଢ଼େଇସାହି ଅଞ୍ଚଳରେ ଭଡ଼ା ସୂତ୍ରରେ ରହୁଥିଲେ। ସେ ଦାମୋଦରପୁର ଅଞ୍ଚଳର ଦର୍ଶନ କୁମାର ଭୂୟାଁ ଓ ଅନ୍ୟମାନଙ୍କ ସହିତ ମିଶି ଜମି କିଣା ବିକା ବ୍ୟବସାୟ କରୁଥିଲେ। ସେମାନଙ୍କ ଜମି ବ୍ୟବସାୟୀରେ ସାଲଖୁ ଟଙ୍କା ବିନିଯୋଗ କରୁଥିବାବେଳେ ଲାଭ ଟଙ୍କାରୁ ଭାଗ ନେଉଥିଲେ। ସାଲଖୁ ନିଜେ ଆଦିବାସୀ ହୋଇଥିବାରୁ ଜମି ବ୍ୟବସାୟୀ ଆଦିବାସୀଙ୍କ ଜମି କିଣାବିକା ପାଇଁ ସାଲଖୁଙ୍କୁ ମୋହରା ସଜାଉଥିଲେ। ଏପରି ଏକ ଜମି ବିକ୍ରି ଟଙ୍କା ଲାଭ ବାବଦକୁ ସାଲଖୁଙ୍କୁ କୁଆଡ଼େ ଦର୍ଶନ ଅଢ଼େଇ କୋଟି ଟଙ୍କା ଦାବି କରିଥିଲେ। ତେବେ ତାଙ୍କର ଖର୍ଚ୍ଚ ସହିତ ଭାଗ ବାବଦକୁ ୪୬ ଲକ୍ଷ ଟଙ୍କା ହେବ ବୋଲି ଦର୍ଶନ କହିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବାରମ୍ବାର ଟଙ୍କା ଦେବେ ବୋଲି କହି ଟଙ୍କା ଦେଉନଥିଲେ। ସାଲଖୁଙ୍କୁ ଏତେ ଟଙ୍କା ନଦେଇ ବାଟରୁ ହଟେଇବା ପାଇଁ ଦର୍ଶନ ସହଯୋଗୀଙ୍କ ସହିତ ମିଶି ଯୋଜନା କରିଥିଲେ। ଏନେଇ ଗତ ଜାନୁଆରୀ ୨୯ ତାରିଖ ସାଲଖୁଙ୍କୁ ବକେୟା ଟଙ୍କା ଦେବେ କହି ଦର୍ଶନ ଡାକିଥିଲା। ଯୋଜନାବଦ୍ଧ ଭାବେ ସାଲଖୁଙ୍କୁ ଏକ ୪ ଚକିଆ ଗାଡ଼ିରେ ନେଇଥିଲେ। ତାଙ୍କ ସହିତ ବହଡ଼ାଗୋଡ଼ାର ସହଯୋଗୀ ମଧ୍ୟ ଥିଲେ। କାର୍ ଭିତରେ ସାଲଖୁଙ୍କ ବେକକୁ ରଶି ସାହାଯ୍ୟରେ ଭିଡ଼ି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ବେତନଟୀ ଥାନା ଅନ୍ତର୍ଗତ ଜାମଶୋଳ ଜଙ୍ଗଲରେ ବର୍ଷା ଜଳ ସଂରକ୍ଷଣ ଲାଗି ବନ ବିଭାଗର ନିର୍ମିତ ଗାତରେ ପକାଇ ଶୁଖିଲା ପତ୍ର ସବୁ ଢାଙ୍କି ଦେଇଥିଲେ। ପଚାଗନ୍ଧକୁ ଏଡ଼ାଇବା ପାଇଁ କିଛି ଦୂରରେ ୩ଟି କୁକୁଡ଼ା ମାରି ପକାଯାଇଥିଲା।



ଅନ୍ୟପଟେ ସ୍ୱାମୀଙ୍କୁ ଅପହରଣ କରାଯାଇଛି ବୋଲି ସାଲଖୁଙ୍କ ପତ୍ନୀ ଝାନ୍ସୀରାଣୀ ମାର୍ଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ଟଙ୍କା ପାଇଁ ସାଥୀ ବ୍ୟବସାୟୀଙ୍କୁ ମାରିଥିବା ନେଇ ପରିବାର ଲୋକ ସନ୍ଦେହ କରିଥିଲେ। ଏନେଇ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଭଞ୍ଜପୁର ଥାନା ଓ ବେତନଟୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ତଲାସି କରିବା ପରେ ମଧ୍ୟ କୌଣସି ସୁରାକ୍ ପାଇନଥିଲା। ମାତ୍ର ସୁରାକ୍ ପାଇ ରବିବାର ସନ୍ଧ୍ୟାରେ ଉପରୋକ୍ତ ସ୍ଥାନରୁ ପୁଲିସ ସଫଳତା ପାଇଥିଲା। ସୋମବାର ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ମୃତ ସାଲଖୁଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

### ସୂର୍ଯ୍ୟମନ୍ଦିର ସମ୍ମୁଖ ହସ୍ତଶିଳ୍ପ ବଜାରରେ ଲାଗିଲା ନିଆଁ

# ଜଳିଗଲା ୧୩ ଦୋକାନ, ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ

**କୋଣାର୍କ,୩।୨/ଏନ୍ଏନ୍ଏସ୍:** ଗତ ରବିବାର ବିଳମ୍ବିତ ରାତ୍ରିରେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ଓଟିଡିସିର ଗୀତାଞ୍ଜଳି ପାଚେରୀକୁ ଲାଗି ରହିଥିବା ହସ୍ତଶିଳ୍ପ ବଜାରରେ ନିଆଁ ଲାଗି ୧୩ଟି ଦୋକାନ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରବିବାର ପ୍ରତିଦିନ ପରି କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ହସ୍ତଶିଳ୍ପ ବଜାରର ବ୍ୟବସାୟୀ ମାନେ ନିଜ କାର୍ଯ୍ୟ ସାରି ଦୋକାନ ବନ୍ଦ୍‌କରି ରାତିରେ ଘରକୁ ଫେରିଥିଲେ। ମାତ୍ର ଅଚାନକ କୌଣସି କାରଣକୁ ନେଇ ଏହି ହସ୍ତଶିଳ୍ପ ବଜାରରେ ବିଳମ୍ବିତ ରାତିରେ ନିଆଁଲାଗି ଯାଇ ହୁହୁ ହୋଇ ଜଳୁଥିବା ଦେଖି ଉପସ୍ଥିତ ଥିବା କେତେକ ସ୍ଥାନୀୟ ଯୁବକ ଓ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍‌ର ସିକ୍ୟୁରିଟି ଗାର୍ଡ ୧୧୨କୁ ଖବର ଦେଇଥିଲେ। ଖବର ପାଇ କୋଣାର୍କ ଚମ୍ପାହର ଅଗ୍ନିଶମ ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିଲା ବେଳେ ଦୋକାନ ମଧ୍ୟରେ ଥିବା ୩ଗୋଟି ଗ୍ୟାସ ସିଲିଣ୍ଡର ଗୋଟିଏ ପରେ ଗୋଟିଏ ଜଳି ଫାଟି ନିଆଁ ଉଗ୍ରରୂପ ଧାରଣ କରିଥିଲା। ନିଆଁକୁ ଆୟତ୍ତ କରିବା ବେଳକୁ ୧୦ଗୋଟି ହସ୍ତଶିଳ୍ପ ଦୋକାନ, ୧ଟି କାଜୁ ଦୋକାନ ଓ ଗୋଟିଏ ଆଇସି ଗୋଲା



ଦୋକାନ ସମ୍ପୂର୍ଣ୍ଣ ଜଳି ପୋଡି ନିମିଷକ ମଧ୍ୟରେ ପାଉଁଶ ହୋଇଯାଇଥିଲା। ଖବର ପାଇ ଘରୁ ଆସି ବ୍ୟବସାୟୀମାନେ ପହଞ୍ଚିଲା ବେଳକୁ ସେମାନଙ୍କ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଥିବା ଦେଖି ମୁଣ୍ଡରେ ହାତଦେଇ ବସି କାନ୍ଦୁଥିବା ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚମ୍ପାହର ଅଗ୍ନିଶମର ଦୀର୍ଘ ସମୟ ଧରି ପ୍ରଚେଷ୍ଟା ଫଳରେ ଆହୁରି ଥିବା ଶତାଧିକ ହସ୍ତଶିଳ୍ପ ଦୋକାନଗୁଡିକ ରକ୍ଷା ପାଇଯାଇଥିଲା। ମାଘସପ୍ତମୀ ବୁଡ଼ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ନଜରରେ ରଖି ଏହି ବ୍ୟବସାୟୀ ମାନେ ନିଜ ନିଜ ଦୋକାନରେ ଲକ୍ଷାଧିକ ଟଙ୍କାର ଜିନିଷ ଆଣି ରଖିଥିଲେ। ରାତି ପାଇଥିଲେ ସକାଳୁ ନିଜର ବ୍ୟବସାୟ କରିଥାନ୍ତେ। ମାତ୍ର ଦୋକାନ ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇଯାଇଛି। ଏ ନେଇ ୧୩ଜଣ ବ୍ୟବସାୟୀ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଆଶଙ୍କାକରି କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ସେମାନଙ୍କର ପୋଡ଼ିଯାଇଥିବା ଅଭିଯୋଗ କରିଛନ୍ତି। ଖବର ପାଇଁ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ନିଆଁ କିପରି ଲାଗିଲା କିଏ ଲଗାଇଲା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେମାନଙ୍କୁ କ୍ଷତିପୂରଣ ଦେବା ସହ ଥଇଥାନ ପାଇଁ ସାହାଯ୍ୟ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି ପୀଡ଼ିତ ବ୍ୟବସାୟୀ।

## କାକଟପୁର ବ୍ଲକ୍ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମାନି ଅଭିଯୋଗ

**କୁଣ୍ଢେଇ,୩।୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାପାଳଙ୍କ ଅଣଦେଖା ଯୋଗୁଁ କାକଟପୁର ବ୍ଲକ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ପ୍ରାୟ ସମସ୍ତ କର୍ମଚାରୀ ସରକାରୀ ସମୟ ନିର୍ଘଣ୍ଟକୁ ଅବମାନନା କରି ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଓ ଯାଉଥିବା ଅଭିଯୋଗ ହୋଇଛି। ସେହିପରି କାକଟପୁର ବ୍ଲକ କାର୍ଯ୍ୟାଳୟରେ ତାଲାପକାଇ କାକଟପୁର ଠାରୁ ୨୫-୩୦କିମି ଦୂର କୋଣାର୍କ ନିକଟସ୍ଥ ରାମଚଣ୍ଡୀଙ୍କ ପୀଠରେ ଗତ ଜାନୁଆରୀ ୩୧ତାରିଖରେ ବ୍ଲକର ମୁଖ୍ୟ କିରାଣିଙ୍କ ଅବସରକାଳୀନ ଉତ୍ସବ ପାଳନ କରିବା କେଉଁ ସରକାରୀ ନିୟମରେ ଅଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଦୂରଦୂରାନ୍ତରୁ ବ୍ଲକକୁ କାମ ପାଇଁ ଆସିଥିବା ସାଧାରଣ ଜନତା ହତୋତ୍ସାହ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ଶୁଣିବାକୁ ମିଳୁଛି କାକଟପୁର ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିମାପଡା ବଜାରରେ ଏକ ଭାଗୀଦାର ବ୍ୟବସାୟ ପ୍ରତିଷ୍ଠାନ ରହିଛି ତାହାକୁ ଦେଖାଶୁଣା କରିସାରିବା ପରେ ପ୍ରତିଦିନ ବିଳମ୍ବରେ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଛନ୍ତି। ତାଙ୍କ କାର୍ଯ୍ୟ ଦେଖିବାକୁ ଜନୈକ କାର୍ଯ୍ୟରତ ଶିକ୍ଷକଙ୍କ ସହାୟତାରେ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ସହାୟକ ଯନ୍ତ୍ରୀଙ୍କ ସହ ସମସ୍ତ କନିଷ୍ଠ ଯନ୍ତ୍ରୀ ପୂର୍ବାହ୍ନରେ ଅଫିସକୁ ନ ଆସି ଅପରାହ୍ନରେ ଅଫିସକୁ ଆସୁଛନ୍ତି, ବିଳମ୍ବର କାରଣ ପଚାରିଲେ ଉତ୍ତରରେ ଫିଲଡ୍‌ରୁ ଫେରୁଛୁ ବୋଲି ସଫେଇ ଦେଉଛନ୍ତି। ବ୍ଲକରେ ବିଡିଓଙ୍କ କ୍ୱାର୍ଟର ଥିଲେ ମଧ୍ୟ ସେ ହେଡ୍‌କ୍ୱାର୍ଟର୍‌ରେ ନ ରହି ଭୁବନେଶ୍ୱରରୁ ଯିବା ଆସିବା କରୁଥିବାରୁ ତାଙ୍କର କର୍ମଚାରୀଙ୍କ ଉପରେ କର୍ତ୍ତୃତ୍ୱ ରହୁନଥିବା ସାଧାରଣରେ ଆଲୋଚନା ହେଉଛି। ବାରମ୍ବାର ବ୍ଲକ ଅଫିସ୍‌ରେ ବାୟୋମେଟ୍ରିକ୍ ଲାଗୁଛି ହେଲେ ବାରମ୍ବାର ଖରାପ ହେଉଛି କି କର୍ମଚାରୀମାନଙ୍କ ଦ୍ୱାରା ତାହାକୁ ଖରାପ କରାଯାଉଛି ତାହାର ତଦନ୍ତ ହେବା ଦରକାର ବୋଲି ସାଧାରଣରେ ଦାବି ହେଉଛି। କାକଟପୁର ବ୍ଲକ କାର୍ଯ୍ୟାଳୟର କେତେକ ଉଚ୍ଚ ଅଧିକାରୀଙ୍କ ଅନିଚ୍ଛା ହେତୁ ଆଉ ବ୍ଲକରେ ବାୟୋମେଟ୍ରିକ୍ ଲାଗୁନାହିଁ। ବ୍ଲକରେ ବାୟୋମେଟ୍ରିକ୍ ଲଗାଇ କର୍ମଚାରୀଙ୍କ ଉପସ୍ଥାପନ ବୃଦ୍ଧି ସହିତ ସାଧାରଣ ଜନତାଙ୍କ ଅସୁବିଧାକୁ ଦୂରୀକରଣ କରିବା ପାଇଁ ପୁରୀ ଜିଲ୍ଲାପାଳ ଦୃଷ୍ଟିଦେବାକୁ କାକଟପୁର ବ୍ଲକର ଜନସାଧାରଣ ଦାବି କରିଛନ୍ତି।

**ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**

## ବ୍ରାହ୍ମଣ ସମାଜ ପୂର୍ବତନ ସଭାପତିଙ୍କ ବିୟୋଗ

**କଣ୍ଟିଲୋ,୩।୨/ଏନ୍ଏନ୍ଏସ୍:** କଣ୍ଟିଲୋ ନୀଳମାଧବ ପୂଜକ ସମାଜର ବରିଷ୍ଠ ସେବାୟତ ତଥା ପୂର୍ବତନ ସଭାପତି ବାଇଧର ମିଶ୍ର (ପଠାଣି)ଙ୍କର ୭୪ବର୍ଷ ବୟସରେ ଗତକାଲି ହୃଦ୍‌ଘାତରେ ବିୟୋଗ ଘଟିଛି। ସେ



ଜଣେ ସ୍ନେହୀ, ପରୋପକାରୀ, ମିଷ୍ଟଭାଷୀ, ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ। ଗତ ୮-୯ ମାସ ପୂର୍ବେ ବଡ଼ପୁଅ ଲକିର ମୃତ୍ୟୁ ପରଠାରୁ ସେ ଏକ ପ୍ରକାର ହତାଶ ଓ ଭାଙ୍ଗିପଡ଼ିଥିବା ତଥା ବହୁ ସମୟ ପୁଅକୁ ଝୁରି ହେବା ସହିତ ପାରିବାରିକ ସମସ୍ୟାକୁ ନେଇ ଚିନ୍ତା ତଥା ମନସ୍ତାପରେ ରହୁଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶବ ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

## ୩୨ତମ ରାଜ୍ୟସ୍ତରୀୟ ଶାରଳା କପ୍: କୁମାରବସ୍ତ ଚାମ୍ପିଅନ୍

**ଅସ୍ତରଙ୍ଗ,୩।୨/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ପଚ୍ଛପଡିଆ ନରେନ୍ଦ୍ର ଷ୍ଟାଡିୟମରେ ୩୨ତମ ଶାରଳା କପ୍ ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଢେଙ୍କାନାଳ କ୍ରିକେଟ କ୍ଲବ ଢେଙ୍କାନାଳ ବନାମ କୁମାରବସ୍ତ ଖୋର୍ଦ୍ଧା। ପ୍ରଥମେ ଟସ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା ଏହାର ଜବାବରେ କୁମାରବସ୍ତ ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରିଥିଲା। କୁମାରବସ୍ତ ଖୋର୍ଦ୍ଧା ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୮୧ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୦ବଲ୍‌ରୁ ୫୦ ରନ କରିଥିଲେ। ଢେଙ୍କାନାଳ ତରଫରୁ ମଳୟ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଢେଙ୍କାନାଳ କ୍ରିକେଟ କ୍ଲବ ୧୮୨ରନ ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ୨୦ଓଭରରେ ୧୭୧ରନ କରି ପରାଜୟ ହୋଇଥିଲା ଢେଙ୍କାନାଳ। ଢେଙ୍କାନାଳ କ୍ରିକେଟ କ୍ଲବ ତରଫରୁ ବିକାଶ ରାଉତ ୪୮ରନ ସଂଗ୍ରହ କରିଥିଲେ। କୁମାରବସ୍ତ ତରଫରୁ ଚାମିଣ୍ଡା ସିଭା ୩ଉଇକେଟ ନେଇଥିଲେ। ଯାହାକି ଚଳିତ ବର୍ଷ ୩୨ତମ ଶାରଳା କପ୍ ବିଜେତା କୁମାରବସ୍ତ ଖୋର୍ଦ୍ଧାକୁ ଟ୍ରଫି ସହ ୩୩ହଜାର ୩୩୩ଟଙ୍କା ଓ ରନର୍ସଅପ୍ ଦଳ ଢେଙ୍କାନାଳ କ୍ରିକେଟ କ୍ଲବ୍‌କୁ ୨୨ହଜାର ୨୨୨ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶାରଳା କ୍ଲବ୍ ସଭାପତି ଯୁଗଳ କିଶୋର ମହାନ୍ତିଙ୍କ ଦ୍ୱାରା ମ୍ୟାନ୍ ଅଫ୍ ଦି ମ୍ୟାଚ ଅଭିଷେକ ପଟ୍ଟନାୟକ ଓ ମ୍ୟାନ୍ ଅଫ୍ ଦି ସିରିଜ କୁମାରବସ୍ତ ଖୋର୍ଦ୍ଧାର ଅସୀମା ନନ୍ଦ ଧଳବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଡ୍ୟାନ୍‌ସି ଅମ୍ପାୟାର ମାଷ୍ଟର ସନ୍ତୋଷ ଓ ମାଷ୍ଟର ଡୋକମ୍ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ଼ଃ ଦେବେନ୍ଦ୍ର



ତରାଇ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପ୍ରତାପ ପରିଡା, ମହାପାତ୍ର ମହୋଦଧି, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମାଜସେବୀ ଦିବାକର ଛାଟୋଇ, ଦୁର୍ଜୟ ମିଶ୍ର ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଇନ୍ଦ୍ରମଣି ଜେନା, ସସ୍ମିତା ପଣ୍ଡା ଓଡ଼ିଆ ଚଳଚ୍ଚିତ୍ର ହିରୋଇନ୍, ଅନନ୍ୟା ଅନୁପମା ତୁ ଖରା ମୁଁ ଛାଇ ଅଭିନେତ୍ରୀ ଯୋଗଦେଇଥିବା ବେଳେ କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ନଟକିଶୋର ମହାନ୍ତି, ଚୈତନ୍ୟ ମହାନ୍ତି, ଚଗଲି ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପିନାଥପୁର ପ୍ରିମିୟର୍ ଲିଗ୍ କ୍ରିକେଟ୍ ଉଦ୍‌ଯାପିତ

## ରୟାଲ୍ ଇଲେଭେନ୍ ଷ୍ଟାର୍ ଚାମ୍ପିଅନ୍

**କଣାସ,୩।୨/ଏନ୍ଏନ୍ଏସ୍:** କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର ଗୋପୀନାଥପୁର ଗ୍ରାମର ଦୟା ଖେଳ ପଡିଆରେ ଚାଲିଥିବା ଚୁତୁର୍ଥ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ଗତକାଲି ଉଦଯାପିତ ହୋଇଯାଇଛି। ରୟାଲ ଇଲେଭେନ ଷ୍ଟାର ଚାମ୍ପିଅନ୍ ହୋଇଛି। ଫାଇନାଲ ମ୍ୟାଚ ରୟାଲ ଇଲେଭେନ ଷ୍ଟାର ସାନଓରା ଓ ଥ୍ରୀ ଷ୍ଟାର ନୂଆଗାଁ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ ଷ୍ଟାର ଟସ ଜିତିବା ପରେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଥ୍ରୀ ଷ୍ଟାର ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୫ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ରୟାଲ ଇଲେଭେନ ଷ୍ଟାର ୧୧.୧ ଓଭରରେ ୩ ଉଇକେଟ ହରାଇ ୧୮୦ରନ କରି ଚଳିତ ବର୍ଷ ପାଇଁ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ଇଲେଭେନ ଷ୍ଟାର ନବଘନ ସାହୁ ମ୍ୟାନ ଅପ ଦ ମ୍ୟାଚ ହୋଇଥିବାବେଳେ ଲାଲୁ ସାହୁ ମ୍ୟାନ ଅପ ଦ ସିରିଜ ହୋଇଥିଲେ। ଖେଳପରିଚାଳନା କରିଥିଲେ ଅକ୍ରୁର ପରିଡା ଓ ସନାତନ ସାମନ୍ତରାୟ। ମା ଡୋମଣୀ କ୍ଲବ ଗୋପୀନାଥପୁରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଶରତ ଜୟସିଂହ, କିଶୋର ସାମନ୍ତସିଂହାର, ସାଗର ପ୍ରଧାନ, ବେଣୁଧର ଶ୍ରୀଚନ୍ଦନ, ପଞ୍ଚାନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମିଳନ କପ୍ ଫୁଟ୍‌ବଲ୍ ଉଦ୍‌ଯାପିତ: କୁରାଙ୍ଗ ଚାମ୍ପିଅନ୍



**କଣ୍ଟାପଡ଼ା,୩।୨/ଏନ୍ଏନ୍ଏସ୍:** କୁରାଙ୍ଗଶାସନ ପଞ୍ଚାୟତ ଉତ୍ତମାପୁର (ଗଙ୍ଗେଶ୍ୱର)ଠାରେ ଚାଲିଥିବା ୨୧ତମ ବାର୍ଷିକ ମିଳନ କପ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ କୁରାଙ୍ଗର ଆୟୁବ ଫୁଟବଲ କ୍ଲବ ଚମ୍ପିଆନ ହୋଇଛି। ଫାଇନାଲ ଖେଳରେ କୁରାଙ୍ଗ ଗଣ୍ଡରପୁର ଫୁଟବଲ ଦଳକୁ ଏକ ମାତ୍ର ଗୋଲରେ ହରାଇ ବିଜୟୀ ହୋଇଥିଲା। ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ.ସୁଶାନ୍ତକୁମାର ତ୍ରିପାଠୀ, ସମାଜସେବୀ ଗିରୀଶ ପଟ୍ଟାଡ଼ିଆ, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ପାତ୍ର, ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ସାଂସଦଙ୍କ ପ୍ରତିନିଧି ଦିଲୀପକୁମାର ପାତ୍ର, ବିଜୟକୁମାର ସାହୁ, ଅରୁଣକୁମାର ସାହୁ ପ୍ରମୁଖ ଅତିଥିରୂପେ ଯୋଗଦେଇ ଚମ୍ପିଆନ ଓ ରନର୍ସଅପ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ହଜାର ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

ମିଳନ କ୍ଲବ ସଭାପତି ମହମ୍ମଦ ସିରାଜୁଦ୍ଦିନ, ସମ୍ପାଦକ କସର ମହମ୍ମଦ ଓ ଅମଜାନ ମହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଫକିର ମହମ୍ମଦ, ମହମ୍ମଦ ରିୟାଜୁଦ୍ଦିନ, ସୌମ୍ୟରଞ୍ଜନ ମଲିକ, ଜାଫର ଇକବାଲ, ନସିମ ମହମ୍ମଦ, ସବୀର ମହମ୍ମଦ, ଆବିଦ ମହମ୍ମଦ, ମହମ୍ମଦ ତବରଖ, ସାହିଲ ଆଜାଦ ଓ ମିଳନ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

## କଣ୍ଟିଲୋ କ୍ରିକେଟ୍ ଲିଗ୍: ବରୁଣେଇ-ଇ ଟିମ୍ ବିଜୟୀ

**କଣ୍ଟିଲୋ,୩।୨/ଏନ୍ଏନ୍ଏସ୍:** ବରୁଣେଇ କ୍ରିକେଟ ଲିଗ୍ ପ୍ରତିଯୋଗିତାରେ ଆଜି ବରୁଣେଇ ଇ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୬ ୱିକେଟ ହରାଇ ୧୪୪ ରନ୍ କରିଥିଲା। ଏହାର ଜବାବରେ ମାଧପୁର କ୍ରିକେଟ ଟିମ୍ ୭ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୨୨ରନ୍ କରିବାକୁ ସମର୍ଥ ହୋଇ ଥିବାରୁ ବରୁଣେଇ ଇ ଟିମ୍ ୧୨୨ ରନ୍‌ର ଏକ ବୃହତ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ବିଜୟୀ ଦଳର ପ୍ରତୀକ ସାହୁ ଆଜିର ଶ୍ରେଷ୍ଠ ଖେଳାଳି ଚୟନ ହୋଇଥିବା ବେଳେ ଶିବନାରାୟଣ ସାହୁ ଓ ଚନ୍ଦନ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତାକାଲି ଠାରୁ କ୍ୱାର୍ଟର ଫାଇନାଲ ମ୍ୟାଚ ଦିନକୁ ଦୁଇଟି ଲେଖାଏ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ଟି ରାଜୀବ ସହିତ ବାହାଡ଼ା ଓ ଦ୍ୱିତୀୟ ମ୍ୟାଚଟି କାନପୁର ସହିତ ଶାଳଝରିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।




## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ

**ସାକ୍ଷୀଗୋପାଳ,୩।୨/ଏନ୍ଏନ୍ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୬ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। +୩ ଛାତ୍ର ସଂସଦ, +୨ ସାଂସ୍କୃତିକ ପରିଷଦ, ନାଟ୍ୟ ପରିଷଦ ଓ ଛାତ୍ର ଛାତ୍ରୀ ତଥା କମନ୍ ରୁମ୍ କ୍ଲବ୍‌ର ମିଳିତ ଅନୁକୂଲ୍ୟ ରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ପ୍ରଭାତ କୁମାର ମିଶ୍ର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ସତ୍ୟ ଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମାରୋହ ର ଉଦଘାଟନ କରି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର ଛାତ୍ରମାନେ ଖାଲି ସ୍ୱପ୍ନ ଦେଖିଲେ ହେବ ନାହିଁ ବରଂ ସ୍ୱପ୍ନକୁ ସଫଳ କରିବା ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଡ. ପ୍ରଭାତ କୁମାର ମିଶ୍ର ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କଲେ ସଫଳ ହୋଇପାରିବେ ବୋଲି ମତଦେଇଥଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସତ୍ୟ ଶିବ ସୁନ୍ଦର ମିଶ୍ର ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳାବୋଧ ର ପ୍ରଶଂସା କରିବା ସହ ଉତ୍ତମ ଚରିତ୍ର ସେମାନଙ୍କର ପ୍ରକୃତ ପୁଞ୍ଜି ବୋଲି କହିବା ସହ ଅତିଥିମାନଙ୍କ ସମ୍ମୁଖରେ ଅନୁଷ୍ଠାନର ଭିତ୍ତିଭୂମିର ଅଭାବ ଜନିତ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ




ପ୍ରାରମ୍ଭରେ ପ୍ରା. ଶୁଭ୍ରଦୀପ୍ତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦର ବରିଷ୍ଠ ଉପଦେଷ୍ଟା ପ୍ରାଧ୍ୟାପକ ରତ୍ନାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ଶୁଭ୍ରା ଶୁଭଦର୍ଶିନୀ ମହାରଣା ବେଦ ପାଠ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଏ . ଡି ମହାବିଦ୍ୟାଳୟ, ବ୍ରହ୍ମଗିରିର ଗଣିତ ବିଭାଗ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମାନ୍ଧାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଗତ ବର୍ଷର ଯୁକ୍ତଦୁଇର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବରେ କଳା ବିଭାଗରେ ଅନିମା ଖଟୋଇ, ବାଣିଜ୍ୟ ବିଭାଗରେ ରାଜଲକ୍ଷ୍ମୀ ପ୍ରଧାନ ଓ ବିଜ୍ଞାନ ବିଭାଗରେ ବାସୁଦେବ ପଣ୍ଡା ଏବଂ ଯୁକ୍ତତିନିର ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବରେ କଳା ବିଭାଗରେ ଶିବାନୀ ସାମନ୍ତରାୟ, ବାଣିଜ୍ୟ ବିଭାଗରେ ପ୍ରଭୁପ୍ରସାଦ ମିଶ୍ର ଓ ବିଜ୍ଞାନ ବିଭାଗରେ ହରିଶଙ୍କର ସାହୁଙ୍କୁ ଅତିଥିମାନେ ନନ୍ଦନନ୍ଦନ ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ର ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପିକା ସୁଜାତା ମହାପାତ୍ର ସଂଯୋଜନା କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra